

Digitized by srujanika@gmail.com

ଶାମୁକା ଆଖିରେ ଲୁହ

ଲେଖକ :

ପ୍ରେମଭୂଷଣ ଆନନ୍ଦ ଚନ୍ଦ୍ର

ପ୍ରକାଶକ :

କ୍ୟାପିଟାଲ ଷ୍ଟୁଡେଣ୍ଟସ୍ ଷ୍ଟୋର

୧୪୫-ଅଶୋକ ନଗର

ଭୁବନେଶ୍ୱର-୯

Digitized by srujanika@gmail.com

ଶାମୁକା ଆଖିରେ ଲୁହ (କ୍ଷୁଦ୍ରଗଳ୍ପ)
ଲେଖକ :
ପ୍ରେମଭୂଷଣ ଆନନ୍ଦ ଚନ୍ଦ୍ର
ପ୍ରକାଶକ :
ବିପ୍ରଚରଣ ଦାଶ
କ୍ୟାପିଟାଲ ଷ୍ଟୁଡେଣ୍ଟସ୍ ଷ୍ଟୋର
୧୪୫–ଅଶୋକ ନଗର,
ଭୁବନେଶ୍ୱର–୯
ପ୍ରଥମ ସଂସ୍କରଣ–୧୯୯୦
ମୁଦ୍ରଣ :
ମନୋରମା ପ୍ରେସ୍
ବୁଦ୍ଧେଶ୍ୱରୀ କଲୋନୀ
ଭୁବନେଶ୍ୱର–୬
ପ୍ରଚ୍ଛଦ–ଶରତ ଚନ୍ଦ୍ର ମୁଦୁଲି
ମୂଲ୍ୟ–ପନ୍ଦରଟଙ୍କା

Samuka Akhire Luha (Short Storie

Written by :
Prema Bhusan Ananda Chand

Published by :
Bipra charan Dash
Capital Students Store
145-Ashok Nagar
Bhubaneswar-9

First Edition : 1990

Printed by :
Manorama Press
Bhubaneswar-6

Design : Sarat Chandra Muduli

Price : 15/— (Fifteen only)

Digitized by srujanika@gmail.com

ଉତ୍ସର୍ଗ

ଯାହାଙ୍କ ସାହିତ୍ୟାନୁରାଗ ଓ ଗଭୀର ସହୃଦୟତା ନିକଟରେ ମୁଁ ଚିର କୃତଜ୍ଞ, ଯାହାଙ୍କ ପ୍ରଚ୍ଛନ୍ନ ପ୍ରେରଣା ଆଜି ପ୍ରତ୍ୟକ୍ଷତାର ସଫଳ ସ୍ୱାକ୍ଷର ବହନ କରି ମୋ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି, ଏବଂ ମୋ ଜୀବନର ଶୂନ୍ୟପାତ୍ରକୁ ଆକୁଣ୍ଠ ଆଶୀର୍ବାଦର ସଂପୂର୍ଣ୍ଣ ଭୋଗ ପସରାର ସ୍ମାରକୀ ସ୍ୱରୂପ ପିତୃତ୍ୱର ମହାନ ମର୍ଯ୍ୟାଦାକୁ ଯୁଗଜୟୀ କରିବା ପାଇଁ ଏକ ବ୍ୟବଧାନ ଶୂନ୍ୟ ଶୁଭାଶୀଷ ସମ୍ପର୍କ ସୃଷ୍ଟି କ୍ଷେତ୍ରରେ ମୋତେ ଚୁମ୍ବକୀୟ ଆକର୍ଷଣର ଆହ୍ୱାନ ଦେଇଛି, ସେହି ମହାନ ବ୍ୟକ୍ତିତ୍ୱ ମୋର ପ୍ରାତ ସ୍ମରଣୀୟ, ପୂଜ୍ୟପାଦ ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମହାନ୍ତିଙ୍କ କର କମଳରେ ମୋର କ୍ଷୁଦ୍ର ଗଳ୍ପ ସଂକଳନ 'ଶାମୁକା ଆଖିରେ ଲୁହ'କୁ ଅର୍ପଣ କରୁଛି ।

ଗୁଣମୁଗ୍ଧ

ଆନନ୍ଦ

Digitized by srujanika@gmail.com

ଲେଖକୀୟ

ସମାଜର ଗତାନୁଗତିକତା, ପ୍ରଚଳିତ ପରଂପରାର ଏକ ସାମୟିକ ପ୍ରଭାବରୁ ଗଳ୍ପର ସୃଷ୍ଟି । ସମୟ କ୍ରମେ ସେଥିରେ ଯେତେବେଳେ ବ୍ୟତିକ୍ରମ ପରିଲକ୍ଷିତ ହୁଏ, ତାର ପରିଣତି ହୁଏତ କାହାକୁ ବିପଥଗାମୀ କରେ, କାହାକୁ ପୁଣି ସମାଜ ଶୃଙ୍ଖଳିତ ମଣିଷ ଭାବରେ ପରିଚିତ କରାଇଥାଏ । ତାର ଅବଚେତନ ମନରେ ଦୃଢ଼ ଭାବାବେଗର ଏକ ଅପ୍ରତିହତ ପ୍ରବାହ ମଧ୍ୟ ସୃଷ୍ଟି କରେ ।

'ଶାମୁକା ଆଖିରେ ଲୁହ' ସାମୟିକ ଏକ କ୍ଷୁଦ୍ର ଗଳ୍ପ ସଂକଳନ । ସେଥିରେ କି ସମାଜର ଘଟଣା ପ୍ରବାହ, ସାଧାରଣ ଜୀବନଧାରାର ଯଥାର୍ଥ ପ୍ରତିଫଳନ ହୋଇଛି କି ନାହିଁ ମୁଁ କହିବିନି, ମାତ୍ର ବହୁ ଆୟାସ କ୍ରମେ ପ୍ରଚେଷ୍ଟା କରିଛି । ମଣିଷର ସଂଘର୍ଷ-ସଂଘାତ, ବିକୃତ-ବିମର୍ଷ, ଜୀବନ-ଯନ୍ତ୍ରଣା ତାକୁ ଯେ କେତେବେଳେ କେଉଁ ଭାବରେ ଦଣ୍ଡାୟମାନ କରେ, ଅନୁଭବୀ ଭିନ୍ନ ଅନ୍ୟ କେହି ଏହାର ସତ୍ୟତା ଉପଲବ୍ଧି କରି ପାରିବେନି ।

ମଣିଷ ଜନ୍ମ ମାତ୍ରେ ସମାଜବାଦୀ ଓ ସଚେତନଶୀଳ ନିଶ୍ଚୟ । ଏହାର ଉପାଦେୟତା ଉପଲବ୍ଧି କରି ଜାତିର ଜନକ ଗାନ୍ଧୀଜୀ ଦିନେ ରାମରାଜ୍ୟର ପରିକଳ୍ପନା କରିଥିଲେ । ମାତ୍ର ଏହି ମଣିଷ ଦ୍ୱାରା ହିଁ ତାର ବ୍ୟତିକ୍ରମ ଘଟିଛି । ଏ ମଣିଷ ସମାଜକୁ ଗଢ଼ିବାରେ ମହାପ୍ରସାଦର ମହାର୍ଘତା ଯେତିକି ସୃଷ୍ଟି କରିଛି, ସେତିକି ମଧ୍ୟ ପାପ-ପଙ୍କିଳ, ପତିତ-ପଲ୍ଲୋକ କରିଛି ଏ ଜାତିକୁ, ଏ ଧର୍ମକୁ, ଏ ସଂସ୍କୃତିକୁ, ସର୍ବୋପରି ଏ ମଣିଷକୁ । ଯେମିତି ଏହାର ଶୀକାର ଶରବ୍ୟ ହୋଇଛନ୍ତି ନିଶାପ ଗୋବର୍ଦ୍ଧନ, ଦୁଃଖିଭ, ନରହରି, ଲକ୍ଷ୍ମୀଗନ୍ଧା ଓ ଆହୁରି ଅନେକ ।

ଆଖି ବଢ଼ାଇଲେ ଏମିତି ଅପାଦେୟ ଅନେକ ଚରିତ୍ର ଦୃଷ୍ଟିକୁ ଆସନ୍ତି । ମଣିଷ କବଳିତ ନିର୍ମମ ନିଷ୍ପେଷଣ ଭିତରେ ଯେଉଁମାନଙ୍କ ଜୀବନରେ ବହିଯାଇଛି । ଏକ ହାନ୍ତକାରୀ ଝଞ୍ଜା ।

Digitized by srujanika@gmail.com

କେତୋଟି ଗଳ୍ପର ସମାହାରରେ ଏ ସଂକଳନର ସୃଷ୍ଟି । ଦେବତା ଗଢିବାର ପ୍ରୟାସ ମଣିଷ କରୁଥିଲେ ହେଁ ବେଳେବେଳେ ତାହା ମାଙ୍କଡକୁ ରୂପାନ୍ତରିତ ହୋଇଯାଏ, ଏହାର ସତ୍ୟତାକୁ କେହି ନା କେହି ନିଶ୍ଚୟ ଅନୁଭବ କରିଥିବେ ।

ତା ସତ୍ତ୍ୱେ ବି ଏଥିପ୍ରତି ଯେ କାହାର କ୍ରୂର କଟାକ୍ଷ ନାହିଁ, ତାହା ମୁଁ କହିବନି ।

ମାତ୍ର ଯେଉଁମାନେ ସମ୍ବେଦନଶୀଳ, ମାନବବାଦୀ, ସେମାନେ ସେହି ଦୁର୍ବିନୀତ କଟାକ୍ଷକାରୀ ମାନଙ୍କୁ ସୁପଥଗାମୀ କରି ପାରିଲେ ଏ ଦେଶ, ଜାତିର କିଛି ପରିବର୍ତ୍ତନ ହେଲା ବୋଲି ମଣିଷ ଆତ୍ମ ପ୍ରତ୍ୟୟ ଲାଭ କରିବ ।

ବିଳମ୍ବରେ ହେଉ ପଛେ ସଂକଳନଟି ଆତ୍ମ ପ୍ରକାଶ କରିଛି । ସେଥିପାଇଁ ପ୍ରକାଶକ ବନ୍ଧୁ ଶ୍ରୀଯୁକ୍ତ ବିପ୍ର ଚରଣ ଦାଶଙ୍କୁ ଅନ୍ତରତମ କୃତଜ୍ଞତା ଏହି ଅବସରରେ । ଇର୍ଷାକାତର କେତେକ ପ୍ରତିଷ୍ଠାବିହୀନ ଅପ୍ରତ୍ୟାଶିତ ଅସାହିତ୍ୟିକଙ୍କର ସ୍ୱରସାମ୍ୟ ହୀନ ସାହିତ୍ୟ ସୃଷ୍ଟିରେ ଏ ଜାତିର ସଂସ୍କୃତି ତଥା ଜନଜୀବନ ବିକଳାଙ୍ଗ ହୋଇ ପଡୁଥିବାବେଳେ, ଅନ୍ୟତମ ସୁସାହିତ୍ୟିକ, ମୋର ଏକାନ୍ତ ସ୍ମରଣୀୟ କବିଗୁରୁ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ବାରିକଙ୍କ ଉଚ୍ଚାଦର୍ଶ ପରାମର୍ଶ ମୋ ସାହିତ୍ୟକୁ ପ୍ରୋତ୍ସାହିତ କରିଛି, ଏହା ମୁଁ ନିର୍ବିବାଦରେ କହିବି ।

ଶେଷରେ ଓଡ଼ିଶାର ଅଗଣିତ ସାହିତ୍ୟପ୍ରେମୀ ସହୃଦୟ ପାଠକ ବନ୍ଧୁ ଭାଇ ଭଉଣୀ ମାନଙ୍କ ଉପରେ ସଂକଳନର ପ୍ରତ୍ୟେକଟି ଗଳ୍ପର ନିରପେକ୍ଷ ମନ୍ତବ୍ୟ ଦାୟି କରି ମୁଁ ମୋର ମୁଖବନ୍ଧ ଶେଷ କରୁଛି ।

ଲେଖକ

Digitized by srujanika@gmail.com

ପୃଷ୍ଠା ଓଲଟାଇଲେ

କ୍ରନଂ.	ବିଷୟ	ପୃଷ୍ଠା
୧–	ମନ ଅରଣ୍ୟ	୧
୨–	ଚକ୍ରାନ୍ତ	୯
୩–	ନାଥବାଦି	୧୮
୪–	ଅଙ୍ଗାର ଚିଠି	୨୯
୫–	ତଥାପି ମୁଁ ପାଞ୍ଚ ପୁତ୍ରର ଜନନୀ	୩୭
୬–	ମାଷ୍ଟର କୁଟିର	୪୭
୭–	ମୁଁ କାଠଗଡାରୁ କହୁଛି	୬୨
୮–	ଶାମୁକା ଆଖିରେ ଲୁହ	୭୪
୯–	ଟର୍ଣ୍ଣାଡୋ	୮୨

–୦–

Digitized by srujanika@gmail.com

ମନ ଅରଣ୍ୟ

ବେଳେବେଳେ ଦୁଇ ହଠାଶିଆ ଉଦାସ ନୟନରେ ସେ ଆକାଶକୁ ଚାହିଁ ରହିଥାଏ । କେଉଁଠି କେମିତି ଖଣ୍ଡିଏ ଖଣ୍ଡିଏ କଳାମେଘ କଡ ଲେଉଟାଇ ପାର୍ଶ୍ୱ ପରିବର୍ତ୍ତନ କରୁଥାନ୍ତି ଆକାଶର ସୁନୀଳ ବିସ୍ତୃତ ଶଯ୍ୟାରେ । ତାରା ଗୁଡ଼ିକ ସତେ ଯେମିତି ଜଗତ ପ୍ରହରୀ ପରି ଜଗି ବସିଥାନ୍ତି ତାକୁ କେନ୍ଦ୍ର କରି । ହଠାତ୍ ଆଖି ଦୁଇଟି ତାର ଅଟକି ଯାଏ ସେଇଠି, ଯେଉଁଠି ସପ୍ତର୍ଷି ମଣ୍ଡଳ ଭିତରେ ବଶିଷ୍ଠ ପାଖରେ ଦେଖା ଯାଉଛନ୍ତି ଅରୁନ୍ଧତୀ । ଅତୃପ୍ତ ମନ, ଅଶାନ୍ତ ଶରୀର, ଅବଶ ଅଙ୍ଗଲତା ଭିତରେ ତାଙ୍କର ମନର କଥା ସବୁ ଯେମିତି ଗୋଟି ଗୋଟି ହୋଇ ପଡି ହୋଇଯାଉଛି ।

ନୀରବ ନିସ୍ପନ୍ଦ ପରିବେଶ ଭିତରେ ସବୁ ଶୂନ୍ୟତାର ଆତ୍ମଲିପି ।

ହଠାତ୍ ଆଖିଦୁଇଟା ପୁଣି ଥରେ ତାର ଫେରି ଆସିଲା ଧୂଳିର ଧରଣୀକୁ ବଙ୍କ ବିହୀନ ଏକ ସୀମାନ୍ତ ସରଳରେଖା ପରି । ଦାଣ୍ଡ ଉପର ଦେଇ ଲମ୍ବି ଚାଲି ତୁଳସୀ ଚଉଁରା ମୂଳରେ ଠିଆ ହୋଇଥିବା ଟଗରଶିଉଳି ଗଛ ଉପରକୁ । ଜୀବନର ବସନ୍ତ ସମୟରେ ଅଜସ୍ର ସୃଷ୍ଟି ତ ଫୁଲର ସମ୍ଭାରକୁ ନେଇ ହୁଏତ ଦଶ ବର୍ଷ ହେବ ଗଛଟି ସେଇଠି ସେମିତି ଠିଆ ହୋଇଛି । କାହିଁକି କେଜାଣି, ମନରେ ତାର ଏକ ଅବ୍ୟକ୍ତ ଉଦ୍‌ବେଳନ ସୃଷ୍ଟି ହେଲା । ସୁନ୍ଦର ଫୁଲ ଗୁଡ଼ିକର ସୌରଭରେ ଉନ୍ମାଦନା ଅଛି । ଉଜ୍ଜ୍ୱଳ୍ୟ ବି ଅଛି ଆତ୍ମାର ଫୁଟିବା ପାଇଁ କିନ୍ତୁ କାହିଁକି······ ? କାହିଁକି ସେ ଏତେ ନିସର୍ଗ ସୁଷମାକୁ ନେଇ ଫୁଟେ ? କାହା ପାଇଁ ବା ଫୁଟେ ? ପୁଣି ସକାଳ ହେଉ ନ ହେଉଣୁ ବୃନ୍ତଚ୍ୟୁତ ହୋଇ ଝରି ପଡେ ପୃଥିବୀକୁ । ଅଙ୍ଗରେ ଅପୂରନ୍ତ କମନୀୟତା, ମନରେ ବାସ ସୁରଭିତ ଅପୂର୍ବ ଶିହରଣ ଥିଲେ ବି ସେ କାହାର ହୋଇ ପାରେନା । କେହି ତାକୁ ଆଦରି ନିଅନ୍ତିନି । ତାର ଅବସନ୍ନତା ସମୟରେ କେହି ତାକୁ ସମବେଦନା ଜଣାନ୍ତିନି । ତାର ମୃତ୍ୟୁରେ କାହାରି ଆଖିରୁ ବିନ୍ଦୁଏ ଲୁହ ବି ଝରେନା ।

Digitized by srujanika@gmail.com

ମଣିଷର ଜୀବନ ତାହେଲେ କ'ଣ ଏହିପରି ନିସଙ୍ଗ ? ସମାଜ ପ୍ରତି ତାର କୌଣସି ଅବଦାନ ନାହିଁ ! ସେ ଯେମିତି ଆସିଥାଏ ସେହିପରି ବିଦାୟ ନେବାକୁ ହୁଏ !!

ଗୋଟିଏ ଦୀର୍ଘ ନିଶ୍ୱାସ ଭିତରେ ସେ ଆଉଜିକେ ଦୁଆର ବନ୍ଧକୁ ଆଉଜି ବସିଲା ।

ନାରୀ ସେ । ଭଗବାନ ତାକୁ ମଣିଷଟିଏ କରି ଦେହରେ ବହଳ ମାଂସର ଶିରା ସନ୍ଧାରିକୁ ଦେଇ ପୃଥିବୀକୁ ଆଣିଲେ । ମନରେ କେତେ ନୂଆ ଆଶା ଆକାଂକ୍ଷା, ଭ୍ରମର ନୀଳ ଦୁଇ ଆଖିରେ କେତେ ବହଳ ନିଦ ଓ ସୁନେଲି ସ୍ୱପ୍ନ, ମନ୍ଦାରନାଲି ସରୁ ଦୁଇ ଓଠ ଧାରରେ ଧାରିତରଳ କେଇ ବିନ୍ଦୁ ସ୍ୱର୍ଣ୍ଣ ହସ ଗୁଞ୍ଜ, ଗୋଟିଏ ପରିବାରରେ ଜନ୍ମ ଦେଇ ଆଉ ଗୋଟିଏ ପରିବାରକୁ ନେଇ ଆସିଲେ ।

ସେଇଠି ସେ ତାର ଜୀବନକୁ ସାର୍ଥକ କରିବ । ଜୀବନର ପ୍ରିୟତମଙ୍କ କୋଳରେ ଶୋଇ ସେ ହେବ ଅନ୍ୟ ଏକ ସ୍ରଷ୍ଟା ।

ନାରୀର ଜନ୍ମ ସୃଷ୍ଟି ପାଇଁ । ସବୁ ଶକ୍ତିର ବିନିମୟରେ ସେ ଅନ୍ୟ ଏକ ନୂତନ ପୃଥିବୀ ସର୍ଜନା କରିବ । ଯେଉଁଠି ସ୍ନେହ, ପ୍ରେମ, ମମତା, ବାତ୍ସଲ୍ୟ ହାତ ଯୋଡି ହଲାଇ ତା ପୃଥିବୀର ସ୍ତୁତୀପଦ ପାଠ କରିବେ । ତାର ସୃଷ୍ଟି-ପାଇଁ ତାକୁ କୃତଜ୍ଞତା ଜଣାଇବେ । ଆଉ କିଛି ନହେଲେ ବି ତାର ଜୀବନର ଅନ୍ତିମ ମୁହୂର୍ତ୍ତରେ ଟୋପାଏ ନିର୍ମାଲ୍ୟ ପାଣି ଟେକି ଦେବେ ତା ମୁହଁରେ ।

ତଥାପି ସେ ଶୂନ୍ୟତାର ମହାଶୂନ୍ୟରେ ଅଙ୍କକୁ ଗୃହବର୍ଷ ହେବ ପଦଗ୍ଭରଣ କରି ଆସୁଛି । ସବୁ ଥାଇ ବି କିଛି ନଥିବାର ନିସଙ୍ଗତା ଅନୁଭବ କରି ଆସୁଛି । ଯାହାଙ୍କ ପାଇଁ ଦିନେ ସେ ତାର ମୃଣାଳ କୋମଳ ହାତରେ କାଚ କଙ୍କଣର ଝୁମୁରୁ ଝୁମୁରୁ ଶବ୍ଦ ଶୁଣିଥିଲା, ମୁଣ୍ଡର ଦୁଇ ପାର୍ଶ୍ୱକୁ ଚପି ଧରିଥିବା ଲମ୍ବ ମସୃଣ କଳାକେଶ ବିଥିକାବେ ମଧ୍ୟ ଭାଗରେ ସିନ୍ଦୂରର ଗୋଟିଏ ନାଲି ସଡ଼କ ବାନ୍ଧିଥିଲା । ଯେହି ସ୍ୱାମୀ ଦେବତା ସ୍ୱୟଂ ତାର ନିକଟରେ

Digitized by srujanika@gmail.com

ବିଗଳିତ । ଗୃହର ସ୍ବଚ୍ଛକାନ୍ତ ଭିତରେ ସେ ତାର ସ୍ୱାମୀକୁ ନେଇ ସଂସାର କରିଛି । ହେଲେ ସେ ଏକାନ୍ତ ଭାବରେ ଏକାକିନୀ । ସଂପୂର୍ଣ୍ଣ ନିସଙ୍ଗ ତାର ଜୀବନ ଯୌବନ ।

ଅନେକଥର ସେ କ୍ଷୁଧାତୁର ପ୍ରାଣରେ ହାତ ପାତିଛି ସ୍ୱାମୀଙ୍କ ପାଖରେ ଗୋଟିଏ ସନ୍ତାନ ପାଇଁ, କିନ୍ତୁ କିଛି ହେଲେ ପାଇନି ସେ । ଯଦିଓ ସ୍ୱାମୀଙ୍କ ଶଯ୍ୟାରେ ଏକତ୍ର ଶୟନ କରି ଅନେକ ରାତି ବିତିଛି ତା ଜୀବନରେ, ତଥାପି ତାର ଆଶା ସ୍ୱପ୍ନ ନିରାଶାରେ ପରିଣତ ହୋଇଛି । ବିନିକ ପାଇଁ ବି ସ୍ୱାମୀଙ୍କ ଦେହର ଉଷ୍ମ ପରଶରେ ତନୁ ବଲ୍ଲରୀ ରୋମାଞ୍ଚିତ ହୋଇନି ତାର ।

ବାସ୍ତବିକ ସେ ନାରୀଟି ଖୁବ୍ ଏକାକିନୀ । ନା ପାଇଛି ସ୍ୱାମୀଙ୍କ ଠାରୁ ପ୍ରେମ, ନା ଦେଇଛି ସନ୍ତାନଟିଏ ପାଇଁ ଟିକିଏ ହେଲେ ମମତା । ନିହାତି ଏକାକିନୀ ସେ ।

ମନ ତାର ବେଳେ ବେଳେ ବିଦ୍ରୋହ କରିଉଠେ । ରକ୍ତ ତାର ଦେହ ଭିତରେ ଗୁମୁରି ଗୁମୁରି ବିଳାପ କରିଉଠେ । ମନ ତାର ଆଜି ଗୋଟିଏ ଦେହର ସମଶୀତୋଷ୍ଣ ସ୍ପର୍ଶ ପାଇବା ପାଇଁ ବେଦନାକ୍ତ ହୋଇଉଠେ ।

ପ୍ରତ୍ୟେକ ନାରୀ ପରି ମନରେ ତାର ଏକମାତ୍ର କାମନା-ସେ ସନ୍ତାନର ଜନନୀ ହେବ । ମନରୁ ମମତା ସ୍ତନରୁ କ୍ଷୀର ଦେଇ ତାକୁ ସେ ମଣିଷ କରିବ । ଏଇ ମାଟିରେ ସେମାନଙ୍କୁ ନେଇ ସେ ସଂସାର ରୂପି ଗୋଟିଏ ସ୍ୱର୍ଗ ରଚନା କରିବ ।

ଯୌବନର ଚଳନ୍ତ ସ୍ରୋତରେ ଜଳ ଭଉଁରୀ ଖେଳି ଖେଳି ବିଶେଷତ ସ୍ୱାମୀକୁ ନେଇ ସଂସାର କ୍ଷେତ୍ରରେ ପାଦ ଦେଲା ପରେ କେଉଁ ନାରୀ ଏହା ନଚାହେଁ ?

ଘରେ ଭାତ ଥିଲେ ବିଲରେ ଅନେକ କୁଆ ବସନ୍ତି । ବେଳେ ବେଳେ ବିନା କାରଣରେ ମଧ୍ୟ ଗାଁର ଟୋକା କେଇଟା ତା ଘରକୁ ଆସି ଘଣ୍ଟେ

Digitized by srujanika@gmail.com

ଯେମିତି କିଛି ଗୋଟାଏ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ଭଙ୍ଗିରେ ତା ସହିତ, କେବେ ବା ତା ସ୍ୱାମୀ ସହିତ ବେଶ୍ ଆଲୋଚନା କରି ବସନ୍ତି । ତା ଭିତରେ ବି ବେଳେବେଳେ ସେମାନଙ୍କର ମାପଚୁପ କେଇ ଧାଡ଼ି କଥାରେ କିଛି ସ୍ୱପ୍ନର ଇନ୍ଦ୍ରଜାଲ ସେ ନାରୀର ଆଖି ଆଗରେ ଝାପ୍ସା ହୋଇଉଠେ । ଯେମିତି ଗୋଟିଏ ପୁରୁଷର ସଂଗୁପ୍ତ ଇଚ୍ଛାକୁ ଦଶବର୍ଷର ଝିଅଟିଏ ମଧ୍ୟ ବୁଝି ପାରେ । ସେମାନଙ୍କ ଅଯାଚିତ ନୀରବ ଆହ୍ୱାନରେ ସେ ନାରୀଟି ଇତସ୍ତତ ହୋଇପଡେ ।

ନଦୀର ଇଚ୍ଛା ସମୁଦ୍ରରେ ମିଶିବା ପାଇଁ ଯଦି ବଳ ବତ୍ତର ହୁଏ, ସେଥିପାଇଁ ବହୁ ଘାତ-ପ୍ରତିଘାତ, ବାଧା ବନ୍ଧନ, ଗିରି-କାନ୍ତାର ଅତିକ୍ରମ କରିବାକୁ ପଡ଼େ । ତଥାପି ସେ ତାର ଗତିପଥ ବଦଳାଏ ନାହିଁ । ସେ ମାଡ଼ିଚାଲେ ଆଗକୁ ଆଗ । ତାର କ୍ଷୀଣ ଅଙ୍ଗ ଯଦି ସମୁଦ୍ରର ପୃଥୁଳ ଅଙ୍କରେ ଶୟନ କରି, ସମୁଦ୍ରର କଲ୍ଲୋଳୋଚ୍ଛ୍ୱାସରେ ସ୍ଥାନ ନେଇ ନପାରେ, ତେବେ ତାର ଜନ୍ମ ହୁଏତ ବିଫଳତାରେ ପର୍ଯ୍ୟବସିତ ହୁଏ ।

ନାରୀ ଜୀବନର ଗତିପଥ, ଯୌବନ ଗର୍ବିତା ସେହି ବେଗବତୀ ସ୍ରୋତସ୍ୱିନୀ ପଙ୍କ ସ୍ଥାଗାମିନୀ ଏକ ଜୀବନଯାତ୍ରାର କେତୋଟି ପାଦଚିହ୍ନ ମାତ୍ର ।

ସେ ମଧ୍ୟ ମନେ ମନେ କଳ୍ପନା କରେ ପୁରୁଷର ସମୁଦ୍ରରୂପି ପ୍ରଶସ୍ତ ଛାତିରେ ତା ତେଜ ତେଜକା ଦେହଟାକୁ ସର୍ବତୋଭାବେ ମିଶାଇ ଦେଇ ଜୀବନକୁ ଚରିତାର୍ଥ କରିବା ପାଇଁ । କିନ୍ତୁ ପଛକୁ ଅନାଇଲେ ସେହି କୁଣ୍ଠିତ ଆକର୍ଷଣର ଅନାକାଂକ୍ଷୀ ମୋହ ସତେ ଯେମିତି ତାକୁ ବିଦ୍ରୂପ କରି ବସନ୍ତି । ସେହି ଅନାକାଂକ୍ଷ କାମନା ଗୁଡ଼ିକ ତା ପାଇଁ ପାପ ପଙ୍କିଳ ପଥର ସର୍ବନାଶୀ ମନ୍ତ୍ରଧ୍ୱନୀ ଉଚ୍ଚାରଣ କରନ୍ତି ।

ସମାଜର ମଣିଷ ସେ । ସମାଜର ନିର୍ଦ୍ଧାରିତ ବନ୍ଧ ବନ୍ଧନୀ ମଧ୍ୟରେ ଆବଦ୍ଧ ରହି ସଂସାର କରିବାକୁ ହୁଏତ ଦୁନିଆ ତା ହାତରେ ତା ସ୍ୱାମୀର ହାତ ଗୁନ୍ଥି ଦେଇଛି । ସେହି ହେବ ତା ଜୀବନର ସାର୍ଥକତା । ତା ପାଇଁ ଯେତିକ ସତଥିଷ୍ଟ ନହେଲେ ବି ସମାଜ ଆଖିରେ ତାହା ସତଥିଷ୍ଟ । ହେଉପଛେ

Digitized by srujanika@gmail.com

ସେ ତା ବ୍ୟକ୍ତିଗତ ଜୀବନର ଅନ୍ଦରକାଣ୍ଡ ଗୋଟିଏ ମାଟି ପ୍ରତିମାର ବ୍ୟତିକ୍ରମ । ସମାଜ ଅବଶ୍ୟ ବାହାରର ଶୃଙ୍ଖଳତାରେ ଆତ୍ମ ବିଭୋର ହୁଏ । କିନ୍ତୁ ଭିତରର ଅକୁହା କଥାକୁ ବୁଝିବାକୁ ଥରକ ପାଇଁ ବି ଚେଷ୍ଟା କରେନା । ନାରୀ ତା ଆଖିର ଅଶ୍ରୁ ନୈବେଦ୍ୟରେ ଯଦିଓ ଦୁନିଆ ଦାଣ୍ଡର ବାଲିକଣାକୁ ଭିଜାଇ ପାରେ ଆଉ ସେଇ ଭିଜାବାଲିକୁ ନେଇ ସମାଜ ବିଭିନ୍ନ ପ୍ରକାର ଖେଳ ଖେଳେ ତଥାପି ଦିନେ ହେଲେ ବି ଜାଣିବାକୁ ଚେଷ୍ଟା କରେନା ସେଇ ଭିଜା ବାଲିକୁ ଚିପୁଡ଼ି ଦେଲେ ଗୋଟିଏ ନାରୀର ଅତୃପ୍ତି ମନର କେତେ ନୀରବ କାହାଣୀ ସେଥିରେ ଲିପିବଦ୍ଧ ହୋଇ ରହିଛି ।

ପକ୍ଷାନ୍ତରେ ଯଦି ସମାଜ କେତେବେଳେ ଦେଖେ ନିର୍ଦ୍ଧାରିତ ବାଡ ଡେଇଁ କାହାର ଗୋଡ଼ ବାହାରକୁ ଖସି ଯାଇଛି, ତେବେ ସଙ୍ଗେ ସଙ୍ଗେ ସେ ଦୁର୍ବାସାର ଭୂମିକାରେ ଅବତୀର୍ଣ୍ଣ ହୁଏ । ଭୀରୁ ସମାଜର ଅଜ୍ଞାତ ପୃଷ୍ଠା ଉନ୍ମୋଚନ କରି ପାପୀ ଆଖ୍ୟା ଦେଇ ତାକୁ ସମାଜ ବହିଷ୍କୃତ କରାଏ । ଦୁନିଆ ଦାଣ୍ଡରେ ତାର ସାମାଜିକ ଅଧିକାରିକୁ ଛଡ଼ାଇ ନିଏ । ଫଳରେ ସେ ସମାଜ ଉପେକ୍ଷିତ ହୋଇ ସବୁଥିରୁ ବଞ୍ଚିତ ହୁଏ ।

ଏ ଦୁନିଆ ବାସ୍ତବରେ ବଡ଼ ବିଚିତ୍ର । ମଣିଷ କେତେବେଳେ ସ୍ୱାର୍ଥ ଦୃଷ୍ଟିରୁ ମଧ୍ୟ ଭୁଲ କରିଥାଏ । ଯେମିତି ଧୃତରାଷ୍ଟ୍ରଙ୍କ ଜନ୍ମ ସମାଜ ବିରୋଧି ହେଲେ ହେଁ ବଂଶରକ୍ଷା ଦୃଷ୍ଟିରୁ ତାହା ଗ୍ରହଣ ଯୋଗ୍ୟ । ମାତ୍ର ସେ ନାରୀଟି...... ...

ସମୟ ଯଦି ସ୍ରୋତ ହୁଏ, ମଣିଷର ଜୀବନ ତା ଭିତରେ କ୍ଷୁଦ୍ର ଏକ ବୁଲ ଡଙ୍ଗା ମାତ୍ର । ସମୟ ଯେଉଁ ଆଡ଼କୁ ଇଚ୍ଛା କରିବ, ସାବଧାନ ନହେଲେ ସେଇ ଆଡ଼କୁ ଭସାଇନେବ ।

ନାରୀଟିର ଆଖି ପାଣି ଆଖିରେ ମରେ । ସବୁ ବୁଝି ମଧ୍ୟ ସେ ନୀରବ ରହେ । ହେଲେ ଅପ୍ରିତିକର କଥା ଗୁଡାକୁ ଏଡାଇ ଯିବା ପାଇଁ ସେ ଜାଣି-ନଜାଣିଲା ପରି ଆଖି ଦୁଇଟିକୁ ନୁଆଁଇ ଦିଏ ଦାଣ୍ଡ ଦୁଆରର ଗଙ୍ଗଶିଉଳି ଗଛ

Digitized by srujanika@gmail.com

॥ ୬ ॥

ପାଖକୁ । ଏବେ ଆଉ ସେଥିରେ ଫୁଲ ଫୁଟୁନି କି ସେ ସୁଗନ୍ଧଭରା ମାଦକତା ବି ନାହିଁ ।

ଅଛି ସେହି କ୍ଷୀଣ ଅଙ୍ଗ । ଆଉ ଥରେ ଫୁଲ ଫୁଟି ଲୋକ ଲୋଚନକୁ ଆକର୍ଷଣ କରିବା ପାଇଁ ମନ ଭିତରେ ଅଦମ୍ୟ ଏକ ଲୁଚା ଗୁଞ୍ଜରଣ ।

ଗୁଣ୍ଡିଚନ୍ଦ୍ର ଗୋଟିଏ ଗରମ ନିଶ୍ୱାସ ବାହାରି କ୍ଷଣକ ଭିତରେ ପୁଣି ମିଳାଇଯାଏ ସେଇଠି ।

ନିରଶାର ଦାବ ଦହନ ଭିତରେ ଜୀବନଟା ତାକୁ ଅଦରକାରୀ ପରି ମନେ ହୁଏ । ସେତିକିବେଳେ ଡାକବାଲା ଆସି ତା ହାତରେ ଧରାଇ ଦେଇ ଗଲା ଖଣ୍ଡେ ଚିଠି । କାଳବିଳମ୍ବ ନକରି ଚିଠିଟିକୁ ଖୋଲି ପଢ଼ି ବସିଲା ସେ । ସୁଦୂର ନର୍ସିଂ ହୋମରୁ ଲେଖିଛନ୍ତି ତାର ବାପା । ଗର୍ଭ ଯନ୍ତ୍ରଣାରେ ତିନିଦିନ ଛଟିଲାପରେ ଆଜିକୁ ସାତ ଦିନ ହେଲା ମୀନାର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଛି । ଆଜି ସନ୍ଧ୍ୟା ପୂର୍ବରୁ ସେ ତାର ଘରକୁ ଚାଲିଯିବ ।

ଏହି ମୀନା ତାର ସାନ ଭଉଣୀ । ଆସନ୍ତା ରଜ ସଂକ୍ରାନ୍ତିକୁ ଦୁଇ ବର୍ଷ ହେବ ସେ ବିବାହ କରିଥିଲା । ହିଏତ ବିବାହ ଦିନର ସେ ଥିରୁପାଦ ଚାଲି ହେଳ ଚହଳ ଭିତରେ ଶାଶୁ ଘରକୁ ବିଦାୟ ନେବାର ମଧୁ ମୁହୂର୍ତ୍ତର ସେ ସ୍ୱପ୍ନିଳ ଦିନ ଗୁଡ଼ିକର କଥା ତା ମନରୁ ଲିଭିଥିବ କି ନାହିଁ, ସେ ଆଜି ପୁତ୍ରବତୀ ସନ୍ତାନର ଜନନୀ ହୋଇ ସେ ମା' ଡାକ ଶୁଣିବାକୁ ବସିଲାଣି । ଆଜି ସିଏ କୋଳର ଶିଶୁ କାଲି ସେ ବଡ଼ ହେବ । ଘରଠାରୁ ଦାଣ୍ଡ ପର୍ଯ୍ୟନ୍ତ ଛିଡ଼ ଉଠି ଗୁରୁଣ୍ଡି ଗୁରୁଣ୍ଡି ମା'ର ପଛେ ପଛେ ଗୋଡ଼ାଉଥିବ । ମା' ତାକୁ ଅଝଟିଆ କହି କୋଳକୁ ଉଠାଇ ନେବ । ନଚେତ ବୁଢ଼ି କାମରେ ଲାଗି ଥିଲାବେଳେ ତାକୁ ବାନ୍ଧି ପକାଇବ ମଝି ଖୁଣ୍ଟରେ । ଯେମିତି ମା' ଯଶୋଦା ତାଙ୍କର ଅଝଟିଆ ପୁଅ କୃଷ୍ଣଙ୍କୁ ତାର କାମ କରୁଥିବାବେଳେ ବାନ୍ଧି ପକାଉଥିଲେ ।

Digitized by srujanika@gmail.com

ନାରୀ ପକ୍ଷେ ସ୍ୱର୍ଗ ବୋଲି କିଛି ଗୋଟିଏ ନଥାଏ । ସ୍ୱାମୀ ସନ୍ତାନଙ୍କୁ ନେଇ ଘରର ଗୃହକୋଣ ମଧ୍ୟରେ ଯେଉଁ ସ୍ନେହ, ପ୍ରେମ, ବାତ୍ସଲ୍ୟଭରା ଏକ ଲଘୁ ବାତାବରଣ ସୃଷ୍ଟିହୁଏ, ତାହା ହିଁ ସ୍ୱର୍ଗ । ସେଇଠି ସେ ଅମୃତର ସନ୍ଧାନ ପାଏ । ସେମାନେ ହିଁ ଅନନ୍ତ ଅମୃତର ଶିଶୁ ।

ହସ କାନ୍ଦର ଦୁନିଆ ଭିତରେ ଜଣେ ହସିଲେ ଆଉ ଜଣେ କାନ୍ଦେ । ଘୃଣାରେ ନୁହେଁ, ଈର୍ଷାରେ ନୁହେଁ — ସେ କାନ୍ଦେ କେବଳ ତାର ଅସନ୍ତୋଷ ମନକୁ ନେଇ ତାର ଅପୂରଣୀୟ କ୍ଷୁଧାକୁ ନେଇ । ଦେହ, ମନ ଓ ରକ୍ତର ପଞ୍ଚଭୂତ କ୍ଷୁଧା ଆଜି ଲୁହ ହୋଇ ଶ୍ରାବଣର କାନ୍ଦୁରା ଆକାଶ ପରି ତାର ଦୁଇ ଗାଲକୁ ଓଦା କରି ଝରି ପଡୁଛି ତଳକୁ । ସେ ସେଥିରୁ ମୁକ୍ତି ଚାହେଁ । ଜୀବନର ଏକମାତ୍ର ଲକ୍ଷ୍ୟ ନେଇ ସେ ଜନନୀ ହେବାକୁ ଚାହେଁ । ତାର ସନ୍ତାନ ହେଉ ପଛେ କୁତ୍ସିତ ବିକଳାଙ୍ଗ, କଦାକାର । ସେଇ ମାନଙ୍କୁ ନେଇ ସେ ଜନନୀର ଗୌରବ ପାଇବ । ସେଇଥିରୁ ସେ ପାଇବ ତାର ନାରୀତ୍ୱର ସାର୍ଥକତା ।

ସେଥିରେ ଅସନ୍ତୋଷ ପ୍ରକାଶ କରି ସମାଜ ବରଂ ତା ଉପରେ ନାସିକା କୁଂଚନ କରୁ, ତାକୁ ସମାଲୋଚନା କରିବାକୁ ସୁଯୋଗ ପାଉ । କିନ୍ତୁ ସେଇ-ଥିରେ ସେ ଆତ୍ମ ପ୍ରତ୍ୟୟ ଲାଭ କରିବ । ଦୁନିଆର ମଣିଷ ହୋଇ ବଞ୍ଚିବାକୁ ସାମାଜିକ ଦୃଷ୍ଟିରୁ ନିଜର ମାତୃତ୍ୱ ଜାହିର କରି ସ୍ଥିତି ସ୍ଥାପନ କରିବ ।

ଆସନ୍ନ ଅମାବାସ୍ୟାର ସାନ୍ଧ୍ୟ ଆକାଶରେ ତାରା କେଇଟା ଆଖିମିଟିକା ମାରିଲେଣି ।

ଦାଂପତ୍ୟ ଜୀବନର ଉତ୍ତର ବୟସରେ ମଧ୍ୟ ସନ୍ତାନଟିଏ ନପାଇବା ଯାଏ, ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଯେମିତି ଉତ୍କଣ୍ଠାର ମନ୍ଦିର ଗଢ଼ି ବସିଥାନ୍ତି ।

ସ୍ୱାମୀ ତାର ସେତିକବେଳେ ବାହାରୁ ବୁଲିଆସି ଘରେ ପହଞ୍ଚିଲା । ଫଳାଫଳ ଯାହା ହେଉନା କାହିଁକି, ସ୍ତ୍ରୀ ଦେହରେ ଯୌବନ ଥିବା ଯାଏ ସ୍ୱାମୀ

Digitized by srujanika@gmail.com

ପକ୍ଷେ ଭଲ ପାଇବା ଓ ସନ୍ଦେହଟା ଜମାଟବନ୍ଧା ବରଫ ଭଳି ଘନୀଭୂତ ଅବସ୍ଥାରେ ଥାଏ ।

ଅଥଚ ସ୍ତ୍ରୀ ଆଖିରେ ଲୁହ ଦେଖି ସ୍ୱାମୀ ତାର ବ୍ୟସ୍ତ ବ୍ୟଥିତ କଣ୍ଠରେ ପ୍ରଶ୍ନ କରିଥିଲା-ଏ କଣ ? ତୁମ ଆଖିରେ ଲୁହ !!

ଅପ୍ରସ୍ତୁତ ଅବସ୍ଥାରେ ଥାଇ ମଧ୍ୟ ସେ ସେଦିନ ଲୁହ ଲହରି କଣ୍ଠରେ କହିଥିଲା-ତୁମେ କ'ଣ ବୁଝିବ ନାରୀ ମନର କଥା ? ତା ଆଖିର ଲୁହରେ କେତେଯେ ଅଗ୍ନି ଦହନ ଶିଖା ବିସ୍ତାର କରିପାରେ, ତୁମ ପରି ପଥର ହୃଦୟ ପୁରୁଷ କଦାପି ବୁଝିପାରିବେନି । ଏଇ ନିଅ-ପତ୍ର ଏ ଚିଠି । କେବଳ ବାପ ମା' ନୁହଁନ୍ତି କି ପରିବାର ମଧ୍ୟ ନୁହେଁ । ସୁଦୂର ନର୍ସିଂ ହୋମର କୋଣ ଅନୁକୋଣ ସୁଦ୍ଧା ମୀନାର ପୁଅ ହେବା କଥା ଶୁଣି ଅଫୁରନ୍ତ ଆନନ୍ଦରେ ହସି ଉଠୁଥିବ ।

ଆଉ କିଛି ନକହି ବା ସ୍ୱାମୀଙ୍କ ପ୍ରତ୍ୟୁତ୍ତରକୁ ଅପେକ୍ଷା ନକରି ଚିଠିଟିକୁ ବଢାଇ ଦେଇଥିଲା ସ୍ୱାମୀଙ୍କ ହାତକୁ ।

—o—

Digitized by srujanika@gmail.com

ଚକ୍ରାନ୍ତ

ସୃଷ୍ଟିର ଶାନ୍ତ-ଶୀତଳ-କୋଳରୁ ଅରୁଣ ବାହିତ ରଥରେ ପୂର୍ବ ଦିଗ୍‌ବଳୟକୁ ସିନ୍ଦୂରିତ କରି ହସି ହସି ଉଠି ଆସୁଥିଲେ ପଦ୍ମିନୀବନ୍ଧୁ ମୟୂଖମାଳୀ ଦିବାକର । ଏବଂ ସେହି ପ୍ରଭାତ ସୂର୍ଯ୍ୟଙ୍କର ନେତାଏ ହାସ୍ୟ-ସ୍ୱର୍ଣ୍ଣାଭ କିରଣ ଛିଟିକି ପଡ଼ୁଥିଲା କୌରବ ରାଜ ଦାଣ୍ଡରେ । ରାଜ ପ୍ରସାଦର ପ୍ରାଚୀର ଦେଇ କୋଣ ଅନୁକୋଣ ଭେଦ କରି ଭାସି ଆସୁଥିଲା ରାଜଭାଟ ମାନଙ୍କର ମାଙ୍ଗଳ୍ୟ ମୁଖର ଗମ୍ଭୀର କଣ୍ଠଧ୍ୱନି । ସମବେତ ଯୋଦ୍ଧାମାନଙ୍କ ସମେତ ଭୀଷ୍ମଙ୍କର ଆତ୍ମପ୍ରଶସ୍ତି ଓ ଠହଠହ ହସ ଶୁଣି ଅଦୂରର ପାହାଡ଼ ପର୍ବତ ଉପହାସ ଛଳରେ ତୋଳୁଥିଲା ତାର ପ୍ରତିଧ୍ୱନି ।

ଭୀଷ୍ମଙ୍କର ପ୍ରତିଜ୍ଞା ...... !

ନିର୍ଦ୍ଧାରିତ ଅଷ୍ଟାଦଶ ଦିବସବ୍ୟାପୀ ମହାଭାରତ ଯୁଦ୍ଧର ଦଶଦିନର ଅବ୍ୟବହିତ ପୂର୍ବରୁ ପୃଥିବୀକୁ କରିବେ ଅପାଣ୍ଡବା ।

ତେଣୁ ସେହି ଅପାଣ୍ଡବା ତଥା ନିଷ୍କଣ୍ଟକ ରାଜ୍ୟ ଭୋଗ କରିବା ପ୍ରୟାସ କରି କୁରୁକୁଳ ତିଳକ ମାନୀ ଦୁର୍ଯୋଧନ ତାଙ୍କ ମସ୍ତକରେ ବାନ୍ଧି ଦେଇ-ଥିଲା ସୈନ୍ୟାପତ୍ୟର ଗୌରବ, ବିଜୟର ପ୍ରତୀକ ଅମ୍ଳାନ ପଟ୍ଟବାସ । ପ୍ରଭାତର ପ୍ରଥମ ଆଲୋକକୁ ସ୍ୱାଗତ ଜଣାଇ ଭାସି ଆସୁଥିଲା ରଣ ଦୁନ୍ଦୁଭିର ବଜ୍ର ନିର୍ଘୋଷ ସ୍ୱର ।

ଆଜି ମହାଭାରତ ଯୁଦ୍ଧର ଶୁଭାରମ୍ଭ, ପ୍ରଥମ ଦିବସ ।

ନୀରବେଶରେ ମଣ୍ଡିତ ହୋଇ ଏକ ଅବଦମିତ ଚାରିତ୍ରରେ ସାରଥି ବାହିତ ରଥରେ ପୁଣ୍ୟପୀଠ କୁରୁକ୍ଷେତ୍ରକୁ ସସୈନ୍ୟ ଆଗେଇ ଚାଲିଲେ

Digitized by srujanika@gmail.com

କୁଳବୃଦ୍ଧ ଭୀଷ୍ମ । ପ୍ରଶସ୍ତ ଲଲାଟରେ ଭୃଗପୂର୍ବ ଗୌରବର ସଙ୍କେତ । ମନରେ ବିଜୟ ବୈଜୟନ୍ତୀର ସୁଦୂର ପ୍ରସାରି ଅଭୀପ୍ସା ।

× × ×

ନନ୍ଦିଘୋଷ ରଥର କପିକେତନ ଧ୍ୱଜାତଳେ ସ୍ପଷ୍ଟ ଭାବରେ ରଣାଙ୍ଗନକୁ ଦେଖି ପାରୁଥିଲେ ମଧ୍ୟମ ପାଣ୍ଡବ ସବ୍ୟସାଚୀ । ଏହି ଅବସରରେ ଅର୍ଜୁନଙ୍କ ଶରୀରର ଶିରା ଧମନୀର ଛନ୍ଦେ ଛନ୍ଦେ ପ୍ରତିଶୋଧ ଜନିତ ପ୍ରତି-ହିଂସାର ବଡ଼ବାଗ୍ନି ଜଳାଇ ଦେବାପାଇଁ ପାଞ୍ଚଜନ୍ୟରେ ପ୍ରଥମ ଚୁମ୍ବନ ଦେଲେ ଶ୍ରୀକୃଷ୍ଣ । ମାତ୍ର ନର-ନାରାୟଣ ଅର୍ଜୁନଙ୍କ ମନର ଭାବାବେଗ ହେଲା ବିପରୀତ ମୁଖୀ । ରଣାଙ୍ଗନରେ ଭାଇବନ୍ଧୁ ଆତ୍ମୀୟ ସ୍ୱଜନଙ୍କୁ ଦେଖି ତାଙ୍କର ଅସ୍ତ୍ର ହେଲା ହସ୍ତଚ୍ୟୁତ, ହୃଦୟ ହେଲା ସ୍ତମ୍ଭିତ, ଚକ୍ଷୁ ହେଲା ମୁଦ୍ରିତ ଓ ପରିଶେଷରେ ଆଉଥରେ ଚିର ବନବାସ କାମନା କରି ସେ ହେଲେ ଯୁଦ୍ଧ ବିମୁଖ ।

ତଥାପି ଶ୍ରୀକୃଷ୍ଣଙ୍କ ରହସ୍ୟ ବିଜଡ଼ିତ ଅଧର କୋଣରେ ଫୁଟି ଉଠିଛି ସ୍ମିତ ହାସ୍ୟର ଅରୁଣିମା ।

ସେହି ଅନନ୍ତ ଶକ୍ତି ମାୟାଧରଙ୍କର ମାୟା ମୁଖାକୃତି ବିଶ୍ୱରୂପ ଦର୍ଶନ କରି ଅର୍ଜୁନ ବିସ୍ମିତ ନହୋଇ ଜାଗ୍ରତ ହୋଇଉଠିଛି । ମନକୁ ତାର ଜର୍ଜରିତ କରୁଛି ଅଜ୍ଞାନରେ ଘଟି ଯାଇଥିବା କୌରବ କର୍ତ୍ତୃକ କୃଷ୍ଣାଙ୍କର ବିବସନ, ସ୍ତ୍ରୀସ୍ୱ ବନବାସ କଷ୍ଟ, ପଶାଖେଳର ଯୋଜନା ବଧ ଚକ୍ରାନ୍ତ ଏବଂ ଅଭିମନ୍ୟୁ ନିଧନର ମର୍ମନ୍ତୁଦ, ଦୟମାୟ ମୁହୂର୍ତ୍ତର ଅଶ୍ରୁତ ପୂର୍ବ ଘଟଣାବଳୀ । ଦୁଇ ଚକ୍ଷୁରୁ ତାର ଖଣ୍ଡ ଖଣ୍ଡ ହୋଇ ଜଳିକା ପରି ଝରି ପଡ଼ୁଛି ପ୍ରତିଶୋଧର ଅଗ୍ନିକଣା । ପୁଣିଥରେ ସେ ତୋଳି ଧରିଛି ଗାଣ୍ଡିବ ଧନୁ ।

ଶ୍ରୀକୃଷ୍ଣଙ୍କର ସେ ପୂର୍ବହସ ଏ ଯାବତ ଚେନାଏ ଲାଗି ରହିଛି ତାଙ୍କର ଅଧର କୋଣରେ ।

× × × ×

Digitized by srujanika@gmail.com

ସେ ଦିନ ମେଘମୁକ୍ତ ଆକାଶରେ ଉଦାସ ଗୋଧୂଳି । କେତେ ରଥୀ ସାରଥିଙ୍କୁ ରଥ ଚକ୍ରତଳ ଧୂଳିରେ ମିଶାଇ ଦେଇ ରଣ ପ୍ରାଙ୍ଗଣରୁ ଜୟଶଙ୍ଖ ନିନାଦିତ କରି ଉତ୍ଫୁଲ୍ଲ ଅନ୍ତରରେ ଫେରି ଆସୁଥିଲେ ପିତାମହ ଭୀଷ୍ମ ।

ମାନୀ ମାନଗୋବିନ୍ଦ ଦୁର୍ଯ୍ୟୋଧନଙ୍କ ମନରେ ଆନନ୍ଦର ଅଫୁରନ୍ତ ହିଲ୍ଲୋଳ ପ୍ରବାହ ମାନ । ପିତାମହଙ୍କ ପ୍ରତିଜ୍ଞା ହିମାଳୟ ପରି ଅଟଳ । ତାଙ୍କର ସୁଦକ୍ଷ ରଣ କୌଶଳ ହିଁ ମୋତେ କରିବ ହସ୍ତିନା ପ୍ରମୁଖ ପଞ୍ଚ କଣ୍ଟକରେ ନିଷ୍କଣ୍ଟକ, ଏକାଙ୍ଗ ଚକ୍ରବର୍ତ୍ତୀ ।

ଆକସ୍ମିକ ଭାବେ ଦୁର୍ଯ୍ୟୋଧନଙ୍କ ପ୍ରକୋଷ୍ଠରେ ଅନୁପ୍ରବେଶ କରି, ଏକ ଉଦ୍ଦେଶୀ ଭଙ୍ଗିରେ, ରହସ୍ୟ ବ୍ୟଞ୍ଜିତ ହସ ହସି କୁରୁବୃଦ୍ଧ ଭୀଷ୍ମଙ୍କର ପ୍ରତ୍ୟାଗମନର କୁଶଳ ସଙ୍କେତ ଦେଲେ କୌରବମନ୍ତ୍ରୀ-ମାତୁଳ ଶକୁନି ।

ଅପର ପ୍ରକୋଷ୍ଠରେ ଅପେକ୍ଷମାଣ ଦୁଇ ଅଦୃଶ୍ୟମାନ ନୟନ ପଲକରେ ବସିଥିଲେ ଧୃତରାଷ୍ଟ୍ର । ସଞ୍ଜୟଙ୍କ ପାଦ ଶବ୍ଦରେ ଦୃଷ୍ଟି ଶକ୍ତି ବିହୀନ ଦୁଇ ଆଖି ତାଙ୍କର ଯେମିତି ଉନ୍ମୀଳିତ ହୋଇ ଉଠିଲା ।

ଧୃତରାଷ୍ଟ୍ର ପଚାରିଲେ—କୁହ ସଞ୍ଜୟ ! ଆଜିର କୌରବ ପାଣ୍ଡବ ଯୁଦ୍ଧରେ ଭୀଷ୍ମ କ'ଣ ତାଙ୍କର ପ୍ରତିଜ୍ଞା ପୂରଣ କରି ପାରିଲେ ନାହିଁ ?

ସଞ୍ଜୟ ଦିବ୍ୟଦ୍ରଷ୍ଟା, ଧୀରୋଦାତ୍ତ ଅନୁଚ୍ଚ କଣ୍ଠରେ କହିଲେ, ଚତୁର୍ଥ ଦିନ ଯୁଦ୍ଧର ଅବସାନ ପରେ ଭୀଷ୍ମ ଅର୍ଜୁନଙ୍କ ପଞ୍ଚମ ଦିନର ଯୁଦ୍ଧ ଅଲୌକିକ, ବର୍ଣ୍ଣନାତୀତ । ଅଟଳ ପ୍ରତିଜ୍ଞ ଭୀଷ୍ମ ପ୍ରତିଜ୍ଞାର କିୟଦଂଶ ପୂରଣ କରିବାର ପ୍ରୟାସ କରି ଅର୍ଜୁନ ଉପରକୁ ନିକ୍ଷେପ କରିଥିଲେ ଅମୋଘଶକ୍ତି ।

ଯାହାର ତେଜସ୍ୱିତ୍ୱ ରୂପ ଦେଖି ସସା, ଗିରି, ଧରା ହୁଏ ଆତଙ୍କିତ, ଦେବତା ମାନଙ୍କର ପ୍ରାଣ ହୁଏ ଆନ୍ଦୋଳିତ, ସେଥିରୁ ନର ମାତ୍ର ଅର୍ଜୁନ କିପରି ରକ୍ଷା ପାଇଲେ ସଂଶୟର ବିଷୟ । ଶୁଣ ରାଜା—ସେତେବେଳେ

Digitized by srujanika@gmail.com

ଦୈବୀ ଶକ୍ତିରେ ଅଭିମନ୍ତ୍ରିତ ହୋଇ ନାରାଚ କାୟା ବିସ୍ତାର କରେ, ଭୀଷ୍ମଙ୍କର ମନ ଅଦମ୍ୟ ଆନନ୍ଦରେ ନାଚିଉଠେ, ସେତେବେଳେ ଅନାୟାସରେ ରଥୀଙ୍କର ଚଞ୍ଚଳନାରେ ତାହା ପଣ୍ଡ ହୋଇଯାଏ ।

ସେତେବେଳକୁ ସଂଧ୍ୟା ଆଗତ ପ୍ରାୟ । ତେଣୁ ସେଦିନର ଅର୍ଜ୍ଜୁନ ନିଧନର ଅଦମ୍ୟ ଉଦ୍ୟମ କୁ ସଂଧ୍ୟାଗତ ନିସ୍ତବ୍ଧ ଧୂର୍ଯ୍ୟ କାରଣରେ ଲୁଚାଇ ରଖି ଆଗତ୍ୟା ଫେରି ଆସିଲେ କୁଳବୃଦ୍ଧ ପିତାମହ ଭୀଷ୍ମ ।

ମନର ଉପାନ୍ତର କେଉଁ ଗିରିଗୁହା ତଳୁ ଉଦ୍ଦୀପିତ ଉଚ୍ଚ ଅଭିଳାଷକୁ ଅଦୃଶ୍ୟମାନ ଚକ୍ଷୁର ଲୋତକ ସ୍ରାବଣୀରେ ଭସାଇ ଦେଇ କମ୍ପ୍ର ଅଥଚ ବ୍ୟଥିତ କଣ୍ଠରେ କହିଲେ ଧୃତରାଷ୍ଟ୍ର, ତାହେଲେ ଶ୍ରୀକୃଷ୍ଣ ପ୍ରେରିତ ଅସଂଖ୍ୟ ନାରାୟଣୀ ସେନା ଶେଷରେ କ'ଣ ପରାଜୟ ସ୍ୱୀକାର କରିବେ ମାୟାବୀ ମାୟାଧର ନିକଟରେ ?

ସଂଜୟ କହିଲେ, ପାଣ୍ଡବଙ୍କୁ ସାହାଯ୍ୟ ନିମିତ୍ତ ଶ୍ରୀକୃଷ୍ଣଙ୍କର ଆକାଂକ୍ଷା ହୃଦୟର ସୁଦୂର ପ୍ରମାଣ ଓ ତନ୍ମୟତାମୟ । ତଥାପି ଭୀଷ୍ମ ଜୀବିତ ଥାଉ ଥାଉ ପାଣ୍ଡବ ମାନଙ୍କ ବିଜୟ ଆଦୌ ସମ୍ଭବ ହୋଇ ନପାରେ ।

ଧୃତରାଷ୍ଟ୍ରଙ୍କ ଚିନ୍ତା ହୃଦୟକୁ ମଥିତ କରି ବାହାରି ଆସିଲା ଏକ ଉଷ୍ଣଶ୍ୱାସ । ସଂଜୟ ପୁଣି କହିଲେ, ଶୁଣ କୁରୁରାଜ-ଦିବସର ଗତାନୁ ଗତିକ ପ୍ରବାହରେ ପଞ୍ଚମ ଦିନର ଯୁଦ୍ଧ ଅନ୍ତର୍ଦ୍ଧାନ ହେବା ପରେ, ଆଜି ଯୁଦ୍ଧର ଷଷ୍ଠ ତଥା ଏକ ପ୍ରହେଳିକାମୟ ଦିବସ । ପାଣ୍ଡବ ପରାକ୍ରମୀ ଅର୍ଜ୍ଜୁନକୁ ନିର୍ବାଣ ଦେବା ନିମିତ୍ତ ଭୀଷ୍ମଙ୍କର ଧନୁ ଆମନ୍ତ୍ରିତ ହେବ ନୀଳବାଣ ଓ ଭୁଜଙ୍ଗବାଣ ଦୁଇଟିରେ । ଯେଉଁ ନାରାଚର ସମ୍ମୁଖରେ ପଡ଼ି ଦିନେ ପାଣ୍ଡବ ବନ ଦହନ ପ୍ରାପ୍ତ ହୋଇଥିଲା ଏବଂ ନିଜେ ପିନାକୀ ଅର୍ଜ୍ଜୁନର ଏହି ବାଣ ପ୍ରୟୋଗରେ କବଳିତ ହୋଇଥିଲେ । ଆଜି ଭୀଷ୍ମଙ୍କ ପ୍ରେରିତ ସେହି ବାଣ ସମଗ୍ର କୁରୁକ୍ଷେତ୍ରକୁ କବଳିତ କରିବାର ସାମର୍ଥ୍ୟ ଥିଲେ ହେଁ ଚକ୍ରୀ ଶ୍ରୀକୃଷ୍ଣଙ୍କର କୂଟ ନୀତି ଯୋଗୁ ଅର୍ଜ୍ଜୁନ ସମେତ ନନ୍ଦିଘୋଷ ରଥ ସେଥିରୁ ବଞ୍ଚିତ ରହିବ ।

Digitized by srujanika@gmail.com

ପୂର୍ବରୁ ଜାଣିଥିବ ରାଜା, ନନ୍ଦିଘୋଷ ରଥର ଚୂଡ଼ାରାକୁ ଅଳଂକୃତ କରିଛନ୍ତି ହନୁମାନ ଦତ୍ତ କପିକେତନ ଧ୍ୱଜା । ଏବଂ ନିଜେ ଶ୍ରୀକୃଷ୍ଣ ଯାହାର ସାରଥି, ସେଥିରେ କୌଣସି ଶକ୍ତି ଫଳବତୀ ହୋଇ ପାରିବ ନାହିଁ । କାରଣ ଶକ୍ତି ପ୍ରୟୋଗର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣଙ୍କ ନିର୍ଦ୍ଦେଶରେ ହନୁମାନର ପାଦଭାରରେ ନନ୍ଦିଘୋଷ ହେବ ପାତାଳଗାମୀ ।

ଧୃତରାଷ୍ଟ୍ରଙ୍କ ମନଟା ନିମିଷେ ଅସ୍ଥିର ହୋଇଉଠିଲା । କହିଲେ ସେ, ତାହେଲେ ତୁମେ କହୁଛ ସଂଜୟ, ମୃତ୍ୟୁ ଯାହାର ଇଚ୍ଛାକୃତ, ପାଣ୍ଡବ ନିଧନ ପାଇଁ ପଞ୍ଚାସ୍ତ୍ର ଯେଉଁ ଭୀଷ୍ମଙ୍କ ନିର୍ଦ୍ଦେଶକୁ ଅପେକ୍ଷା କରିଛି, ସେ କ'ଣ ଶେଷରେ ବିଜୟୀ ହୋଇ ପାରିବେ ନାହିଁ ? ....ଧୃତରାଷ୍ଟ୍ରଙ୍କ ମନରେ ଜିଜ୍ଞାସୁ ସୂଚକ ପ୍ରଶ୍ନ ।

ସଂଜୟ କହିଲେ, ହୋଇପାରି ଥାନ୍ତା । କିନ୍ତୁ ଆଉ ତାହା ସମ୍ଭବ ନୁହେଁ । କାରଣ ଯେଉଁ ପଞ୍ଚାସ୍ତ୍ର କଥା କହୁଛ । ସେଦିନ ରାତିରେ ମାମା ଦୁର୍ଯ୍ୟୋଧନ ଠାରୁ ପ୍ରାପ୍ୟ ସ୍ୱରୂପ ଅନର୍ଘ ମଣି ମୁକୁଟକୁ ମାଗିନେଇ ଅର୍ଜୁନ ଯାଇଥିଲା ପିତାମହଙ୍କ ନିକଟକୁ । ନିଜକୁ ଦୁର୍ଯ୍ୟୋଧନର ପରିଚୟ ଦେଇ ଯୁଦ୍ଧ ନିଷ୍ପ୍ରୟୋଜନ ଇଙ୍ଗିତ କରି ଆବେଦନ କରି ମାଗି ଆଣିଥିଲା ପାଣ୍ଡବ ପଞ୍ଚଭ୍ରାତାଙ୍କ ନିଧନ ଉଦ୍ଦେଶ୍ୟରେ ନିର୍ମିତ ସେହି ପଞ୍ଚାସ୍ତ୍ର ।

ଧୃତରାଷ୍ଟ୍ରଙ୍କ ନାସାରନ୍ଧ୍ରରୁ ଏକ ବାତ୍ୟା ଆନ୍ଦୋଳିତ ଉତ୍ତାପ ପରି ଅନ୍ତର ଥରାଇ ବାହାରି ଆସିଲା ଗୋଟିଏ ଉଷ୍ଣଶ୍ୱାସ ।

ରାଜପ୍ରାସାଦକୁ ସ୍ୱର ମୁଖର କରି ଭାସି ଆସୁଛି ରଣ ନିନାଦିତ ଶୁଭଶଂଖ ।

ଧୃତରାଷ୍ଟ୍ର ସେଠାରେ ଆଉ ଦଣ୍ଡେ ବସିବାକୁ ଇଚ୍ଛା ପ୍ରକାଶ କଲେନାହିଁ । ହଠାତ ସେଠାରୁ ଉଠି ଏକ ସ୍ରୋତ ମୁଖର ପତ୍ର ପରି ସ୍ଖଳିତ ପାଦରେ, ଧୀର ମନ୍ଥର ଗତିରେ ଚାଲିଗଲେ ।

Digitized by srujanika@gmail.com

ଅଶ୍ୱ ମାନଙ୍କର ହ୍ରେଷା, ହସ୍ତୀର ବୃଂହିତ ଓ ପଦାତି ମାନଙ୍କର ହୁଂକୃତ ସହିତ ସଂଧ୍ୟାମୁଖୀ ଗୋଧୂଳି ଆକାଶକୁ ଅଶ୍ୱ କ୍ଷୁରୋତ୍ଥିତ ଧୂଳିକଣା ମାଡ଼ି ଯାଉଥିଲା ସତେ ଯେମିତି ଅକାଳ କୁହେଳିକା ପରି । ନବମ ଦିନର ଯୁଦ୍ଧ ସାଙ୍ଗ କରି ବ୍ୟର୍ଥ ମନୋରଥ ହୃଦୟରେ ଫେରି ଆସୁଥିଲେ ଅଟଳ ପ୍ରତିଜ୍ଞ, ଶାନ୍ତନୁ ସନ୍ତାନ, କୁଳବୃଦ୍ଧ ଭୀଷ୍ମ ।

ତାଙ୍କର ଗତିପଥକୁ ଲକ୍ଷ୍ୟ କରି ବାଷ୍ପାକୁଳ ନୟନରର ଦୂରନ୍ତ ଦୃଷ୍ଟିରେ ଅନାଇ ରହିଥିଲେ କୁରୁକୁଳ କର୍ଣ୍ଣଧାର, ମାନଗୋବିନ୍ଦ ଦୁର୍ଯ୍ୟୋଧନ ।

× × ×

ପ୍ରଭାତରେ ପ୍ରଥମ ସନ୍ଦର୍ଶନରେ ଶିଶିର ଭିଜା ଡେଣା ଝାଡ଼ି ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଉଡ଼ିଯାଉଛନ୍ତି କେତୋଟି ବିହଙ୍ଗ ଦମ୍ପତି । ରାତିର କେଉଁ ପିଛିଳ ଅନ୍ଧାରୀ ମୂଳକରୁ ବକ୍ଷ ଚିରି ଭାସି ଆସୁଥିବା ଅଶିବ ସୂଚକ ପେଚକ କଣ୍ଠର କର୍କଶ ଅଥଚ କାରୁଣ୍ୟ ଲହରୀ ଏ ଯାବତ ଉଦ୍‌ଘୋଷିତ ହେଉଛି ଚନ୍ଦ୍ରଶାଳା ପୁରର ସମ୍ମୁଖସ୍ଥ ପ୍ରମୋଦ ଉଦ୍ୟାନରୁ । ପ୍ରତ୍ୟେକଙ୍କ ମନରେ ଦ୍ୱନ୍ଦ । ପିତାଙ୍କ ବନ୍ଧ ଧ୍ୟଷ୍ଣୁଙ୍କର ନିର୍ଦ୍ଧାରିତ ଜୀବନର ସିମୀତ ଧମନୀ ଆଜିର ଏଇ ମାତ୍ର ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ । ଆଜି ଯୁଦ୍ଧର ଦଶମ ଦିବସ । ଭୀଷ୍ମ ପ୍ରତିଜ୍ଞା ପୂରଣ କରିବାର ଅନ୍ତିମ ସୂର୍ଯ୍ୟାସ୍ତ ।

ଘନ ତମିସ୍ରାର ସୂଚୀ ଭେଦ୍ୟ ଅନ୍ଧକାରକୁ ଦୂରେଇ ଦେଇ ଚନ୍ଦ୍ର ଆବିର୍ଭାବ ହେଲା ପରେ,କକ୍ଷର ଦୁଇ କବାଟ ଉନ୍‌ମୋଚନ କରି ଭୀଷ୍ମଙ୍କ ନିକଟକୁ ଅନାହୂତ ପ୍ରବେଶ କଲେ ଶକୁନି । ସତେ ଯେମିତି ତାଙ୍କର ଦୁଇ କୋଟରଗତ ଚକ୍ଷୁର ପଲକରେ ଭରି ରହିଥିଲା । ବର୍ଷ ବର୍ଷ ଧରି ପ୍ରତିଶୋଧର ଅପୂର୍ତ୍ତ ଅପୂର୍ତ୍ତ ଆତ୍ମଲିପି । ଅଥଚ କରୁଣ ଓ କୋମଳ କଣ୍ଠରେ କହିଲେ,ଆପଣ ବୋଧହୁଏ ଭୁଲିଯାଇଛନ୍ତି ଗାଙ୍ଗେୟ, ଆପଣଙ୍କର ପରିକଳ୍ପିତ ପ୍ରତିଜ୍ଞାର ଅନ୍ତିମ ଦିବସ ଆଜିର ସୂର୍ଯ୍ୟାସ୍ତ ।

ପ୍ରଜ୍ୱଳିତ ଅଗ୍ନିରେ ଘୃତ ଢାଳିଲେ ତାହା ଯେମିତି ଶିଖା ବିସ୍ତାର କରି ଉଠେ, ଠିକ୍ ସେହିପରି ଭୀଷ୍ମଙ୍କ କାୟ୍ୟ ମନରେ ଭରିଗଲା

Digitized by srujanika@gmail.com

ଗ୍ରନ୍ଥାଗାର
ଓଡ଼ିଶା, ଭୁବନେଶ୍ୱର

ନୂତନ ଉନ୍ମାଦନା । ଶେଷ କଥାମୃତ କଣ୍ଠରେ କହିଲେ ସେ, ଜାଣେ । ଆଜି ମଧ୍ୟ ଶେଷ ତଥା ସୀମିତ ଯୁଦ୍ଧରେ ମୁଁ ପୁଣି ଥରେ ଶପଥ କରି କହୁଛି, ଧର୍ମାଧର୍ମ ଭୁଲି ସୃଷ୍ଟିକୁ କରିବି ଅପାଣ୍ଡବା ।

ଶକୁନି ନିଜର ଦୁଇ ଅଧର ଫଳକରେ ରହସ୍ୟ ବ୍ୟଞ୍ଜିତ ହସର ଏକ ମୃଦୁ ଲହରୀ ଖେଳାଇ କହିଲେ, ଆପଣଙ୍କର ଏ ଅଭିଯାନ ଶୁଭଙ୍କରୀ ହେଉ ।

ରଣାଙ୍ଗନରୁ ଭାସି ଆସୁଛି ଦୁନ୍ଦୁଭିର ମନ୍ଦ୍ର ନାଦ ସହିତ ପାଞ୍ଚଜନ୍ୟର ସଫଳୀକୃତ ତରଙ୍ଗ ।

ମାମା ଦୁର୍ଯ୍ୟୋଧନର ରାଜସୂର ଟୀକା ମସ୍ତକରେ ମାରି ଜୟଶଂଖ ବଜାଇ ସାରଥି ବାହିତ ରଥରେ ଆଗେଇ ଚାଲିଲେ ଭୀଷ୍ମ । ଯେମିତି ହେଉ ଆଜି ଧରଣୀ ବକ୍ଷରୁ ଦୂରେଇ ଦେବେ ପାଣ୍ଡବଙ୍କ ସତ୍ତା । ତୁଣୀରରୁ ଏକ ବଜ୍ର ପ୍ରଳୟ ନାରାଚ ବାହାର କରି ଆଣିଥିଲେ ଧନୁ ।

ମାତ୍ର ଅର୍ଜ୍ଜୁନର ନନ୍ଦିଘୋଷକୁ ଅନାଇ ଦେବା ମାତ୍ରେ କମ୍ପି ଉଠିଲା ତାଙ୍କର ବଳିଷ୍ଠ ବାହୁ ଯୁଗଳ । ଦେହରୁ ଝରିପଡ଼ିଲା ବ୍ରହ୍ମଚର୍ଯ୍ୟମୟ ପୌରୁଷର ହାତରୁ ଖସି ପଡ଼ିଲା ଧନୁ । ଦେହ ହେଲା ନିସ୍ତେଜ, ଅବଶ, ଅଚଳ ।

ନନ୍ଦିଘୋଷରେ ବସିଛନ୍ତି କୃଷ୍ଣା ସୋଦର ଶିଖଣ୍ଡି । ଶ୍ରୀକୃଷ୍ଣଙ୍କ ପ୍ରବାଳ ଅଧରରେ ଫୁଟି ଉଠିଲା ରହସ୍ୟ ମଣ୍ଡିତ ହସ । ଏବଂ ସେହି ହସର ଲହରୀରେ କହିଲେ ସେ, ହଠାତ ତୁମଠାରେ ଏ କ ପରିବର୍ତ୍ତନ ପିତାମହ ? ତୁମେ ସେଦିନ କୌରବ ରାଜସଭାରେ ପ୍ରତିଜ୍ଞା କରିଥିଲ ନା, ମହାଭାରତ ଯୁଦ୍ଧର ଦଶଦିନର ଅବ୍ୟବହିତ ପୂର୍ବରୁ ପୃଥ୍ୱୀକୁ କରିବ ଅପାଣ୍ଡବା ?

ଭୀଷ୍ମଙ୍କର ଗୁରୁଗମ୍ଭୀର ମୁଖମଣ୍ଡଳରେ ଦେଖା ଦେଇଥିଲା, ସ୍ୱେଦ-ପଟଳରମୁକ୍ତାବିନ୍ଦୁ । କହିଲେ ସେ, ଏହା ମୁଁ ବହୁ ପୂର୍ବରୁ ଜାଣିଥିଲି

Digitized by srujanika@gmail.com

ମାୟାଧର । ତୁମ ହସ୍ତର ମାୟାଚକ୍ର ତଳେ ଏ ମହାଭାରତ ଯୁଦ୍ଧର ହେବ ଅବସାନ ।

ଏଠାରେ କାହାର ଧନ, ମାନ, ଯୌବନର ଉପଯୋଗିତା ଚିରନ୍ତନ ନୁହେଁ ।

କିନ୍ତୁ ତୁମର ଏକ ସ୍ଥାନ ତନ୍ଦ୍ରାଚ୍ଛନ୍ନ ଚକ୍ରୀ ? ଭୀଷ୍ମଙ୍କୁ ପରାଜିତ କରିବା ପାଇଁ ଏପରି ମାୟାଜାଲ ବିସ୍ତାର ନକରି ମୋର କଣ୍ଠାମୁଣ୍ଡ ଖୋଜୁଥିଲେ, ମୁଁ ଅଶରେ ପ୍ରଦାନ କରିଥାନ୍ତି । ମାତ୍ର ଏଠାରେ ତୁମେ କାହାର ପରିଚୟ ଦେଇଛ ଯାଦବ ?

ଭୀଷ୍ମଙ୍କର ଦୁଇ ରକ୍ତ'ଭ ବର୍ଣ୍ଣ'ରତ ଚକ୍ଷୁରେ ଦୁର୍ବାସାର କ୍ରୋଧ !

ତଥାପି ପ୍ରଭାତର ପୁଷ୍ପପରି ମୁଠାଏ ହସ ଲାଗିରହିଛି ଶ୍ରୀକୃଷ୍ଣଙ୍କର ଚନ୍ଦ୍ରାନନ୍ଦମୟ ଓଷ୍ଠାଧରରେ ।

ଘଣ୍ଟାଘଡ଼ିର ପ୍ରଚ୍ଛନ୍ନ ଡାକରେ ମେଘ ଗର୍ଜ଼ନ ଆସିଲା ପରି ସେତେ-ବେଳକୁ ସେଠାରେ ଉପସ୍ଥିତ ହୋଇଥିଲେ କୌରବ ପ୍ରମୁଖ ଦୁର୍ଯୋଧନ । ମନର ଆକସ୍ମିକ ଅନୁଶୋଚନାରେ ଶୁଷ୍କ ପତ୍ରକୁ ଉଡାଇ ନେଉଥିଲା ପାଣ୍ଡବ ମାନଙ୍କର ଆନନ୍ଦାତିଶଯ୍ୟ ଜନିତ ଉଚ୍ଛୃଙ୍ଖଳ ହସର ପ୍ରଭଂଜନ ।

ଭୀଷ୍ମ କହିଲେ, ଶୁଣ କୁରୁଧ୍ୱଜ, ପ୍ରତିଜ୍ଞା ପୂରଣ କରି ନପାରି ମୁଁ ଏଠାରେ ଆତ୍ମ ବିସର୍ଜନ କରିବା ପୂର୍ବରୁ କହି ଯାଉଛି, ଏ ମହାଭାରତ ଯୁଦ୍ଧ ଏହିଠାରେ ଶେଷ ହେଉ । ନଚେତ ମାୟାଧରଙ୍କର ମାୟା ଜାଲରେ ଅସହାୟ କପୋତ ପରି କୌରବମାନେ ସର୍ବଶେ ବିନାଶ ହେବ ।

ଭୀଷ୍ମଙ୍କର ଚକ୍ଷୁ କ୍ରମଶଃ ମୁଦ୍ରିତ ହୋଇ ଆସୁଥିଲା ।

Digitized by srujanika@gmail.com

ହଠାତ ଧର୍ମ ନନ୍ଦନ ଯୁଧିଷ୍ଠିର ତାଙ୍କର ସମ୍ମୁଖକୁ ଯାଇ କହିଲେ, ପିତାମହ ! ଧର୍ମ ସଂସ୍ଥାପନ ପାଇଁ ଶ୍ରୀକୃଷ୍ଣ ଯେଉଁ ମାୟା ବିସ୍ତାର କରିଛନ୍ତି, ତାହା ସର୍ବଜନ ବିଦିତ । ମାତ୍ର ମୁଁ ଆପଣଙ୍କୁ ଅନୁରୋଧ କରୁଛି, ଏ ଯୁଦ୍ଧର ଶେଷ ପର୍ଯ୍ୟନ୍ତ ଆପଣ ଜୀବିତ ରୁହନ୍ତୁ ।

ଭୀଷ୍ମଙ୍କର ଅବଶ ଅଙ୍ଗଲତା ସଂପୂର୍ଣ୍ଣ ମନକୁ ଯେମିତି ହଠାତ ଉଦ୍‌ବେଳ କରି ଦେଇଥିଲା । କହିଲେ ସେ, ଏ ଧର୍ମଯୁଦ୍ଧର ଶେଷ ଦର୍ଶନ ନିମିତ୍ତ ତାହା ହିଁ ହେଉ ଅଗ୍ରପାଣ୍ଡବ । ସେଥିପାଇଁ ଏ ପୂଣ୍ୟ କୁରୁକ୍ଷେତ୍ର ଉପଯୁକ୍ତ ସ୍ଥାନ । ଅର୍ଜୁନ ! ଏଇଠାରେ ତୁମେ ଶରତଳ୍ପ କରିଦିଅ ।

ଅର୍ଜୁନ ନିର୍ମିତ ଶରଶଯ୍ୟାରେ ତଳି ପଡ଼ିଲେ ପିତାମହ ଭୀଷ୍ମ । ତାଙ୍କ ଦେହର ଜ୍ୱଳନକୁ ଉପଶମ ଦେବାକୁ ଅର୍ଜୁନ ତୂଣୀରରୁ ଆଉ କେତୋଟି ନାଗବ ଆସି ଜଳବର୍ଷା କରୁଥିଲା ।

ଅଦୂରରୁ ଭାସି ଆସୁଥିଲା କରୁଣାନ୍ତକ ଶଙ୍ଖର ମର୍ମ କମ୍ପନ ସ୍ୱର । ହର୍ଷ ଓ ବିଷାଦର ଅବରୋଧାଭାସ ଦୁଇ ତରଙ୍ଗ କଣ୍ଠରେ ଫେରି ଯାଉଥିଲେ ଯଥାକ୍ରମେ ପାଣ୍ଡବ ଓ କୌରବମାନେ ନିଜର ପ୍ରାସାଦ ଅଭିମୁଖେ ।

ଅର୍ଜୁନ ଘରଭିତରେ ଉପସ୍ଥିତ ହୋଇ ବାରୁଣୀ କୋଳରୁ ମାତୃ କୋଳକୁ ଡେଇଁ ପଡ଼ୁଥିଲେ ସୂର୍ଯ୍ୟ ।

ପାଞ୍ଚଜନ୍ୟର ତରଙ୍ଗାୟିତ ସ୍ୱର ତଥାପି ଭାସି ଆସୁଥିଲା କେଉଁ ଅଦୂର ରାଜପଥରୁ ।

—o—

Digitized by srujanika@gmail.com

ନାଥଦାଦ

କଥା ଦେବଦାରୁ ଶିମୂଳି ଗଛର ପ୍ରାକୃତିକ ସମ୍ଭାରକୁ ନେଇ କେଉଁ ଆଦିମ କାଳରୁ ମୁଣ୍ଡ ଟେକିଛି "ବେତନଟୀ" ଗାଁଟି । ଗାଁର ସମ୍ମୁଖରେ ଲମ୍ବି ଯାଇଥିବା ମାଟି ସଡ଼କଟିର ବାଁ ପାଖକୁ ଯେଉଁ ବୃହଦାକାର ବର ଗଛଟି ଅଛି, ସେ ଦେଖିଛି ଏ ଗାଁର ସବୁ କିଛି । କେତେ ଲୋକଙ୍କୁ ତାର ସୁଶୀତଳ ପତ୍ର ଛାୟାତଳେ ଅନ୍ତ ଆପଣାର ପରି ଆଶ୍ରୟ ଦେଇ ଥରେ ସେମାନଙ୍କୁ ପୁଣି ହଜାଇ ଦେଇଛି କାଳର କରାଳ ସ୍ରୋତରେ । ପୁଣି କେତେ ନବାଗତଙ୍କୁ ହସି ହସି କୋଳରେ ବସେଇ ମଣିଷ କରିଛି ।

ତା'ରି ଉପକଣ୍ଠର "ବେତନଟୀ" ଗାଁର ଅଧିଷ୍ଠିତ, ଅବାଞ୍ଛିତ ମଣିଷ, ଗାଁର ଅକାଳ ଧୂମକେତୁ ନାଥଦାଦ ।

କେବଳ 'ବେତନଟୀ' ନୁହେଁ, ଆଖ ପାଖ ପାଞ୍ଚ ଦଶଖଣ୍ଡ ଗାଁର ଲୋକଙ୍କ ମୁଖରୁ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମ୍ବୋଧନ ଶୁଣାଯାଏ ନାଥଦାଦ ।

ଗାଁର ପିଲାମାନେ ଖୁସିରେ ଡାକନ୍ତି ନାଥଦାଦ । ଅଭିଯୋଗ ନେଇ ଆସିଥିବା ଲୋକ କାର୍ଯ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଡାକନ୍ତି ନାଥ-ଦାଦ । ନିମ୍ନବିତ୍ତ ପରିବାରର ଲୋକମାନେ ଭୟରେ ଡାକନ୍ତି ନାଥଦାଦ । ଆଉ ଧନୀ, ବିତ୍ତଶାଳୀ ବ୍ୟକ୍ତି ସାମୂହିକ କାର୍ଯ୍ୟରେ ମୁନାଫା ଉଠାଇବା ପାଇଁ ଆନ୍ତରିକତାର ସହିତ ଡାକନ୍ତି ନାଥଦାଦ ।

ନାଥଦାଦଙ୍କ ବୟସ ବାର୍ଦ୍ଧକ୍ୟତାର ସୀମାଟପି ନଥିଲେ ବି ଅନ୍ତ-ତଃ ପଚାଶରୁ କମ୍ ହେବନାହିଁ । ମୁଣ୍ଡରେ ଛଣିକିଆ ଶୁଭ୍ର କେଶ ସାଙ୍ଗକୁ ଆଖି ଦୁଇଟା ବାରମାସୀ ଚଢେଇ ପରି ବାହାର ସମୟରେ ବାହାର

Digitized by srujanika@gmail.com

ରୂପ ଧାରଣ କରେ । କେତେବେଳେ କ୍ରୋଧରେ ପିଆଜ ଚାଖୁଡ଼ା ପରି ଲାଲ ଦିଶୁଥାଏ ତ କେତେବେଳେ ଆତ୍ମସାତ ଜନିତ ଲୋଭରେ ଉଦ୍ଦେଶ୍ୟ ରସାଣିତ ହୋଇପଡ଼େ । ପୁଣି କେତେବେଳେ କାହାକୁ ମୁହଁରେ ହସ ମନରେ ବିଷ ଭରି ଭରଷି କରି ପଦେ କଥା କହନ୍ତି । ମୁହଁରେ ପୂର୍ବ ଭଳି ଯୁବକର ଦାଢ଼ୀ ନଥିଲେ କ'ଣ ହେବ, ନାକ ତଳକୁ ଥିବା ପାଚିଲା ମାଗୁର ଫୁଲିଆ ନିଶ ହଳକୁ ଦେଖିଲେ ଲୋକଙ୍କ ମନରେ ଯେ ଭୟରେ ଫଗୁର ନ ହେବ, ଏକଥା କହିବା ଧୃଷ୍ଟତା ମାତ୍ର । ଏକେ ତ ବାର୍ଦ୍ଧକ୍ୟ, ଦ୍ୱିତୀୟରେ ଅତ୍ୟାଧିକ ପାନ ଚୋବାଇବା ଦ୍ୱାରା ଦାନ୍ତ କେଇଟି ଗଳି ପଡ଼ିବା ଫଳରେ କଥା କହିଲା ବେଳେ ଟିକେ ଅସ୍ପଷ୍ଟ ଜଣାପଡ଼େ ।

ଆଜି ନୁହେଁ, ନାଥଦାଦିଙ୍କ ଦେହରେ ବଳ ବୟସ ଥିବାବେଳେ ବି କିଛି କାମ ଧନ୍ଦା କରୁ ନଥିଲେ । କେବଳ ଗାଁରେ କିଏ ଭଲ ଚଳିଲା, କିଏ ତାର ଆଖି ଶକ୍ତି ବଳରେ ପ୍ରତିଷ୍ଠା ଅଧିକରଣ କଲା, କିଏ ଦେହରୁ ଲହୁ ଲୁହ ଟାଳି ପରିଶ୍ରମ କରି ଗଣ୍ଡିଏ ଖାଇ ଖଣ୍ଡିଏ ପିନ୍ଧିଲା, କିଏ ଅବା ପାଠ ପଢ଼ି ଚାକିରି କରି ଦୁଇ ପଇସା ରୋଜଗାର କରି ଗାଁରେ ସମ୍ମାନାସ୍ପଦ ହେବାକୁ ବସିଲା, କଳେ ବଳେ ତାର ମୁଣ୍ଡ ଉପରେ ପାଦ ଦେଇ ବାମନ ବଳୀକୁ ପାତାଳକୁ ଚାପିଲା ପରି ତାକୁ ତଳକୁ ଚାପିବା ହେଲା ନାଥଦାଦିଙ୍କର ଗୋଟାଏ ବଂଶଗତ ପେଶା ।

ଏ ଦୁନିଆ ବାସ୍ତବରେ ବଡ଼ ଅଦ୍ଭୁତ । ଏଠାରେ ଜନ୍ମ ଲାଭ କରିଥିବା ପ୍ରତ୍ୟେକ ମଣିଷଙ୍କ ଠାରେ କିଛି ନା କିଛି ବ୍ୟତିକ୍ରମ ଦେଖାଯାଏ । ଅନ୍ୟର ସୁଖ ସ୍ୱଚ୍ଛନ୍ଦ୍ୟ ଦେଖିବା ଦୂରେ ଥାଉ, ନିଜେ କପଟ ବଡ଼ ହେବା, ଫନ୍ଦି ଫିକର କରି ଅନ୍ୟକୁ ଦୁଆରେ ବସାଇ ଅନ୍ୟ ଲୋକଙ୍କ ପାଇଁ ମାମଲତି କରିବା, ଯାଇ ପଡ଼ିଶା ପିଲାମାନଙ୍କ ପ୍ରତି 'ପରୋକ୍ଷେ କାର୍ଯ୍ୟହନ୍ତାରଂ ପ୍ରତ୍ୟକ୍ଷେ ପ୍ରିୟ ବାଦିନମ୍' ନୀତିରେ କଟାକ୍ଷ ପାତ କରିବା ଠାରୁ ଆରମ୍ଭ କରି କାନ କୁହା ଲୋକଙ୍କୁ ହାତରେ ରଖି ତାଟି ତଳେ ରହି ଗୁଳିମାରି ମାଇପି ମହଲରେ କେମିତି ଖେଳ ଲଗାଇ ଅନ୍ୟକୁ ଅସୁବିଧାରେ ପକାଇବା ପାଇଁ ଯେମିତି ଏମାନେ ଜଣେ ଜଣେ ଈଶ୍ୱର ପ୍ରେରିତ ପ୍ରତିନିଧି ।

Digitized by srujanika@gmail.com

ଏ ସବୁ ଗୁଣରେ ପରିପୂର୍ଣ୍ଣ ଥିଲେ 'ବେତନଟି' ଗାଁର ଖଳନାୟକ ନାଥଦାଦ୍ଧ ।

ମାତ୍ର ଏସବୁ ଦେଖି ଶୁଣି ସହି ପାରୁନଥିଲେ ତାଙ୍କର ନିର୍ଦ୍ଧନ,ଅମାୟିକ, ହୃଦୟବାନ ସାନଭାଇ ଦଶରଥ । ବେଳେ ବେଳେ ତାଙ୍କୁ ମଧ୍ୟ ଏହାର କୁ-ପରିଣାମ ଜନିତ ନିର୍ଯ୍ୟାତନା ସହିବାକୁ ପଡ଼ୁଥିଲା । ଫଳତଃ ଶ୍ରବଣ ନିକଟରେ ବାଡ଼ିଷଣର ଅନିଶ୍ଚିତ ଅବସ୍ଥିତ ପରି ଦିନେ ସେ ତାଙ୍କ ଠାରୁ ଅଲଗା ହୋଇ ଯାଇଥିଲେ । କେବଳ ତିଅ ବାଡ଼ି ସତ୍ତ୍ୱକୁ ବାଦ ଦେଲା ପରେ ଆଜ କୌଣସି ଭୂସମ୍ପତ୍ତିରେ ଦଶରଥଙ୍କର ସତ୍ତ୍ୱ ନାହିଁ ବୋଲି ନିଜ ହାତର କସ୍ରମତ ଦେଖାଇ ଦେଖାଇ ନାଥଦାଦ ମୁଖିଆ ପାଞ୍ଚ ଲୋକଙ୍କୁ ବସାଇ ପ୍ରମାଣ କରି ସାରିବା ପରେ ଦଶରଥଙ୍କୁ ମଧ୍ୟ ପୌଢ଼ ବୟସରେ ପରଦୁଆରେ ମୂଲ ଲାଗିବାକୁ ପଡ଼ିଥିଲା । ତଥାପି ନାଥଦାଦ୍ଧଙ୍କ କୋପଦୃଷ୍ଟି ବେଳେ ବେଳେ ଅତିଶୟ ହୋଇ ପଡ଼ୁଥିଲା ଦଶରଥଙ୍କୁ । କାରଣ ନାଥଦାଦ୍ଧଙ୍କ ପାଣିଗୁରକୁ ଲାଗି ଗୋରୁ ଦାଣ୍ଡ ପର୍ଯ୍ୟନ୍ତ ଯେଉଁ ଦଣକଡ଼ ନାଳ ପଡ଼ିଛି ଥିଲା ସେଇଟା ପଡ଼ିଥିଲା ଦଶରଥଙ୍କ ଭାଗରେ । ତାହାଡ଼ା ପାଣିଗୁରକୁ ଥିବା ତାଳଗଛଟି ନାଥଦାଦଙ୍କ କୋପ-ଦୃଷ୍ଟିକୁ ଆହୁରି ବହୁ ଗୁଣିତ କରୁଥିଲା ।

ଦଶରଥ ଯେତେବେଳେ ତାଳଗଛରୁ ବଉଡ଼ା କାଟୁଥିଲେ, ଆଷାଢ଼ ମାସରେ ତାଳ ପାଚି ଗଛରୁ ଝଡ଼ୁଥିଲା । ସେସବୁ ନାଥଦାଦଙ୍କ ଗୁଳଜୁପରେ ପଡ଼ୁଥିଲା । ତେଣୁ ସେ ସେତକ ନିଜ ହାତକୁ ଆଣିବା ପାଇଁ ସବୁବେଳେ କାଇଦା କୌଶଳ ଖୋଜୁଥିଲେ ।

ଦଶଥଙ୍କର ତେର ବର୍ଷ ବୟସର ଗୋଟିଏ ବୋଲି ପୁଅ ନଉହର ଗୋଟିଏ ଖଟିଖିଆ ଅଭାବ ସଂସାରରେ ପାଠ ପଢିବାର ସୁଯୋଗ ପାଇବା ଦୂରେ ଥାଉ, ଆବଶ୍ୟକ ବେଳେ ତାକୁ ପର ଦୁଆରକୁ ଯିବାକୁ ପଡ଼ୁଥିଲା । ଛୋଟ ପିଲା ହେଲେ ବି ତାର ଶାନ୍ତଶିଷ୍ଟ ଆଚରଣ ଯୋଗୁ ଗାଁ ଲୋକ ତାକୁ ଖୁବ୍ ସ୍ନେହ ଆଦର କରୁଥିଲେ । ଯମସ୍ତଙ୍କ ନିକଟରେ ସେ ଥିଲା

Digitized by srujanika@gmail.com

ପ୍ରିୟପାତ୍ର । ମାତ୍ର ନାଥବାବୁ ସେଥିରେ ଈର୍ଷାନ୍ୱିତ ହୋଇ କେତେବେଳେ କ୍ରୁଦ୍ଧ ହୋଇ ଉଠନ୍ତି ।

ଖାଲ ଢିପର ଅସମତଳ ରାସ୍ତାରେ ନଦୀ ଧାର ବହି ଚାଲିଥିବା ସମୟର ସ୍ରୋତ ବହିଗଲେ ଦିନ ରାତିର ଆବର୍ତ୍ତନକୁ ନେଇ ।

ଏହିପରି ଭାବରେ ଦୁଇ ଚାରି ବର୍ଷ କଟିଗଲା ଦଶରଥଙ୍କର ଆୟୁରେଖା ଚାଲେ ଗୋଟିଏ ଦିନ ମଜୁରିଆ ପରିବାର ।

ହଠାତ୍ ଦିନେ ସନ୍ଧ୍ୟାବେଳେ ଦଶରଥ କାମରୁ ଆସି ଖାଇ ଶୋଇବା ପରେ ଦେହରେ କମଶ ଉତ୍ତାପ ଅନୁଭୂତ ହେଲା । ପରେ ପରେ ଲୋମ ଟାଙ୍କୁରି ଉଠିବା ସାଙ୍ଗକୁ କମ୍ପ ଓ ଦେହ ହାତରେ ଭେଲୁ ପଶିଗଲା ପରି ହୋଇ ରାତି ଦଶଟା ସୁଦ୍ଧା ଦେହରେ ପ୍ରବଳ ଜର ମାଡ଼ି ଆସିଲା । ବେଳକୁ ବେଳ ପରିସ୍ଥିତି ଖୁବ୍ ଉଦ୍‌ବେଗ ଜନକ ହୋଇ ପଡ଼ିଲା ।

ଜ୍ୟେଷ୍ଠ ପିଲା ମାତ୍ର ନରହରି । ବାପର ଏପରି ଆକସ୍ମିକ ଅସୁସ୍ଥତାରେ ବିବ୍ରତ ହୋଇ ପଡ଼ିଲା । ଘରେ ଗୋଟିଏ ପଇସା ନାହିଁ କି କାହା ପାଖକୁ ଯାଇ ଟିକେ ଡାକ୍ତର ଆଣିବାକୁ ସାହସ ନଥାଏ ନରହରିର । ଅଗତ୍ୟା ପରିବାରର ପ୍ରତ୍ୟେକ ଲୋକ ଦଶରଥଙ୍କ ମୁଣ୍ଡ ପାଖରେ ବସି ରାତି ବିତାଇବା ବ୍ୟତୀତ ଅନ୍ୟଉପାୟ ନଥିଲା ।

ସେଦିନ ସବୁ ଦିନ ପରି ରାତି ପାହି ସକାଳ ହେଲା । ପ୍ରଭାତ ସୂର୍ଯ୍ୟଙ୍କର ଉଷ୍ମ କୋମଳ ମୃଦୁ ସ୍ପର୍ଶ ପାଇଁ ଦାଣ୍ଡର ତୁଳସୀ ଚଉଁରା ପାଖରେ ଥିବା ସୂର୍ଯ୍ୟମୁଖୀ ଫୁଲ ସବୁ ମୁହଁ ଟେକି ଆକାଶକୁ ଅନାଇଲେ ହସ ହସ ବଦନରେ ।

ଏ ପାର୍ଥିବ ଦୁନିଆରେ ଯାହା ଚିରନ୍ତନ ସତ୍ୟ, ସେ ଯେତେ ନିର୍ମମ ହେଉ ନା । କାହିଁକି, ତାହା କି ପ୍ରକଟିତ ହେଲା ପ୍ରଭାତ ସୂର୍ଯ୍ୟଙ୍କର ଆତ୍ମ-ପ୍ରକାଶରେ ।

Digitized by srujanika@gmail.com

ମଣିଷର ଜୀବନଯାତ୍ରା ସ୍ୱଭାବ-ସାବଲୀଳ ଭାବରେ ହର୍ଷୋତ୍‌ଫୁଲ୍ଲ ହୋଇ ଉଠିଲା ସେହି ସୂର୍ଯ୍ୟମୁଖୀ ସୁଲଭ ସୁନ୍ଦର ଭାବମୟତାରେ ।

ସେଥିରୁ ବଞ୍ଚିତ ଥିଲା ଗୋଟିଏ ପରିବାର । ଦଶରଙ୍କର ଅସହାୟ, ଅନାହାର କବଳିତ ଦରିଦ୍ର ସଂସାରଟି ସତେ ଯେମିତି ସେ ସବୁର ବହୁଦୂରରେ ରହିଯାଇ ଥିଲା ।

ଚତୁପାର୍ଶ୍ୱ ବାଲୁକା ବେଷ୍ଟିତ କେଉଁ ଆଗଭୀର ନଦୀର ଅତଳାନ୍ତ ପାଣି ପରି ଦଶରଥଙ୍କ ନିଥର ନିଶ୍ଚଳ ଦେହଟା ପଡ଼ି ରହିଥିଲା ଶଯ୍ୟା ଉପରେ ।

ଗାଁର କେହି ଲୋକ ଧାଇଁ ଆସି ଦଶରଥଙ୍କୁ ଦେଖିବାରେ ଲାଗିଥାନ୍ତି । କେହି ଅବା ପଦେ ଅଧେ କଥା କହି ଦଣ୍ଡେ ଘଡ଼ିଏ ଅଟକି ପୁଣି ଚାଲିଯାଆନ୍ତି ନିଜ ବାଟରେ ଗୁଡ଼ାଏ ସ୍ମୃତିକୁ ହୃଦୟରେ ଧରି । ଠିକ୍ ଯେମିତି ନଦୀ ଘାଟକୁ ଗାଧୋଇ ଆସିଥିବା ଗ୍ରାମ୍ୟ ବାଳିକାଗଣ ଗାଧୋଇ ସାରି ନଦୀର ବାଲୁକା ଶଯ୍ୟା ଉପରେ ଥୋଇଦେଇ ଯାଆନ୍ତି କେତୋଟି ପାଦଚିହ୍ନ ମାତ୍ର ।

ଲୋକଙ୍କର ଏଇ ଯିବା ଆସିବା ଭିତରେ ଗାଁ ଦାଣ୍ଡର ଧୂଳି ଉଡ଼ାଇ ଗୋରୁପଲ ଚାଲିଗଲେ ଚରିବା ପାଇଁ ଅଦୂର ଡୋଟାମାଳକୁ ।

ମୃତ୍ୟୁର କ୍ରୂର ପରିହାସରେ ମଣିଷ ମନର ଲୋଭ, ଦୟା, ମୋହ, ଈର୍ଷା, ଘଡ଼ିକ ଭିତରେ ମିଳାଇଗଲା ପରି ଦଶରଥଙ୍କ ଆଖିପତା ମୁଦି ହୋଇ ଆସୁଥାଏ । ଉପସ୍ଥିତ ଲୋକମାନଙ୍କର ଗଭୀର ସମବେଦନାରେ ଦଶରଥଙ୍କ ପରିବାରରେ ଅଶ୍ରୁର ଏକ କ୍ଷୀଣ ସ୍ରୋତ ବହି ଚାଲିଥାଏ ।

ମାତ୍ର ସବୁଥିରେ ନୀରବ ନିର୍ବିକାର ନାଥଦାଦି । ସବୁ ବିକଳମୟତାରେ ତାଙ୍କ ଆଖିରେ କଣ୍ଟା ବାଜିଲା ପରି ଅନୁଭୂତ ହେଉଥାଏ ସେଇ ନାଳିପଟି ଦଶକଡ଼ି ସହିତ ପାଣିଚୂରକୁ ଥିବା ଚାଳଗଛଟି ।

Digitized by srujanika@gmail.com

ସମସ୍ତ ସେତେବେଳକୁ ଦିନ ବାରଟା । ଗୋଟିଏ ସଂସାର ଆସକ୍ତ ମଣିଷର ଜୀବନ ପ୍ରଦୀପ ଲିଭିଯିବାର ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତ ।

କରୁଣ କ୍ରନ୍ଦନର ଏକ ଆର୍ଦ୍ର କୋଳାହଳରେ ସଂପୂର୍ଣ୍ଣ ଘରଟି ହଠାତ ମୁଖରିତ ହୋଇ ଉଠିଲା । ଥରକୁ ଥର ଅଚେତନ ଅବସ୍ଥାରେ ନରହରି ଢଳି ପଡୁଥିଲା ତାର ବାପାଙ୍କର ମୃତ ଦେହ ଉପରେ ।

ଏମିତି କେତୋଟି ମୁହୂର୍ତ୍ତ କଟିଗଲା ଗତାୟୁ ଦଶରଥଙ୍କ ଶୋକସନ୍ତପ୍ତ ପରିବାରରେ ଅଶ୍ରୁବନ୍ୟାର ଏକ ଅବଦମିତ ଭାବାବେଗକୁ ନେଇ ।

ଗାଁର ଭାଇ କେତେ ଜଣ ଆସି ଦଶରଥଙ୍କ ପିଣ୍ଡାରେ ବସିଲେ । ବହୁ ସାନ୍ତ୍ୱନା ଆଶ୍ୱାସନା ପରେ ନରହରି ଆଖିରୁ ଲୁହଧାର ପୋଛି ଦାଣ୍ଡକୁ ଆସିଲା ।

କେତେଜଣ ମୁରୁଖୀ ଲୋକଙ୍କ ପରାମର୍ଶ କ୍ରମେ ଗାଁର ପ୍ରତ୍ୟେକ ଲୋକଙ୍କ ଘରକୁ ଯାଇ କାହାକୁ ଦାଦା କାହାକୁ ଭାଇ କହି ଡାକି ଆଣି ଦାଣ୍ଡରେ ବସାଇଲା । ସମସ୍ତେ ସେତେବେଳକୁ ବ୍ୟସ୍ତ ବ୍ୟଥିତ ହୋଇପଡ଼ୁଥାନ୍ତି କାରଣ ଏକେତ ଦଶରଥଙ୍କ ଅସମୟ ମୃତ୍ୟୁରେ ଗାଁର ଜୀବନ ଯାତ୍ରା ବ୍ୟାହତ, ଦ୍ୱିତୀୟରେ ସାନଭାଇର ମୃତ୍ୟୁପରେ ବି ବଡ଼ଭାଇ ନାଥଦାଦିଙ୍କର ତା ପ୍ରତି ଯେଉଁ ଅଶୁସ୍ଥ ମନୋବୃତ୍ତି ଜନିତ ବୈମାତୃକ ଭାବ, ସେଥିରେ ଏକା ନରହରି ନୁହେଁ, ଗାଁର ଭାଇମାନେ ମଧ୍ୟ ବିବ୍ରତ ହୋଇ ପଡ଼ୁଥାନ୍ତି । ଆଜି ଯେଉଁ କେତେଜଣ କାନକୁହା ଚରଣ-ଚାଟିଆ ଏ ଘରେ ମାଉସୀ ସେ ଘରେ ପିଉସୀ ସାଜି ଗାଁର ପରିବାର ପରିବାର ଭିତରେ, ଭାଇ ଭାଇ ଭିତରେ ବେଶ୍ ଏକ ରକମ ଭାନୁମତୀ ନାଟ ଲଗାଇ ନିଜର ମାମଲତି ପଣିଆ ଦେଖାଇବାକୁ ଚେଷ୍ଟା କରନ୍ତି, ସେମାନଙ୍କ ଭିତରୁ ମଧ୍ୟ କେଇଜଣ ଉପସ୍ଥିତ ଥିଲେ ।

ସମସ୍ତଙ୍କ ଉପସ୍ଥିତିରେ କଥାଟା ଆଲୋଚନା ହେଲା । ଏ ପରିସ୍ଥିତିରେ କ'ଣ କରାଯାଇ ପାରେ ପରସ୍ପର ଭିତରେ ମତାମତ ପାଇଁ ଗାଁର ମୁରୁଖୀ ଶଙ୍କର ରାଉତେ ଅନ୍ୟ ଭାଇମାନଙ୍କ ମୁହଁକୁ ଚାହିଁଲେ ।

Digitized by srujanika@gmail.com

ନିଜର ମତ ଦେବାକୁ ଯାଇ ପ୍ରଥମେ ନାରଣ ସାଉତେ ଆରମ୍ଭ କଲେ, ଏତ କଳିଯୁଗ । ଭଲ ଜାଗାରେ ଭେଲ ହୁଏ । ମୁଁ କ'ଣ କହୁଥିଲିକି, ଯଦିଓ ନାଥଦାଦ ନିଜ ଇଚ୍ଛାରେ ଏଠାକୁ ନ ଆସିଲେ, ତେବେ ନରହର ଥରେ ଯାଇ ଡାକୁ ବାପ କିଏ-ବଡବାପ କିଏ ? ସେଥିରେ ନରହରର ମାନ ସମ୍ମାନ କିଛି ତଳେ ପଡ଼ି ଯିବ ନାହିଁ । ତା ଛଡ଼ା ଦଶରଥ ବି ନିଜର ପୁଳାଏ ମଶାଣିପଦା ରଖିଯାଇ ନାହିଁ । ଏତ କିଛି ସାଧାରଣ କଥା ନୁହେଁ ଯେ, ସାଇଭାଇ କାମଟାକୁ ଚଳାଇ ନେବେ । ନିଜ ପରିବାରର ଜଣେ ଆଗକୁ ଲୋକ ' ଥିବା ଦରକାର ।

ନାରଣ ସାଉତଙ୍କ ମିଛଗପ, ଚରିତ ଚରିତ୍ର ଉପରେ 'ବେତନଟୀ' ଗ୍ରାମର ଆବାଳ ବୃଦ୍ଧ ବନିତା ଅଳ୍ପ ବହୁତେ ଅବଗତ ।

ପାଞ୍ଚମନ, ପଚଶ ପ୍ରକୃତିକୁ ନେଇ ମଣିଷ ଜନ୍ମଲାଭ କରେ ଦୁନିଆରେ । ତୁଳନା କରି ଦେଖିଲେ ସେଥିରୁ କାହାର ଭଲ ଆଡ଼କୁ ତ କାହାର ଖରାପ ଆଡ଼କୁ ମାତ୍ରାଟା ଟିକେ ଅଧିକ ହୋଇଯାଇଥାଏ ।

ନାରଣ ସାଉତେ ତନ୍ମଧ୍ୟରୁ ଅନ୍ୟତମ । ସେସବୁ କଥା ଉପରେ ବିଭିନ୍ନ ଆଲୋଚନା ସମାଲୋଚନା କିଛି ସମସ୍ତ ଜାଣନ୍ତି । ନାରଣ ସାଉତଙ୍କ କଥାଟା ସଂପୂର୍ଣ୍ଣ ଅମୂଳକ ନୁହେଁ । ଶେଷରେ ସମସ୍ତେ ନିଷ୍ପତ୍ତି ନେଲେ, ନରହରି ଯାଇ ନାଥଦାଦଙ୍କୁ ଡାକିବ, ତାହାହିଁ ହେଲା ।

ନରହର ଗାମୁଛା କାନରେ ଆଖିରୁ ଲୁହ ପୋଛି ଯାଇ ପହଞ୍ଚିଲା ନାଥଦାଦଙ୍କ ଚଉପାଢୀ ପିଣ୍ଡାରେ । ନାଥଦାଦ ସେତେବେଳେ ଆଖିରେ ଗୋଟିଏ ଦୋପଟି ଚଷମା ଲଗାଇ କ'ଣ ଗୋଟିଏ ପୁରୁଣା କାଗଜ ଖେଳେଇ-ବାରେ ଲାଗିଥାନ୍ତି ।

ନରହର ପାଖକୁ ଯାଇ 'ବଡ଼ବାପା ବୋଲି ଡାକୁ ଡାକୁ ଭୋ ଭୋ ହୋଇ କାନ୍ଦି ଉଠିଲା । ଦମକାଏ ପବନରେ ଗଛରୁ ପୁଳାଏ ଶୁଖିଲା ପତ୍ର ଝରି ପଡ଼ିଲା ପରି ଘର ଲୋକ ଠାରୁ ଆରମ୍ଭ କରି ଗାଁ ର ପିଲାଛୁଆ କେତେ ରୁଣ୍ଡ ହୋଇ ପଡ଼ିଲେ ସେଇଠି ।

Digitized by srujanika@gmail.com

ନାଥଦାଦା ଚଷମା ଖୋଲି ଆଖି ଟେକି ଅନାଇଲେ ନରହରିକୁ ।

କୌଣସି ଅପକର୍ମ କରି ଦୋଷୀ ସାବ୍ୟସ୍ତ ହୋଇଥିବା କେଉଁ ହତଭାଗ୍ୟ ମଣିଷଟି ପରି ସେମିତି ଠିଆ ହୋଇ ଅସହାୟ ଭାବରେ କାନ୍ଦୁଥିଲା ନରହରି ।

ନାଥଦାଦା ଗୁପ୍ତ କଣ୍ଠରେ କହିଲେ, କିରେ ନରହରି, ଏ ଅଭିନୟର ପୁଣି ରହସ୍ୟ କ'ଣ ? ଆଗରୁତ କାହିଁ ଦିନକ ପାଇଁ ତୋ ପାଦ ଏଠାରେ ପଡୁନା ।

ନରହରିର ହୃଦୟର ଭାବାବେଗଟା କ୍ରମ ବର୍ଦ୍ଧିଷ୍ଣୁ ହୋଇ ଉଠିଲା । ବରଂ ପ୍ରଶମିତ ହେଲା ନାହିଁ । କହିଲା ସେ, ବଡବାପା, ମୋ ବାପା ମରିଗଲେ । ଆପଣ ଥାଉ ଥାଉ ମୋ ବାପା ସେମିତି ଘରେ ପଡ଼ି·········

ଗୋରୁର ଗଳାପରେ ମୁଣ୍ଡକୁ ବୁଦ୍ଧି ଆସେ । ପର ବୁଦ୍ଧି ପ୍ରଳୟଙ୍କରୀ ଏ କଥା ତୁ ବୋଧ ହୁଏ ଭୁଲିଯାଇଛୁ । କିରେ ଗୁହା କପେ ଖାଇବା ଆଶାରେ ଗାଁ ପଣି ପିଣ୍ଡାରେ ବସି ଯେଉଁମାନେ ଚୁପ୍ ଚୁପ୍ କରି ପରାମର୍ଶ ଦେଉଥିଲେ, ସେମାନେ କ'ଣ ଜାଣିବେ ନାହାନ୍ତି ଯେ ତତେ ମୋ ପାଖକୁ ଆସିବାକୁ ପଡ଼ିଲା ?

ସେ ସବୁ ପଛ କଥା ଆପଣ ଭୁଲି ଯାଆନ୍ତୁ ବଡବାପା । ମୁଁ କ'ଣ ଆପଣଙ୍କ ପୁଅ ନୁହେଁ ?

ଠିକ୍ କହିଛୁରେ ନରହରି । ତୁ ମୋ' ପୁଅ, ମୁଁ ମାନୁଛି । ହେଲେ ତୋ ବାପ ପର ବୁଦ୍ଧିରେ ପଡ଼ି ମୋତେ ଯାହା କରିଛି, ତାକୁ ଭୁଲି ହେବ ନାହିଁ । କାରଣ ଦେହରେ ଦାଗ ଲଗିଲେ ଦିନେ ନା ଦିନେ ତାହା ଲିଭିଯାଏ, କିନ୍ତୁ ମନରେ ଦାଗ ଲାଗିଲେ କାଳ କାଳକୁ ରହିଥାଏ । ଆଜି ସେ କଥା ମନରେ ପଡ଼ିଲେ············ଛାଡ଼ ତୋତେ କହି ଦେଉଛି କ'ଣ ମିଳିବ ?

Digitized by srujanika@gmail.com

ଯାହାକୁ କହିବା କଥା ଆଜ ସେ ପାଖରେ ନାହିଁ । ……… ଗୋଟିଏ ଦୀର୍ଘ-ଶ୍ୱାସ ନେଲେ ନାଥଦାଦା ।

ନରହର କହିଲା, ଗାଁର ସବୁଲୋକ ଦାଣ୍ଡରେ ବସି ଆପଣଙ୍କୁ ଡାକୁଛନ୍ତି, ଆପଣ ଟିକେ ସେଇଠିକି ଚାଲନ୍ତୁ ।

ମୋର ବା ଦରକାର କ'ଣ ସେଠିକି ଯିବା । ବରଂ ଯଦି କିଛି କହିବାର ଥାଏ, ସେମାନେ ଏଠାକୁ ଆସନ୍ତୁ । ଆରେ, କଥାରେ ଅଛି, ବାହାଘର ପରେ ବେଘ ମୁହଁ ପୋଡ଼ା । ସେତେବେଳେ କାହାର ଅବା ଦରକାର ଥାଏ ସେଠାକୁ ଯିବା ?

ନରହର ନାଥଦାଦାଙ୍କର ଉଦ୍ଦେଶ୍ୟ ବୁଝିକି ନବୁଝି କିଛି ଉତ୍ତର ଦେଇ ପାରି ନଥିଲା । ଫେରି ଆସି ଦାଣ୍ଡରେ ବସିଥିବା ଭାଇମାନଙ୍କୁ ଡାକି ନେଇ ସେଠାରେ ପହଞ୍ଚିଲା ।

କଥାଟା ଏଥର ସିଧା ସଳଖ ଆଲୋଚନାକୁ ଆସିଲା । ପ୍ରସଙ୍ଗ ଉପସ୍ଥାପନ କରି ପ୍ରଥମେ ଫକିର ଗଉଡ କହିଲେ, କଥା କ'ଣକି ନାଥ-ଦାଦା, ଦଶରଥ ଚାଲିଗଲେ । ନରହରିତ ପିଲାଲୋକ । ଏମିତି ଗୋଟିଏ ଜଞ୍ଜାଳ ସଂସାର ଭିତରେ ତାର ବା ଚାରା କ'ଣ ? ଆପଣ ତାର ବଡବାପା । ତେଣୁ ଏ ବଂଶର ହାନି ଲାଭ ସବୁ ଆପଣଙ୍କ ହାତରେ । ଆପଣ ତାର ମୁରବୀ । ଆପଣ ଚାହିଁଲେ ପିଲାଟା ସାଇତା ହୋଇଯିବ ।

ସେଠାରେ ଉପସ୍ଥିତ ଥିବା ଅନ୍ୟ ଭାଇମାନେ ଏମିତି ବିଭିନ୍ନ ପ୍ରକାର ଆଲୋଚନା କରି ନାଥଦାଦାଙ୍କୁ ଏହାର ବ୍ୟବସ୍ଥା ପାଇଁ ଦାବି ଓ ଅନୁରୋଧ ଜଣାଇଲେ ।

ନାଥଦାଦା କିନ୍ତୁ 'ଯଥାପୂର୍ବଂ ତଥାପର' ମତରେ ଅଟଳ ରହି କଥା ଆରମ୍ଭ କଲେ ।

Digitized by srujanika@gmail.com

ତୁମେମାନେ ବାହାର ଭଦ୍ର ଲୋକଙ୍କ ପରି କଥାଟା କହି ଯାଉଛ ସିନା, ଉଚିତ କଥା କେହି କହୁନ। । ମାନଭାଇ ହେଲେ ବି, ଦଶରଥ ମୋ ଠାରୁ ଅଲଗା ହୋଇଯାଇ ଥିଲ । ତା ସହିତ ମୋର କୌଣସି ପାରିବାରିକ ସମ୍ପର୍କ ନଥିଲ । ଆଜ ସେ ମରିଗଲା ପରେ ତାର ଭଲ ମନ୍ଦ ଦାୟିତ୍ୱ ସମ୍ପୂର୍ଣ୍ଣ ନରହରିର । କହିଲାବେଳେ ନାଥବାବୁ ବାରମ୍ବାର ନାରଣ ସାଉଡଙ୍କ ମୁହଁକୁ ଚାହୁଁଥାନ୍ତି । ଶେଷରେ କହିଲେ, କହୋ, ସାଉତେ, ଏମିତି ବସି ରହିଲ କାହିଁକି ?

ନାରଣ ସାଉତ ଶୁଖା ଗଳାରେ କହିଲେ, ଆପଣତ ସବୁବେଳେ ପାଞ୍ଚ ପଚିଶ ଲୋକଙ୍କ ପାଖରେ ବସୁଛନ୍ତି ।· ଆପଣ କ'ଣ ଆଉ ବେଆଇନ କଥା କହିବେ ? କଥାରେ ଅଛି, 'ଭିନେ ହେଲା ଭାଇ ପଡ଼ଶାକୁ ସରିନୁହେଁ' । କେବଳ କଥା ରହିଛି, ବର୍ତ୍ତମାନ ଶବ ସଂସ୍କାର କରିବାକୁ ସ୍ଥାନ କାହିଁ ? ଦଶରଥତ ନିଜ ପାଇଁ ଇଞ୍ଚେ ସ୍ଥାନ ରଖି ଯାଇ ନାହାନ୍ତି । ଆଉ ଅନ୍ୟର ଜାଗାରେ ଶବ ସଂସ୍କାର କଲେ, ଆପଣଙ୍କ ବଂଶକୁ ଲଜ । ସବୁ ଭାଇମାନେ ତ ବସିଛନ୍ତି । ସେଥିପାଇଁ ଗୋଟେ କିଛି ପ୍ରତିକାର କରନ୍ତୁ ।

ସମସ୍ତେ ପରସ୍ପର ମୁହଁକୁ ଚାହିଁଲେ । ନରହରି କାହାକୁ କିଛି କହି ନପାରି ଡାଣ୍ଡରୁ ଘର ଘରୁ ଡାଣ୍ଡ ଏମିତି ଏପଟ ସେପଟ ହେଉଥାଏ ।

ଶେଷରେ ଆଲୋଚନା କରି ଏଇ ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ନାଥବାବୁ ତାଙ୍କ ମଶାଣି ପଦାରୁ ପୁଳାଏ ଦେବେ । ସେଇଠି ଦଶରଥଙ୍କ ଶବ ସଂସ୍କାର କରାଯିବ ।

ନାରଣ ସାଉତ କହି ଉଠିଲେ, ସେଥିରେ ବା ଲାଭ କ'ଣ ? ଦଶରଥର ସେ ତ ଆଉ ନିଜର ହୋଇ ପାରିଲ ନାହିଁ ? ତେଣୁ ମୁଁ କହୁଥିଲି, ନରହରି ତାର ପ୍ରତି ବଦଳରେ କେଉଁଠୁ ପୁଳାଏ ଦେଉ । ସେଇଟା ବି ପଞ୍ଚାୟତକୁ ଦଲିଲ କରିଦେବେ । ସବୁ ଝନଝଟ କାମଟା ପକ୍କା ହୋଇଯିବ ।

Digitized by srujanika@gmail.com

ନାଥଦାଦା ହଶରେ ହାତ ମାରି ମୁରୁକ ମୁରୁକ ହସୁଥିଲେ । ସମସ୍ତେ ଅଡ଼ୁଆରେ ପଡ଼ିଲେ । ଦଶରଥିଙ୍କର ଜମିବାଡ଼ି ନଥିଲା । ଅନେକ ଭାବ ଚିନ୍ତା ଭାଇମାନେ ସ୍ଥିର କଲେ, ନାଥଦାଦାଙ୍କ ଗୋରୁଦାଣ୍ଡକୁ ଲାଗି ଦଶ-କଡି ନାଳପଟିଟି ବଦଳ ଦେଇ ନରହରି ନଈ ପଠାରୁ ନାଥଦାଦାଙ୍କ ଠାରୁ ଦୁଇ ଡେସିମିଲ ମଶାଣିପଦା ପାଇବ । ଦଶରଥଙ୍କ ଅନ୍ତେଷ୍ଟି କ୍ରିୟା ପରେ ପରସ୍ପରକୁ ନାଥଦାଦା ଓ ନରହରି ଦଲିଲ କରିଦେବେ ।

ସମୟ ସେତେବେଳକୁ ଶୀତାର୍ତ୍ତ ଅପରାହ୍ନର ଅଳସ ମୁହୂର୍ତ୍ତ ଅସ୍ତଗାମୀ ସୂର୍ଯ୍ୟ ନରହରିର ଏ କରୁଣ ଦୃଶ୍ୟ ଦେଖିବା ପାଇଁ ଯେମିତି କ୍ଷଣକ ପାଇଁ ଅଟକି ଯାଇଛନ୍ତି ପଶ୍ଚିମ ଆକାଶରେ ।

ଗାଁର ସବୁ ଭାଇମାନେ ମିଶି ଦଶରଥଙ୍କ ଶବକୁ କାନ୍ଧରେ ବୋହି ନେଇଗଲେ ନଈପଠା ଅଭିମୁଖେ । ଗାଁର ଗୁଣ୍ଡୀଭୂତ ଲୋକମାନେ ଏ ଶବ ଶୋଭାଯାତ୍ରା ଦେଖିବା ପାଇଁ ଦାଣ୍ଡରେ ଯେମିତି ଅପେକ୍ଷା କରି ରହିଛନ୍ତି ।

ନରହରିର କ୍ରନ୍ଦନଧ୍ୱନି ତଥାପି ଅସ୍ପଷ୍ଟ ଭାବରେ ଶୁଣା ଯାଉଥିଲା । ଦାଣ୍ଡରେ ଠିଆ ହୋଇଥିବା ଲୋକମାନଙ୍କୁ ।

ନାଥଦାଦା ସେଇ ଆଡ଼କୁ ଲକ୍ଷ୍ୟକରି ଦାଣ୍ଡରେ ଠିଆହୋଇ ରହିଥିଲେ । କାହିଁକି କେଜାଣି ଅଜାଣତରେ ଦୁଇଧାର ଲୁହ ଗଡ଼ି ଆସିଲା ତାଙ୍କ ଦୁଇ ଆଖିରୁ ।

ଅଦୂରର ବ୍ରାହ୍ମଣ ସାହିରୁ ଭାସି ଆସୁଥିଲା ସ୍ୱରମିଳାଇ କେଦାର ବାଳର କରୁଣ ସଙ୍ଗୀତ—

"ଟାଣ କରିଛୁ ମନ ସବୁ ମୋହରି
ଟଳି ପଡ଼ିଲେ କେହି ନୋହେ କାହାରି ରେ
ତୁ ଯେ ବୋଲୁ ମୋହରି ଅର୍ଜିଲା ଧନ
ତୋ ଦେହ ନୋହେ ତୋର ଦେଖ ଏ ମାନରେ
ଏଣେ ତୁ ଦେଇଥିଲେ ତେଣେ ପାଇବୁ
ଅଣ ଅଂସ୍କୃତ ବେଳେ କ ସେନ ଚିହ୍ନିବୁ ରେ"

Digitized by srujanika@gmail.com

ଅଳକାର ଛବି

ପେନ୍‌ସିଲ ଶିଶା ବୋଳା ଶ୍ୟାମଘନ ଆକାଶ'ତଳେ ପୃଥିବୀଟା ସେ ଦିନ ନୂଆ ଗୋଟିଏ ଅନୁଭୂତିକୁ ନେଇ ଯେମିତି କାନ୍ଦୁଠା ସଦ୍ୟ ସବୁଜିମା ଭିତରେ ଫୁଲି ଫୁଲି ଉଠୁଥିଲା । ଅସ୍ତ ସୂର୍ଯ୍ୟର ମେଞ୍ଚାଏ ସୁନେଲି କିରଣ ଦାଣ୍ଡ ଆଗ ନଡ଼ିଆ ଗଛର ମାଳ ବାହୁଙ୍ଗାରେ ନିଷ୍ପାପ ସରଳ ଗୋଟିଏ ଗ୍ରାମ୍ୟ ବାଳିକା ପରି ଦୋଳି ଖେଳୁଥିଲା । ଦାଣ୍ଡ ଆଗର ସିମେଣ୍ଟ ନିର୍ମିତ ତୁଳସୀ ଚଉଁରର ସୀମିତ ସମକୋଣ ଭିତରେ ଆତ୍ମ ପ୍ରକାଶ କରିଥିବା ଟେବୁଲ ଗୋଲାପ ଗଛର ଫୁଲ କେତୋଟି ଫୁଟି ଯେମିତି ସମ୍ପ୍ରତି ଏଇ ଦୁନିଆର ମୃଦୁ ମାଦକତାକୁ ସାହସୀକତାର ସହିତ ଆଗକୁ ନେଇ ଯିବାକୁ ଅକ୍ଲାନ୍ତ ଉଦ୍ୟମ କରୁଥିଲା ।

ସେଇ ଟେବୁଲ ଗୋଲାପର ସଜ୍ଜିତ ସୁକୋମଳ ଶାରୀରିକ ଗଠନକୁ ଉତ୍କୃଷ୍ଟ ଦୁଇ ପ୍ରିଷ୍ଟଳ ଗୃହାଣୀରେ ସଜାଇ ରଖିଥିଲା ଅଳକା । ଭାବୁଥିଲା, ଏ ଦୁନିଆଟା ବାସ୍ତବରେ କେଡ଼େ ପରିବର୍ତ୍ତନ ଶୀଳ । କାଲି ଯେ କଳୀ କୋରକ ଭିତରେ ଅଣନିଶ୍ୱାସୀ ହୋଇ ନିସ୍ତୁକ ଶୋଇ ଯିବାର ସ୍ୱପ୍ନ ଦେଖୁଥିଲା, ଆଜି ସେ ସ୍ୱୟଂସଂପୂର୍ଣ୍ଣ, ପ୍ରସ୍ଫୁଟିତ ।

ମାତ୍ର ଏ ସବୁଠୁ ଆହୁରି ଅଧିକ ପରିବର୍ତ୍ତନଶୀଳ ଏଇ ଝିଅ ଗୁଡ଼ାକ, କି'ଣ ତାଙ୍କ ଦେହରେ ଏତେ ଚୁମ୍ବକତ୍ୱ ଥାଏ କେଜାଣି, ଗତ କାଲିଟା ତାଙ୍କଠି ଆଜିକୁ ନୂଆ । ତାପର ଦିନକୁ ପୁଣି ଆଉ ଗୋଟିଏ ରଙ୍ଗ । ଏମିତି ରଙ୍ଗ ବଦଳି ବଦଳି ପ୍ରକୃତି ଯେତେବେଳେ ପୂର୍ଣ୍ଣାଙ୍ଗ ସେମାନଙ୍କୁ ଗୋଟିଏ ଗୋଟିଏ ରଙ୍ଗୀନ ପ୍ରଜାପତି କରି ସଜେଇ ଦିଏ, ମନଟା ସେତେବେଳେ ତାଙ୍କର କେତେ ଅଜଣା ଅହେତୁକ ଭାବନା ଭିତରେ ଠିଆ ପହଁରା ମାରେ । ଦିନଟା ତାଙ୍କ ପାଇଁ ଯାହା ହେଉନା କାହିଁକି ରାତିଟା କିନ୍ତୁ ସେମାନଙ୍କ ପାଇଁ ନିହାତି ଏକା ଏକା ବୋଧହୁଏ ।

Digitized by srujanika@gmail.com

ମନେ ପଡ଼ୁଥିଲା ଅଳକାର ଅଭୁଲା ଅତୀତର ତା ମର୍ମ ଭିତରେ ଦେଇ ବହି ଯାଇଥିବା ଏମିତି କେତୋଟି ସ୍ୱପ୍ନାବିଷ୍ଟ ସମସ୍ତର ଅନୁଭୂତି । ସେ ଏକା ନୁହେଁ, ସବୁ ଝିଅ ବି ଏମିତି ବୟସ ହୋଇଗଲେ ନିଜ ଦେହ ମନକୁ କେନ୍ଦ୍ର କରି କିଛି ନା କିଛି ଅନୁଭବ କରିଥାନ୍ତି ।

ସବୁ ମନେ ଅଛି ତାର । ଯେତେବେଳେ ସେ ଖୁବ୍ ଛୋଟ ଅଥଚ ଆଖି ଦୁଶିଆ ହୋଇ ନଥିଲା । ଦୁନିଆରେ ନାରୀ ପୁରୁଷ, ଯୁବକ ଯୁବତୀ, ପୁଅ ଝିଅ ଏସବୁ କିଛି ବୁଝୁ ନଥିଲା । କେବଳ ଏତିକି ସେ ଜାଣିଥିଲା, ବାପ ମା', ଭାଇ ଭଉଣୀ, ସାଙ୍ଗ ସାଥି ଏଇମାନେ ହିଁ ତାର ସବୁକିଛି ।

ତାର ଉପରେ ବର୍ଷିଆ ଝିଅମାନେ ଯେତେବେଳେ ନିଜକୁ ଶାଢ଼ୀ, ଶାୟା, ବ୍ଲାଉଜର ବର୍ଣ୍ଣାଢ୍ୟ ପରିଧାନ ଭିତରେ ନିଜକୁ ସଜେଇ ବାହାରକୁ ବାହାରୁଥିଲେ, ସେତେବେଳେ ସେ କିଛି ନବୁଝି ଅଯଥା ଆନନ୍ଦରେ ଆତ୍ମବିଭୋର ହୋଇ ଦାଣ୍ଡରେ ଧୂଳି ଖେଳରେ ମାତୁଥିବା ଗୋଟିଏ ପୁଅ ଉଦ୍ଦେଶ୍ୟରେ କହୁଥିଲା, ଦେଖିଲୁ ମିହିର ଭାଇ, ଏ ଲିଲି ଦେଇ ଶାଢ଼ୀ ପିନ୍ଧିଲା ବେଳକୁ କେତେ ସୁନ୍ଦର ଦେଖା ଯାଉଛି । ତୁମେ ଯଦି ବଡ ହୋଇଥାନ୍ତ ନା, ମୁଁ ନିଶ୍ଚୟ ତୁମକୁ ବର ସଜାଇ ତା ସହିତ ବାହାଘର କରିଦିଅନ୍ତି । ଖୁବ ଭଲ ହୁଅନ୍ତା ସତରେ । ନୁହେଁ ?

ଅଳକାର ଏ କଥାରେ ହସି ଉଠନ୍ତି ସମସ୍ତେ । ବିବାହ, ପୁଅ ଝିଅ, ଏ ସବୁ ବିଷୟରେ କ'ଣ ବା ବୁଝନ୍ତେ ସେମାନେ ?

ଦିନ କଟୁ ଗଡ଼ି ଚାଲେ ଗୁଡ଼ିଏ ଅତୀତର ସ୍ମୃତିଶୁଭ୍ର ବଳାସକୁ ଅଳକାର କୁମାରୀ ମନର ନିବୁଜ କାଚ ବାକ୍ସ ଭିତରେ ସାଇତି ରଖି । ତା ସହିତ ସମତାଳ ରକ୍ଷାରେ ବି କ୍ରମଶ ବଢିବାରେ ଲାଗେ ଅଳକାର ଦେହ, ମନ ତା ଦେହର ପ୍ରତିଟି କୋଣ ଅନୁକୋଣ । ଏପରିକି ତା ପ୍ରତି ଦିନ ପିନ୍ଧୁଥିବା ଫ୍ରକର ସୀମା ବଳୟକୁ ସଂପ୍ରସାରିତ କରି ବିଷ ଦେଶର ଅସମତଳ ଅଞ୍ଚଳଟା

Digitized by srujanika@gmail.com

ଉର୍ଦ୍ଧ୍ୱବାହୁ ତୋଳି ଦିନକୁ ଦିନ ତା ମନରେ କରୁଛି । ଗୁପ୍ତ ଗୁଞ୍ଜରଣ ସୃଷ୍ଟି କରେ । ଫଳରେ ମିହିର ପାଖରେ ସେ ଆଉ ପୂର୍ବ ପରି ଆଚରଣ କରି ପାରେନି । ବଢନ୍ତ ନଈର ପ୍ରଗଲ୍‌ଭ ମନବୃତ୍ତି ତାର କ୍ରମଶ କ୍ଷୁଦ୍ର ଏକ ଜଳ ଭଉଁରୀ ଭିତରେ ସୀମିତ ରହିଯାଏ ।

ଝିଅମାନଙ୍କ ନିତ୍ୟ ନୈମିତ୍ତିକ ଜୀବନରେ ଏସବୁ ଗୋଟେ ଗୋଟେ ରୋମାଂଚକର ଅଧ୍ୟାୟ ।

ସେତିକିରେ ବୋଧହୁଏ ଅଦୃଶ୍ୟ ହାତର ଚିହ୍ନ ଆଙ୍କିବା ଶେଷ ହୁଏନି ତା ଦେହ ଉପରେ । ହଠାତ ଏମିତି ଗୋଟିଏ ଦିନ ଆସେ ତା ପାଇଁ ଏକ ଆକସ୍ମିକ ସପ୍ତାହରେ ତା ଦେହରେ ଆହୁରି ଅନେକ କିଛି ପରିବର୍ତ୍ତନ ହୋଇଯାଏ । ଯାହାକି ସେହି ଦିନଠାରୁ ସେ ସଂପୂର୍ଣ୍ଣ ନୂତନତ୍ୱ ଅନୁଭବ କରେ । ମିହିର ସହିତ କଥା କହିବାକୁ ମଧ୍ୟ ସେ ସମସ୍ତ ସୁବିଧା ଖୋଜେ । କାରଣ ତା ମନରେ ପ୍ରଶ୍ନ ଉଠେ, ଲୋକ ଥିବାବେଳେ ମିହିର ସହିତ କଥା କହିଲେ ହୁଏତ ସେମାନେ ସନ୍ଦେହ କରିବେ ।

ପରସ୍ପର ପ୍ରତି ଏଇ ଆକର୍ଷଣ-ବିକର୍ଷଣ, ନିଜ ମନରୁ ଅନ୍ୟ ପ୍ରତି ଜନ୍ମ ହୋଇଥିବା ଏଇ ସନ୍ଦେହକୁ ହିଁ ଲୋକେ କହନ୍ତି-ପ୍ରେମ ।

ସେହି ଦିନଠାରୁ ଅଳକା ମିହିରକୁ ପ୍ରେମ କରି ଶିଖିଲା ! ତାକୁ ଭଲ ପାଇବାର ସ୍ୱପ୍ନ ଦେଖିଲା । ମନେ ମନେ ସେ ଭାବୁଥିଲା, ଏ ଦୁନିଆ ପ୍ରେମକୁ ଯେମିତି ଭାବରେ ଗ୍ରହଣ କରୁନା କାହିଁକି, ମଣିଷ ଜୀବନରେ ପ୍ରେମ କରି ନ ଶିଖିଲେ ସେ ଭଲ ମଣିଷ ହୋଇ ପାରିବନି । କାରଣ ପ୍ରେମଟା ଏମିତି ଏକ ଆକର୍ଷଣ, ଯାହାକି ଶ୍ମଶାନର ଦୁବଘାସ ତଳେ ବି ମନେ ପଡେ । ମରଣମୁଖୀ ପ୍ରେତର ମୁହଁରେ ବି ଭରିଦିଏ ହସ ।

ଅଳକାର ମନେ ପଡୁଥିଲା । ସେ ଦିନଟି ତାର ଠିକ୍ ମନେ ନଥିଲେ ବି କାଲି ପରି ଲାଗୁଛି । ସେ ଓ ଆଉ ଜଣେ ସହପାଠିନୀ କଲେଜରୁ

Digitized by srujanika@gmail.com

ଫେରୁଥାନ୍ତି । କେନାଲ ବନ୍ଧର ବରଗଛ ମୂଳରେ ଦଳେ ବାଳୁଙ୍ଗା ଟୋକା ଠିଆ ହୋଇ କଥାବାର୍ତ୍ତା ହେଉଥିଲେ ଏଇ ଝିଅମାନଙ୍କ କଥା । ଜଣେ କହୁଥିଲା, ଆଜକାଲି ଏ ଟୋକି ଗୁଡ଼ା ଏମିତି ହେଲେଣି, ଉଡ଼ନ୍ତା ପ୍ରଜାପତି ପରି ଦିନକୁ ଦିନ ନୂଆ ରଙ୍ଗ ହେଉଛନ୍ତି । ଆଉ ଜଣେ କହୁଥିଲା, ବର୍ତ୍ତ-ମାନ ଲୁଚିଛପି ପ୍ରେମ କରୁଥିବା ଟୋକିଙ୍କ ସଂଖ୍ୟା ଶତକଡ଼ା ପଞ୍ଚାନବେରୁ ଆହୁରି ଅଧିକ । ରାତି ସାରା ବିଛଣାରେ ଶୋଇ ଲୁଚି ଲୁଚି ପ୍ରେମିକ ପାଖକୁ ଚିଠି ଲେଖିବେ । ଆଉ ଦିନରେ ଲୋକ ଦେଖାଣିଆ କହିବେ, ଆମେ କୋଉ ପୁଅ ମୁହଁକୁ ଚାହୁଁନା । ପୁଅମାନଙ୍କ କଥା କହିଲେ ଆମକୁ ଭୟ ଲାଗେ ।

ଅଳକା ସେଦିନ ସବୁ ଶୁଣି ନଶୁଣିଲା ପରି କଟି ବାଟ ଚାଲି ଗଲା ପରେ ତାର ସହ ପାଠିକା ବାନ୍ଧବୀ ତାକୁ ପ୍ରଶ୍ନ କରିଥିଲା, କଲେଜ ଆସିବାର ତୋର ବର୍ଷେ ହେଲାଣି । ଏଇ ଅବସରରେ କିଏ ଅଧେ କାହାକୁ ପ୍ରେମ କଲୁଣି ନା ନାହିଁ ?

ସହପାଠିନୀ ସିଖାର ପ୍ରଶ୍ନରେ ଅଳକାର ଦେହଟା ଶୀତେଇ ଉଠିଥିଲା ଯେମିତି । କ'ଣ କହି ସେ ତାକୁ ସନ୍ତୁଷ୍ଟ କରିବ ? ତଥାପି ଅଳ୍ପ ହସି ସେ ତାକୁ କହିଥିଲା, ସେ କଥା ତୁ ମୁହଁରେ ଧରନା ସିଖା । ପ୍ରେମ ଆଉ ମୁଁ ! ଆମ ଭିତରେ ସେ ଯେମିତି ଯୁଗ ଯୁଗର ବ୍ୟବଧାନ । କାହାକୁ ବା ପ୍ରେମ କରିବ ? କପରି ବା କରିବ ? ବାପା ଓ ବୋଉର ଗୁରେଇ ଆଖିର ଅତଳ ଗର୍ଭରେ ପ୍ରେମଟା ଯେ କେଉଁଠି ବିଲୀନ ହୋଇଯାଏ, ମୁଁ ତାର ସନ୍ଧି ବି ପାଏନା ।

ଖୁବ୍ ସହଜ ଭାବରେ ସିଖାକୁ ସେଦିନ ମିଛ କହି ବୁଝେଇ ଦେଇ ଥିଲା ଅଳକା । ରାତିରେ କିନ୍ତୁ ଶୋଇବାକୁ ଯିବା ପୂର୍ବରୁ ତା ମନରେ ଭାବାନ୍ତର ସୃଷ୍ଟି ହୋଇଥିଲା । ପୁଅ ହେଉ କି ଝିଅ ହେଉ ପ୍ରେମକୁ ହୃଦୟର ମୂଲ୍ୟ ଦେଇ ନଜର କରିଥିଲେ ସେଥିରେ ଏତେ ଲୁଚାଛପା କାହିଁକି ? ପୁରାଣ କାରମାନେ କୃଷ୍ଣ କୃଷ୍ଣ ରାଧାଙ୍କୁ ଭଲ ପାଉଥିଲେ । ସେ ଥିଲା ପୁଣି ଅନ୍ତମାନବସ୍ଥ ଶାଶ୍ବତ ପ୍ରେମ । ଯାହା ଅସୀମ, ଅବ୍ୟକ୍ତ,

Digitized by srujanika@gmail.com

ଯୁଗ ଯୁଗର ସ୍ୱାକ୍ଷର ବହନ କରି ସୃଷ୍ଟିର ଅସୁମାରିମଧ୍ୟରୁ ଅଦ୍ୟାବଧି ପ୍ରଚଳିତ । ସେ ମଧ୍ୟ ଥିଲା ଏମିତି ସାଧାରଣ ସ୍ତରରେ ଲୁଚି ଚୋରି । ଘରେ ଶାଶୁ ନଣନ୍ଦଙ୍କୁ ଲୁଚି ଲୁଚି ରାଧା ଚାଲି ଯାଉଥିଲେ କୁଞ୍ଜବନକୁ । କୃଷ୍ଣ ମଧ୍ୟ ନିର୍ଦ୍ଦିଷ୍ଟ ସେଇ ସଂକେତ ନିର୍ଜ୍ଜନତାରେ ଅପେକ୍ଷା କରି ରହୁଥିଲେ । ତାପରେ ସେମାନଙ୍କର ମିଳନ ସଂଘଟିତ ହେଉଥିଲା । ରାଧା ଯେ ସେଥିପାଇଁ କେତେ ନିନ୍ଦିତ ହେଉଥିଲେ, ଅପବାଦର ବୋଝ ପସରାକୁ ଗୋପ ଦାଣ୍ଡରେ ମୁଣ୍ଡେଇ ବୁଲୁଥିଲେ, ତାହା ଏକା ରାଧା ନୁହଁନ୍ତି, ହୁଏତ ପ୍ରେମ କରୁଥିବା ପ୍ରତ୍ୟେକ ଯୁବତୀ ଅନୁଭବ କରୁଥିବେ ।

ଅଳକା ଭାବୁଥିଲା, ବାସ୍ତବରେ ଝିଅଙ୍କ ମନ ଅନ୍ଧାର ରାତି ଠାରୁ ବି ଆହୁରି ଅଭେଦ୍ୟ । ଆଉ ପ୍ରେମର ଭାଷାଟାକୁ ମଧ୍ୟ ଏତେ ସହଜରେ ମୁହଁ ଖୋଲି କହି ହୁଏନି । ନୀରବତାରେ ତାର ଆତ୍ମ ପ୍ରକାଶ । ନିର୍ଜନତାରେ ହିଁ ତାର ପରିଣତି । ସେଥିପାଇଁ ଭଲ ପାଉଥିବା ପ୍ରତ୍ୟେକ ପୁଅ ଝିଅ ପରସ୍ପରକୁ ଚିଠି ଲେଖିବାକୁ ବାଧ୍ୟ ହୁଅନ୍ତି ।

ଫୁଲ ଫୁଟିଲେ ଯେମିତି ବାସ୍ନା ଥାଏ, ନଦୀ ଥିଲେ ଯେମିତି ବନ୍ୟା ଥାଏ, ଦେହ ଥିଲେ ଯେମିତି ଯୌବନ ଥାଏ, ଯୌବନ ଥିଲେ ଯେମିତି ପ୍ରେମ ଥାଏ, ଠିକ୍ ସେମିତି ପ୍ରେମ ଥିଲେ ଚିଠି ଲେଖିବାକୁ ବି ଇଚ୍ଛା ଥାଏ । ହୁଏତ ସେମାନେ ହୋଇ ପାରନ୍ତି ସ୍ୱାମୀ ସ୍ତ୍ରୀ ଅଥବା ପ୍ରେମିକ ପ୍ରେମିକା ।

ଅବଶ୍ୟ ସେତେବେଳେ ରାଧା କୃଷ୍ଣଙ୍କ ସନ୍ଦେଶ ଆଦାନ ପ୍ରଦାନ କରିବାକୁ ଉଭୟ ପକ୍ଷେ ଯଥାକ୍ରମେ ସୁଦାମ, ସୁବଳ, ଲଳିତା ବିଶାଖା, ପ୍ରଭୃତି କେତେ ଜଣ ଯୋଗ ସୂତ୍ରକାରୀ ଥିଲେ । କିନ୍ତୁ ସେ ! କାହା ଦ୍ୱାରା ବା ଏ କାର୍ଯ୍ୟ ସେ କରି ପାରିବ ?

ବହୁତ ଆଗ ପଛ ହଁ ନାହିଁ ଭିତରେ ଶେଷରେ ସେ ସିଦ୍ଧାନ୍ତ ନେଲା ତା ସାନ ଭଉଣୀ ଦ୍ୱାରା ସେ ଏ କାର୍ଯ୍ୟ ସଂପାଦନ କରିବ । ଅତି ବେଶୀରେ ଗୋଟିଏ ପପିନସ୍ ହିଁ ଏହାର ପାରିଶ୍ରମିକ ହୋଇପାରେ ।

Digitized by srujanika@gmail.com

ଫଳରେ ଦିନ ପରେ ରାତି ଅଥବା ନିଦ ପରେ ସ୍ୱପ୍ନ ଆସିଲା ପରି ଅଳକା ମନରେ ଚିଠି ଲେଖିବାକୁ ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା । ବିଛଣାରେ ଶୋଇଥିଲେ ମଧ୍ୟ ସେଦିନ ତା ଆଖିରେ ନିଦ ନଥିଲା । ଏମିତି ଅନେକ ଝିଅ ବି ରାତିରେ ନିଦରେ ଶୋଇ ପାରନ୍ତିନି ।

ଆବେଗ ଚଞ୍ଚଳ ଉନିଦ୍ର ଦୁଇ ନଇଁ ନଇଁ ପଡୁଥିବା ଭସାଣିଆ ଆଖିକୁ ନେଇ ଉଠି ବସିଲା ସେ । ମୁଣ୍ଡ ଉପରକୁ ଟେବୁଲ ଉପରେ ଥିବା ଖାତା କଲମ ଧରି ଚିଠି ଲେଖିବାର ଉପକ୍ରମଣିକା ଖୋଜୁ ଖୋଜୁ ରାତି ଗଲା କଟିଗଲା ସମସ୍ତ ।

କେଉଁ ଏକ କ୍ଷୁଦ୍ର ଗଳ୍ପର ସଂକ୍ଷିପ୍ତ ସାରାଂଶ ପରି ଆରମ୍ଭ କଲା ସେ, ମିହିର, ତୁମକୁ ଭଲ ପାଇବା ହିଁ ମୋର ସର୍ବଶ୍ରେଷ୍ଠ ସମ୍ବୋଧନ । ଚିଠି ଲେଖିବାର ଧାରଣା ଯାହା ହେଉନା କାହିଁକି, ପ୍ରେମ ଚିଠି ଲେଖିବାର ଗାଣିତିକ ଜଟିଳତାରେ ଆମ ଝିଅମାନେ ପୁରାପୁରି ଅଣ ବିଶ୍ୱାସୀ ହୋଇପଡନ୍ତି । ଇଚ୍ଛାଥିଲେ ବି ବେଳେ ବେଳେ ସେଥିରୁ ନିଜକୁ ଦୂରେଇ ରଖିବାକୁ ପଡେ । କାରଣ, ଆମ ଝିଅଙ୍କ ଦେହଟା ଫମ୍ପା ମାଟିଆ ପରି ଏତେ ଶବ୍ଦଯୁକ୍ତ ଯେ ସେଥିରେ ଯୌବନର ଅଦେଖା ହାତଟା ବାଜୁ ନବାଜୁଣୁ ଅନେକ ଆଖି ସେମାନଙ୍କୁ ପ୍ରହରୀ ପରି ଜଗି ବସନ୍ତି । ସେଇଥି ପାଇଁ ଝିଅ-ମାନେ ସୁଯୋଗ ନେଇ ବୋଧହୁଏ ପ୍ରେମ କରିବାକୁ ସୁବିଧା ପାଆନ୍ତି । ଯେମିତି ବନ୍ଧ ଥିବାରୁ ନଦୀ କୂଳ ଲଙ୍ଘନ କରେ ।

ଛାଡ ସେ କଥା । ମୁଁ ଆଜ ତୁମକୁ ପ୍ରେମ ଚିଠି ଲେଖୁଛି ମିହିର । ଏଇ ଅଜବ ଖିଆଲଟା ଏକା ମୋର ନୁହେଁ, ପ୍ରେମ କରୁଥିବା ପ୍ରତ୍ୟେକ ଝିଅଙ୍କର ବି ଥାଏ । ଆଉ ଥିଲା ମଧ୍ୟ ମ୍ୟାଡ଼ମ କ୍ୟୁରିଙ୍କର ପ୍ରେମର ଚୁମ୍ବକୀୟ ଆକର୍ଷଣରେ ପ୍ରଭାବିତରେ । ସବୁଦିନ ରାତିରେ ଶୋଇବାକୁ ଯିବା ପୂର୍ବରୁ ସେ ଚିଠି ଲେଖୁଥିଲେ ତାଙ୍କ ମୃତ ସ୍ୱାମୀଙ୍କ ପାଖକୁ । ସେଦିନ ରାତିରେ ମଧ୍ୟ ସେ ଚିଠି ଲେଖିସାରି ଶୋଇ ଯାଇଥିଲେ । ତାପରଦିନ ଯେତେବେଳେ ତାଙ୍କୁ ଚିଠିର ସ୍ତୁପ ମଧ୍ୟରୁ ଆବିଷ୍କାର କରାଗଲା, ସେ ଆଉ ଜୀବିତ ନଥିଲେ ।

Digitized by srujanika@gmail.com

ସକାଳର କଅଁଳ ସୂର୍ଯ୍ୟ କିରଣକୁ ଉପଭୋଗ କରିବା ପୂର୍ବରୁ ସେ ଆଖି ବୁଜି ଦେଇଥିଲେ ସବୁଦିନ ପାଇଁ ।

ସତରେ ଆଶ୍ଚର୍ଯ୍ୟ ଲାଗେ । ପ୍ରେମ ତ ଗୋଟି ଗୋଟି କରି ଏମିତି ସବୁ କିଛି ନେଇ ଯାଇ ପାରେ, ହେଲେ ଦିଏ କ'ଣ ?

ଗୋଟିଏ କଥା ମନେ ପଡୁଛି । ସମ୍ରାଟ ଆଉରଙ୍ଗଜେବ ଭଲ ପାଉଥିଲେ ଜଣେ ଅସାମାନ୍ୟା ସୁନ୍ଦରୀ ବେଶ୍ୟାକୁ । ସେ ବେଶ୍ୟାଟି କୁଆଡ଼େ ତାଙ୍କୁ ମନଭରି ଆକଣ୍ଠ ପ୍ରେମ ଦେଇ ପାରୁଥିଲା । କିନ୍ତୁ ଯେଉଁ ଦିନ ସେ ବେଶ୍ୟାଟି ଆଉ ଜଣକ ପ୍ରେମରେ ପଡ଼ି ଆଉରଙ୍ଗଜେବଙ୍କୁ ଭୁଲିଗଲା, ଆଉରଙ୍ଗଜେବ ଯୁଦ୍ଧରେ ହାରିଗଲେ ଓ ଶେଷରେ ପ୍ରାଣ ମଧ୍ୟ ଦେଲେ ।

ତୁମର ମଧ୍ୟ ମନେଥିବ ମିହିର ନେପୋଲିୟନଙ୍କ କଥା । ଯୁଦ୍ଧକ୍ଷେତ୍ରରେ ଥାଇ ପ୍ରେମିକା ଯୋସେଫିନଙ୍କ ଠାରୁ ଲୋଡୁଥିଲେ ଖଣ୍ଡେ ମାତ୍ର ଚିଠି । ସେତିକି ପାଉଥିଲେ ତାଙ୍କ ମନରେ ହୁଏତ ନୂତନ ଆଶାର ସଞ୍ଚାର ହୋଇଥାନ୍ତା । ମାତ୍ର ଚିଠି ପାଇବାର ନିର୍ଦ୍ଦିଷ୍ଟ ସମୟ କୌଣସି କାରଣରୁ ଅତିକ୍ରାନ୍ତ ହୋଇ ଯାଇଥିଲା । ଅପେକ୍ଷା ଠାରୁ ମୃତ୍ୟୁ ଶ୍ରେୟସ୍କର କହି ସେ ପରାସ୍ତ ହେବା ସଙ୍ଗେ ସଙ୍ଗେ ବନ୍ଦୀ ମଧ୍ୟ ହୋଇଥିଲେ ।

ଇତିହାସ ଠାରୁ ପୁରାଣ ପୃଷ୍ଠା ପର୍ଯ୍ୟନ୍ତ ଅନୁଧ୍ୟାନ କଲେ ଏମିତି ଅନେକ କଥା ଆଖିରେ ପଡେ ।

ଏଇଟା ତୁମ ଦୃଷ୍ଟିରେ ହୁଏତ, ମୋର ପ୍ରେମଚିଠି ହୋଇ ନପାରେ । କାରଣ ସମାଜରେ ଯାହାସବୁ ଘଟିଯାଏ, ସବୁଗୁଡ଼ା କିନ୍ତୁ ପାରମ୍ପାରିକ ହୁଏନି । ଯୁବ ଉନ୍ମାଦନାରେ ବେଳେବେଳେ ଧାରଣା ଉପରେ ସାବଲୀଳ ଗତିରେ ଗଡ଼ି ଯାଉଥିବା ରେଳଗାଡ଼ି ତଳକୁ ଖସିପଡ଼ି ଭାରସାମ୍ୟ ହରାଇଲା ପରି ଏ ଲୋକଙ୍କର କାର୍ଯ୍ୟକଳାପ ଯେମିତି ପରମ୍ପରାଚ୍ୟୁତ ହୋଇ କିଛିଟା ଅପ୍ରସ୍ତୁତ ସୃଷ୍ଟି କରେ । ଫଳରେ ସମସ୍ତେ ତାକୁ ଦୃଷ୍ଟିହୀନ ହୋଇ ନପାରି ଅନେକ ଅଘଟଣ ବି ଘଟାଇଥାନ୍ତି ।

Digitized by srujanika@gmail.com

ମୁଁ ଆଜ ଏ ସମାଜର ସମ୍ପୂର୍ଣ୍ଣ ହୀନ ହୋଇ ନପାରି ଦୁଃଖିତ ମିହିର । ତା ସତ୍ତ୍ୱେ ତୁମ ପାଇଁ ମୋର ମନରେ ଆନ୍ତରିକତା ଅଛି । ମୁଁ ତୁମକୁ ଭଲପାଏ ମିହିର । ମୋର ଏଇ ଭଲ ପାଇବାଟା ଆଜଠାରୁ ଆଉ ଗୋଟିଏ ନୂଆ ରୂପ ପରିଗ୍ରହ କରିବ । ସେଇଟାକୁ ଗ୍ରହଣ କରି ନେଇ ପାରିଲେ ଆମେ ଖୁବ୍ ଭଲ ମଣିଷ ହୋଇପାରିବା । ଅବଶ୍ୟ ତୁମେ କହିବ ମିହିର, ଏଇଟା ମୋ ମନର ଦୁର୍ବଳତା । ମୁଁ ମାନୁଛି । ଏଇ ଦୁର୍ବଳତାର ଅନ୍ୟ ନାମ ନିଷ୍ପାପ ପ୍ରେମ । ଭଲପାଇବାର ଜନ୍ମ ଏଇ ଦୁର୍ବଳତାରୁ ।

ଅନିଚ୍ଛା ସତ୍ତ୍ୱେ ମୋର ବିବାହ ଅନ୍ୟତ୍ର ସ୍ଥିର ହୋଇ ଯାଇଛି । ଏମିତି ଅନେକ କିଛି ଅଛି, ଇଚ୍ଛା ନଥିଲେ ବି ମଣିଷ ବାଧ୍ୟ ହୋଇ ସବୁକୁ ଗ୍ରହଣ କରିନିଏ । କାରଣ ବାପା, ବୋଉ, ଭାଇ, ବନ୍ଧୁ, ସମାଜ, ପ୍ରଭୃତି ସବୁ ଯେତେବେଳେ ଗୋଟିଏ କଥାରେ ଏକମୁଖ, ମୁଁ ବା ସେଥିରୁ ବାଦ୍ ଯାଆନ୍ତି କପରି ?

ମୋତେ ଭୁଲ ବୁଝିବନି ମିହିର । ଯିଏ ଆମକୁ ଜନ୍ମ ଦେଇ ସ୍ନେହରେ ବଡ଼ କଲେ, ଯାହାଙ୍କ ଅବଦାନ ପାଇଁ ଏ ସୃଷ୍ଟି ତାଙ୍କ ପାଖରେ କୃତଜ୍ଞତା ସ୍ୱୀକାର କରେ, ତାଙ୍କର କ'ଣ ଆମ ଉପରେ କିଛି ଅଧିକାର ନାହିଁ ? ତାଙ୍କର ଇଚ୍ଛା ପୂରଣ କରିବା ଆମର କ'ଣ କର୍ତ୍ତବ୍ୟ ନୁହେଁ ?

ଝିଅମାନେ ପ୍ରେମଚିଠି ଲେଖିଲେ ଲେଖୁ ଲେଖୁ ଅନେକ କିଛି ଲେଖି ଯା'ନ୍ତି । ସେଥିରେ କେତେ ଅଭିମାନ, କେତେ ଇଙ୍ଗିତ ଭରି ରହିଥାଏ ।

ଅବଶ୍ୟ ଏ ଚିଠିଟା ତୁମ ପାଖରେ କି ରୂପ ନେବ ମୁଁ ଜାଣିନି । ତଥାପି ଲେଖୁଛି । କାରଣ ଏଥିରେ ପ୍ରେମିକାର ଅଭିମାନ ନାହିଁ, ଅଛି ଜଣେ ସହୃଦୟା ଭଉଣୀର ଇଙ୍ଗିତ ।

ନିର୍ବାକ ହୋଇ ଯାଉଛି । ଆସନ୍ତା ଚନ୍ଦ୍ର-ଚତୁର୍ଦ୍ଦଶୀ ତିଥିରେ ଅର୍ଥାତ ଫାଲ୍‌ଗୁନ ପନ୍ଦରରେ ବିବାହ ଦିନ ସ୍ଥିର ହୋଇଛି । ନିମନ୍ତ୍ରଣ ରହିଲା । ଜଣେ ଭାଇର ହାର୍ଦ୍ଦିକତାରେ ଆସିବ ନିଶ୍ଚୟ ରହିଲି, ଭଉଣୀ ଅଳକା ।

Digitized by srujanika@gmail.com

ତଥାପି ମୁଁ ପାଞ୍ଚପୁତ୍ରର ଜନନୀ

ସେଦିନ ମେଘ ମେଦୁରିତ ଆକାଶର ମାଛକାତିଆ ବାଦଲ ସହିତ ଲୁଚକାଳି ଖେଳି ଖେଳି ସୂର୍ଯ୍ୟ ଅସ୍ତାଚଳ ଶିଖର ପ୍ରଦେଶର ବକ୍ଷ ଦେଶରେ ଏକ କ୍ଳାନ୍ତ ପ୍ରଣୟୀ ପରି ମୁହଁ ଲୁଚାଇ ଦେଇଥିଲେ । କେଉଁ ପଙ୍କିଳ ପୁଷ୍କରିଣୀରେ ଶତଦଳ ସକାଳ ବିଦାୟୀ ବନ୍ଧୁର ମିତ୍ର ପ୍ରମାଣରେ ଆନତ ଆନନା । ଅଦୂର ପାଦପ କୋଟରୁ ବିହଙ୍ଗମ ମାନଙ୍କର ସଂଧ୍ୟାଗତ ଧିର-ମୂର୍ଚ୍ଛିତ-କୁହୁଭଣ କ୍ରମଶ ଅସ୍ପଷ୍ଟ ହୋଇ ଆସୁଥିଲା ।

ନ୍ୟାର୍ଯ୍ୟ ଦାବୀ ପୂର୍ବକ ରାଜ୍ୟପ୍ରାର୍ଥୀ ପାଣ୍ଡବ ମାନଙ୍କ ସହିତ ଶ୍ରୀକୃଷ୍ଣଙ୍କର ମନ୍ତ୍ରଣା ଚାଲିଥାଏ ଏ ମହାଭାରତ ଯୁଦ୍ଧରେ କିଏ କେଉଁମାନଙ୍କ ସହିତ ସମ୍ମୁଖୀନ ହେବେ ।

ସେତେବେଳର ପରିବେଶ ଥିଲା ଶାନ୍ତ ଅଥଚ ଗୁରୁ ଗମ୍ଭୀର । ସ୍ରୋତବହା ସ୍ରୋତସ୍ୱିନୀର ଅଚଳ ଗର୍ଭକୁ ବିଦୀର୍ଣ୍ଣ କରି ଯେମିତି ପ୍ରସ୍ତର ଖଣ୍ଡ ପଡ଼ିଆସେ; ଠିକ୍ ସେହିପରି ସ୍ୱଶରୀର ବକ୍ଷଚରି ଏକ ମ୍ଳାନାୟିତ ଗତିରେ ସେଠାରେ ପ୍ରବେଶ କଲେ ପାଣ୍ଡବ ଜନନୀ କଲ୍ୟାଣମୟୀ କୁନ୍ତୀ ।

ଅଧର ଫଳକରେ ଲାଗି ରହିଥିଲା ସତେଯେମିତି ଯୁଗ ଯୁଗର ପ୍ରଶ୍ନବାଚୀ-

କୃଷ୍ଣ ଯାଦବ ! ତୁମକୁ ଦୂତ ରୂପରେ ଦେଖି ଦୁର୍ଯ୍ୟୋଧନର କ'ଣ କୌଣସି ପରିବର୍ତ୍ତନ ହେଲାନାହିଁ ?

ବରଂ ସେ ଆହୁରି ଅନୁପ୍ରାଣିତ ହୋଇ ଉଠିଲା ମା' । ଏ ଯୁଦ୍ଧରୁ ନିବୃତ୍ତ ହେବାପାଇଁ କର୍ତ୍ତବ୍ୟ ବୋଧର ତୀବ୍ର ତାଡ଼ନାରେ ଥରେ ନୁହେଁ, ଦୁଇଥର ନୁହେଁ, ତିନିଥର ମୁଁ ଦୂତ ରୂପରେ ଯାଇ ହସ୍ତିନା ପ୍ରମୁଖ ମାତ୍ର ପାଞ୍ଚ ଖଣ୍ଡି

Digitized by srujanika@gmail.com

ପଡ଼ା ମାଗିଥିଲି । ତଥାପି ମୋର ସେ ସାମ୍ୟତା, ଐକତା ମାଗି ଦୁର୍ଯ୍ୟୋଧନର ଅପମାନ ତଥା ବାହାସ୍ଫୋଟ ଅଗ୍ନିରେ ବଗଳିତ ମହମ ଭଳି ତରଳିଗଲା । ଶେଷରେ ମୁଁ ଅଗତ୍ୟା ଫେରି ଆସିଲି ମା' । ଏ 'ମହାଭାରତ' ଯୁଦ୍ଧ ଅନିର୍ବାର୍ଯ୍ୟ ।

ଶ୍ରୀକୃଷ୍ଣଙ୍କର ବାକ୍ କୌଶଳରେ କୁନ୍ତୀଙ୍କର ମାତୃହୃଦୟ ଆନ୍ଦୋଳିତ ହୋଇ ବାହାରି ଆସିଲା ଏକ ହୃଦୟ ବିଦାରକ ଉଷ୍ମଶ୍ୱାସ ।

କୁନ୍ତୀ କହିଲେ, ତୁମେ ଜାଣ କେଶବ, ଅନେକ ରାଜାଙ୍କର ସାହଚର୍ଯ୍ୟ ଯୋଗୁ କୌରବ ମାନେ ଆଜି ପ୍ରବଳ ପରାକ୍ରମୀ ମାତ୍ର ··· ···

ଶ୍ରୀକୃଷ୍ଣଙ୍କର ଅଲକ୍ତ ଅଧରରେ ଫୁଲ ପାଖୁଡ଼ାର ପ୍ରଥମ ଉନ୍ମୋଚନ ପରି ଫୁଟିଉଠିଲା ଏକ ଉଦ୍ଦେଶ୍ୟ ରସାଣିତ ହସ । ଏକାନ୍ତ ଅନୁଗତ ପରି ଧୀର କଣ୍ଠରେ କହିଲେ ସେ, ଏ ମହାଭାରତ ଯୁଦ୍ଧ ସଂଖ୍ୟାମୂଳକ ବା ପରାକ୍ରମର ଯୁଦ୍ଧ ନୁହେଁ ମା' । ଏ ହେଉଛି ଧର୍ମଯୁଦ୍ଧ । ପାଣ୍ଡବମାନେ କାହାରିକୁ ହିଂସା କରନ୍ତି ନାହିଁ । ଅଥଚ ପ୍ରତିହିଂସା ସ୍ୱରୂପ କାଲର ସୂର୍ଯ୍ୟୋଦୟରେ କୌରବ ମାନଙ୍କ ସହିତ ସମ୍ମୁଖୀନ ହେବେ ପାଣ୍ଡବ ପଞ୍ଚଭ୍ରାତା । କାରଣ ପ୍ରତିହିଂସାର ଅନ୍ୟନାମ ଆତ୍ମରକ୍ଷା ।

କିନ୍ତୁ ମା, ଏ ଧର୍ମଯୁଦ୍ଧରେ କର୍ଣ୍ଣ ଅର୍ଜ୍ଜୁନର ପରସ୍ପର ପ୍ରତି ଅସ୍ତ୍ର ଚାଳନା ଅଜ୍ଞାତ ବନ୍ଧୁଯୁକର ଓ ପ୍ରାଣ ପ୍ରତ୍ୟାଶୀର ରୂପ ପରିଗ୍ରହ କରିବ ।

କୁନ୍ତୀଙ୍କର ପ୍ରଶ୍ୱାସ ପ୍ରଖର ହୋଇଉଠିବା ସଙ୍ଗେ ସଙ୍ଗେ ମନରେ କେତେ ଅଜ୍ଞାତ ଓ ଭବିଷ୍ୟତର ଅଭିବ୍ୟକ୍ତ ଗୁଞ୍ଜରି ଉଠିଲା ।

କହିଲେ ସେ, କର୍ଣ୍ଣ ଓ କଉଠୀ-ଏକା ମା' ପେଟର ଭାଇ ଏମାନେ । ଗୋଟିଏ ଟଙ୍କାର ଦୁଇଟି, ପାର୍ଶ୍ୱ, ଗୋଟିଏ ବୃନ୍ତର ଦୁଇଟି କଳିକା ହୋଇ ଶେଷରେ ପରସ୍ପର ଯୁଦ୍ଧରେ ସମ୍ମୁଖୀନ ହେବେ ! ନାଁ, ମୁଁ ବର୍ତ୍ତମାନ ଯାଇ କର୍ଣ୍ଣକୁ ଫେରାଇ ଆଣିବି ।

Digitized by srujanika@gmail.com

ଶ୍ରୀକୃଷ୍ଣଙ୍କର ସାରଙ୍ଗ ଅଧାରରେ ଅନିଶ୍ଚିତତାର ଏକ ଈଷଦ୍ ହାସ୍ୟର ରେଖା ଫୁଟି ଉଠିଲା । ଏଲ ଲହରସ୍ପୃତ ସ୍ୱର ତୋଳି ନିନାଦିତ ହୋଇ ଉଠିଲା ପାଞ୍ଚଜନ୍ୟ ଶଂଖ । ସତେ ଯେମିତି କୁନ୍ତୀଙ୍କର ବ୍ୟର୍ଥ ପ୍ରୟାସରେ ମୌନ ପ୍ରତିବାଦ କରୁଥିଲା ସେ ।

ଶ୍ରୀକୃଷ୍ଣ କହିଲେ, ପାରିବନି ମା' ? ଆଜିର ଏଇ ମାତ୍ର ରାତ୍ରୀର ଶେଷ ଯବନିକା ପର୍ଯ୍ୟନ୍ତ ସମୟ ଅଛି । ରାତ୍ରୀ ପାହିଯିବା ପରେ ଆଉ ନୁହେଁ ।

ଦେବକୀ ଯେପରି ମାତୃଗୌରବରେ ଗୌରବାନ୍ୱିତ ହେବାପାଇଁ ପ୍ରଭାସ ଯଜ୍ଞରେ ଶ୍ରୀକୃଷ୍ଣଙ୍କ ନିକଟକୁ ଧାଇଁ ଯାଇଥିଲେ, ଠିକ୍ ସେହିପରି କଅଁଳ ଦୁବଘାସର ସବୁଜ କୁଞ୍ଚିତ କପାଳ ଫଳକରେ କେତୋଟି ସ୍ୱଚ୍ଛ ଶିଶିର ମୁକ୍ତା ବିନ୍ଦୁ ଖଞ୍ଜି ଦେଇ ରାତ୍ରୀ ଅପସରି ଗଲାପରି, ଶ୍ରୀକୃଷ୍ଣ ଯୁଧିଷ୍ଠିରାଦି ପାଣ୍ଡବଙ୍କ ମନରେ ଏକ ଦୁର୍ବଳ ଅପଚେଷ୍ଟାର ଦ୍ରୁତ ଭାବାବେଗ ଭରି କୁନ୍ତୀ ପାଦ ବଢ଼ାଇଲେ ଅଙ୍ଗରାଜ ପଥରେ ।

× × ×

ସେଦିନ ଶୁକ୍ଳା ଏକାଦଶୀ । ଆକାଶର ନୀଳିମା ଆସ୍ତରଣରେ ଜ୍ୱଳୁଥାଏ ଚନ୍ଦ୍ରଙ୍କ ସହିତ ରୋହିଣୀଙ୍କ ଅଭିସାର । କେଉଁ ଅଦୂର ନଦୀକୂଳର ବୃକ୍ଷ ଶାଖାରୁ ଭାସି ଆସୁଥିଲା ଚକ୍ରାଙ୍ଗୀର ଅପରିତୃପ୍ତ ମନୋବୃତ୍ତି ଜନିତ ମର୍ମ କମ୍ପନ ବିଳାପ ।

ରାତ୍ରୀର ଘନ ତମିସ୍ରାରେ ଭିଜି ଭିଜି କୁନ୍ତୀ ଯାଇ ପହଞ୍ଚିଲେ ମିଥିଳା-ନଗରୀର ଉପକଣ୍ଠରେ, ବିଦୁର ନିବାସରେ । ବିଦୁର ଯେତେବେଳେ ଦେଖିଲେ ଗୃହାଙ୍ଗନରେ ତାର କୁନ୍ତୀ ଭୋଜ୍ୟ ରାଜକନ୍ୟା କୁନ୍ତୀ ଦଣ୍ଡାୟମାନା, ସେତେ-ବେଳେ ସେ ବ୍ୟଥିତ ନ ହୋଇ ବିସ୍ମିତ ହୋଇ ଯାଇଥିଲେ । କାରଣ ଯେ କରୁଣାରେ ସ୍ନିଗ୍ଧ, ମହିମାରେ ଉଜ୍ଜ୍ୱଳ, ବାତ୍ସଲ୍ୟରେ ଜନନୀ, ସେ ଏପରି ଭଗ୍ନ ମନୋରଥ ନେଇ ଏଠାରେ କାହିଁକି ?

କଣ୍ଠରୁ ତାଙ୍କର କଥା ବାହାରୁ ନଥିଲା ଅଥଚ ଜଳପ୍ଲୁତ ନୟନର ବିସ୍ମିତ ଚାହାଣୀରେ ମୁଣ୍ଡ ପିଟୁଥିଲା ଯୁଗବ୍ୟାପୀ ପ୍ରଶ୍ନମାଳା । ବିଦୁର ମନର ଭାବାବେଗ

Digitized by srujanika@gmail.com

ଲକ୍ଷ୍ୟ କରି କୁନ୍ତୀ ସନ୍ଦିଗ୍ଧ କଣ୍ଠରେ କହିଲେ, ଆଶ୍ଚର୍ଯ୍ୟ ହୁଅନା ବିଦୁର । ଗତ ପାହିଲେ ମହାଭାରତ ଯୁଦ୍ଧର ଆରମ୍ଭ । ଜାଣ, କୌରମାନେ ସମସ୍ତ ନ୍ୟାର୍ଯ୍ୟଅଧିକାରରୁ ପାଣ୍ଡବ ମାନଙ୍କୁ ବଞ୍ଚିତ କରିଛନ୍ତି । କର୍ଣ୍ଣ ମୋର ଗର୍ଭର ପ୍ରଥମ ସନ୍ତାନ । ମାତ୍ର ଦୁଷ୍ଟ କୌରବ ମାନଙ୍କ କୁ-ପ୍ରଭାବ ଯୋଗୁ ସେ ଯୁଦ୍ଧରେ ମଧ୍ୟମ ପାଣ୍ଡବ ଅର୍ଜୁନର ସମ୍ମୁଖୀନ ହେବାକୁ ବଦ୍ଧ ପରିକର । ମୁଁ ସେମାନଙ୍କର ଜନନୀ ହୋଇ ଏହା କଦାପି କରିବାକୁ ଦେବି ନାହିଁ । ଯାଉଛି କର୍ଣ୍ଣକୁ ସେ ପଥରୁ ଫେରାଇ ଆଣି ପଞ୍ଚଭ୍ରାତାଙ୍କର କର୍ଣ୍ଣଧାର ସ୍ୱରୂପ ତାକୁ ଅଗ୍ରପାଣ୍ଡବର ସ୍ଥାନ ଦେବି । ତୁମେ ମଧ୍ୟ ମୋ ସହିତ ଆସ ବିଦୁର ।

ଏକ ବଶୀଭୂତ ମନ୍ତ୍ରମୁଗ୍ଧ ସର୍ପ ପରି ସବୁ ଶୁଣି ଯାଉଥିଲେ ବିଦୁର । ତାପରେ ଏକ ଗଭୀର ଅନୁଚିନ୍ତାରେ ଗମ୍ଭୀର କଣ୍ଠରେ କହିଲେ, ଜାଣେ ମା' କର୍ଣ୍ଣ ତୁମର ଗର୍ଭର ସନ୍ତାନ । ମାତ୍ର ସେ ଆଜି କୌରବ ମାନଙ୍କ ଦ୍ୱାରା ଐଶ୍ୱର୍ଯ୍ୟ ଶାଳିନୀ ଅଙ୍ଗାଧିପତି । ଏପରି ସମ୍ଭବ ସମ୍ମାନକୁ ତ୍ୟାଗ କରି ସେ କ'ଣ ରାଜ୍ୟହୀନ ଦୁର୍ବଳ ପାଣ୍ଡବ ନିକଟକୁ ଫେରି ଆସି ପାରିବେ ମା' ?

ସେତେବେଳର ସେ ଶାନ୍ତ ପରିବେଶକୁ ମୁଖରିତ କରି କେଉଁ ନାତି ଦୂର ପାଦପର ପତ୍ର ଗହଳରୁ ଭାସି ଆସି ଆସୁଥିଲା ଦୁଇଟି ପେଚକର ପ୍ରତିଦ୍ୱନ୍ଦ୍ୱୀତ କର୍କଶ ସ୍ୱର ।

କ୍ଷଣେ ନୀରବ ରହି କୁନ୍ତୀ କହିଲେ, ତଥାପି ତା ପ୍ରତି ମୋର ପୂର୍ଣ୍ଣ ବିଶ୍ୱାସ ରହିଛି ବିଦୁର । ସମୟ ନାହିଁ—ଆସ ।

ଛାଇ ପଛରେ ଖରା ଗୋଡ଼ାଇ ଗଲା ପରି ବିଦୁର କୁନ୍ତୀଙ୍କର ପଶ୍ଚାଧାବନ କରୁଥିଲେ ।

× × ×

Digitized by srujanika@gmail.com

ଏକାଦଶୀ ତିଥିର ଗଭୀର ନିଶୁଥି । ସବୁଦିନ ପରି ଆକାଶ ପ୍ରାଙ୍ଗଣରେ ପୁଷ୍ପିତ ତାରକା ନବ ମଲ୍ଲିକା ପରି ବିଞ୍ଚି ହୋଇ ପଡ଼ିଥିଲେ ବି ନିଷ୍ପ୍ରଭ ଦେଖା ଯାଉଥିଲା ।

ସତେଯେମିତି କୁନ୍ତୀଙ୍କ ଦୁଃଖରେ ସମବେଦନା ଜଣାଇ ମ୍ରିୟମାଣ ହୋଇ ପଡ଼ିଛନ୍ତି । ସୁବର୍ଣ୍ଣରେଖା ତୀରସ୍ଥ ନୈଶ ସମୀରଣରେ ଅବଗାହନ କରି କରି ଚାଲିଛନ୍ତି କୁନ୍ତୀ ଓ ବିଦୁର । କେଉଁ ଏକ ନାମହୀନ ବନ୍ୟ କଳିକାର ମୃଦୁ ମନ୍ଦ ସୁରଭି ବହିଆସି ନାସାରନ୍ଧ୍ରକୁ ଉଚ୍ଚକୁଞ୍ଚନ କରି ଦେଉଛି । ଆତ୍ମା ଯେପରି ଲୋଭ, ଦମ୍ଭ, ମୋହ, ମଦ, ମାତ୍ସର୍ଯ୍ୟର ସୋପାନ ଅତିକ୍ରମ କରି ପରମାତ୍ମା ନିକଟରେ ପହଞ୍ଚେ, କୁନ୍ତୀ ଓ ବିଦୁର ସେହିପରି ଅଙ୍ଗ ରାଜପ୍ରାସାଦର ଅଙ୍ଗନ ପରେ ଅଙ୍ଗନ, ସୋପାନ ଶ୍ରେଣୀ ପରେ ସୋପାନ ଶ୍ରେଣୀ ଅତିକ୍ରମ କରି ପହଞ୍ଚିଲେ କର୍ଣ୍ଣ ରାଜ ସଭାରେ । ତମିସ୍ରାର ଗୁଣ୍ଠନାବୃତ ଶର୍ବୀର ଅନୁରୋଧ କ୍ରମେ ରାଜସଭା ଶାନ୍ତ ହୋଇ ଆସୁଥିଲା ସେତେବେଳେ ।

ଅପ୍ରତ୍ୟାଶିତ ଭାବରେ ଜଣେ ନାରୀର ଅନାହୂତ ଅନୁପ୍ରବେଶକୁ ଲକ୍ଷ୍ୟ କରି ଉତ୍ସୃଷ୍ଟ ଲୋଚନରେ ଅନାଇଲେ କର୍ଣ୍ଣ । ଆଶ୍ଚର୍ଯ୍ୟ ! ସେହି ଶୁଭ୍ର ଆଲୁଳିତ କେଶା ନାରୀର ମୁଖମଣ୍ଡଳରେ ଚନ୍ଦ୍ରାନ୍ତର ଉର୍ଣ୍ଣନାଭ ସତେଯେମିତି ଯୁଗଯୁଗର ଜାଲ ବିସ୍ତାର କରିଛି ! ଅଥଚ ତାଙ୍କ ସହିତ ପୁଣି ବିଦୁରର ଅନାହୂତ ପ୍ରବେଶ !

ଗୋଟିଏ କକ୍ଷଚ୍ୟୁତ ଉଲ୍‌କା ପରି ସିଂହାସନରୁ ଅବରୋହଣ କରି ତାଙ୍କ ନିକଟକୁ ଆଗେଇ ଆସିଲେ କର୍ଣ୍ଣ । କିଏ ତୁମେ ମା' ? ସନ୍ତାନସୁଲଭ କଣ୍ଠରେ ପ୍ରଶ୍ନ କଲେ ସେ ।

—ତୋର ଜନନୀ ବୋଲି କହିଲେ ତୁ କ'ଣ ବିଶ୍ୱାସ କରିବୁ କର୍ଣ୍ଣ ?

— ମା' !

Digitized by srujanika@gmail.com

—ଶୁଣ୍ କର୍ଣ୍ଣ, ସେତେବେଳେ ମୁଁ ଥିଲି କୁନ୍ତି ଭୋଜରାଜ କନ୍ୟା, ନିରଜା, ଅନୁଢ଼ା ବାଳିକା କୁନ୍ତୀ । ବଜ୍ରାଘାତ ଯେମିତି ହଠାତ୍ ଧରାପୃଷ୍ଠକୁ ପ୍ରବେଶ କରେ, ଦିନେ ଆକସ୍ମିକ ଭାବରେ ପିତାଙ୍କ ରାଜଦରବାରକୁ ପ୍ରବେଶ କଲେ ଋଷି ଦୁର୍ବାସା । ସେହି ଦିନ ଠାରୁ ଦୀର୍ଘ ପାଞ୍ଚବର୍ଷ ପର୍ଯ୍ୟନ୍ତ ପିତାଙ୍କ ଆଦେଶରେ ମୁଁ ତାଙ୍କର ସେବାରେ ଅନ୍ତସ୍ଥ ହୋଇପଡ଼ିଲି । ଋଷି ଯେତେବେଳେ ଅନ୍ୟତ୍ର ଯିବାର ଉପକ୍ରମ କଲେ, ମୋର ସେବାରେ ପ୍ରୀତ ହୋଇ ପୁରସ୍କାର ସ୍ୱରୂପ ଦେଇ ଯାଉଥିଲେ ମନ୍ତ୍ର ମହୌଷଧି ଜପାମାଳା । ଏବଂ କହିଥିଲେ, ନାରୀର ଇଚ୍ଛା ସୁନ୍ଦର, ବପୁଷ୍ମାନ ସ୍ୱାମୀର ସନ୍ତାନର ଜନନୀ ହେବାକୁ । ସୁତରାଂ ଏହି ମାଳା ଧରି ମାହାର ନାମ ଧରି ଡ଼ାକିଲେ ସେ ତୋର ସାନିଧ ଗ୍ରହଣ କରିବ । ଏହି ପରୀକ୍ଷାରେ ମନ୍ତ୍ରର ପରୀକ୍ଷା କରିବାକୁ ଯାଇ ଡ଼ାକିଥିଲି ସୂର୍ଯ୍ୟଙ୍କୁ । ଜଣେ ତରୁଣ ବ୍ରାହ୍ମଣ ବେଶରେ ଆସି ମୋର ବପୁସର ଅପରୂପତା ହେଲୁ କର୍ଣ୍ଣ ଭେଦ ଜନ୍ମ ଦେଲେ ତୋତେ ।

ସେହି ଦିନଠାରୁ ତୁ ହେଲୁ ରୁଦ୍ର ନନ୍ଦନ କର୍ଣ୍ଣ । ମା' ତୋର ହତଭାଗିନୀରେ କର୍ଣ୍ଣ । ତୋ ଭଳି ପୁତ୍ରକୁ କୋଳରେ ଧରିବାର ସୌଭାଗ୍ୟ ମୋର ନ ଥିଲା ।

ନାରୀ ଜାତିକୁ କଳଙ୍କ କରିବା ପାଇଁ, ପିତାଙ୍କ ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଅଗତ୍ୟା ସେଦିନ ତୋତେ ସୁବର୍ଣ୍ଣରେଖା ନଦୀର ଅତଳ ଗର୍ଭରେ ମେଲି ଦେଇଥିଲି । ସେତେବେଳେ ସୂର୍ଯ୍ୟଙ୍କର ଅରୁଣାଭମାନ ତେଜସ୍ୱୀ ଦୀପ୍ତିରେ ତୋର ଅଙ୍ଗ ଉଦ୍ଭାସିତ ହେଉଥିଲା । ତାପରେ ତୁ ଭାସି ଭାସି ଆସି ସଂଜୟ ନନ୍ଦନୀ ରାଧାର କୋଳ ଅଳଂକୃତ କଲୁ ।

କୁନ୍ତୀଙ୍କର କଣ୍ଠ, ନମନ ବାଷ୍ପାକୁଳ ହୋଇ ଉଠୁଥିଲା । ଅଶ୍ରୁରୁଦ୍ଧ ଅଥଚ ଅପଲକ ନୟନରେ କର୍ଣ୍ଣର ମୁଖମଣ୍ଡଳକୁ ଅନାଇ ରହିଥିଲେ ସେ ।

ବାହାରେ ଅପୂର୍ବନ୍ତ ଜ୍ୟୋତ୍ସ୍ନାର ପ୍ଲାବନରେ ଶୁକ୍ଳପକ୍ଷ ଚନ୍ଦ୍ରଙ୍କର ତାଣ୍ଡବ୍ୟ ନୃତ୍ୟ ଚାଲିଛି । ମାତ୍ର ରାଜପ୍ରାସାଦରେ ଦେଖାଦେଇଛି ସୂଚୀ-ପତନ

Digitized by srujanika@gmail.com

ନୀରବତା । କେଉଁଠୁ କେମିତି ଶୁଭି ଆସୁଛି ଶର୍ବରୀର ପକ୍ଷୀମାନଙ୍କର ଶିଶିର ଭିଜା ପକ୍ଷାଘାତ ।

ତାପରେ ସେହି କ୍ଷଣିକ ନୀରବତାକୁ ଭଙ୍ଗ କରି ରୁଷ୍ଟ କଣ୍ଠରେ କହିଲେ କର୍ଣ୍ଣ ନିଜର ଶକ୍ତି ସାମର୍ଥ୍ୟ ବିନିମୟରେ କର୍ଣ୍ଣ ଆଜି, ଅଙ୍ଗାଧିପତି । ତଥାପି ସେ କାହାର ସନ୍ତାନ ନୁହେଁ ମା'—ସେ ଜାରଜ ସନ୍ତାନ । ସେଥିପାଇଁ ବାହୁରେ ତାର ଅଦମ୍ୟ ବୀରତ୍ୱର ପରାକାଷ୍ଠା ଥାଇ ମଧ୍ୟ କୌରବ ମାନଙ୍କ ନିକଟରେ ସେ ଆଜି ଅବମାନିତ, ଲାଂଛିତ, ଘୃଣିତ ଓ ଅବହେଳିତ । କ୍ରୁଦ୍ଧ ମା' ସେଦିନ ଦୁର୍ବାସା ବର ମନ୍ତ୍ର ମହୋଷଧି ଜପାମାଳାର ସତ୍ୟତାକୁ ଚରିତାର୍ଥ କରି ସାରିବା ପରେ ମୋତେ ଆବର୍ଜନାମୟ ଦୁର୍ଗମ୍ୟ କୌରବ ମଧ୍ୟକୁ ଠେଲି ଦେଇ ଆଜି ପୁଣି କି ଅଭିପ୍ରାୟ ନେଇ ଏଠାକୁ ଆସିଛ ମା' ?

କୁନ୍ତୀଙ୍କର ଦୁଇ ପକ୍ଷ୍ମରୁ ଗଣ୍ଡଫଳକରେ ଝରିଗଲା ହୃଦ୍‌ଗତ ଅଶ୍ରୁର ମୁକ୍ତାମାଳା । ସ୍ଖଳିତ କଣ୍ଠରେ କହିଲେ ସେ, ଶୁଣିଛୁ କୌରବମାନେ ପାଣ୍ଡବ ମାନଙ୍କୁ ପ୍ରାପ୍ୟରାଜ୍ୟରୁ ବଞ୍ଚିତ କରି ଶେଷରେ ଯୁଦ୍ଧ ଘୋଷଣ କରିଛନ୍ତି । ତୁ ସେମାନଙ୍କର ଜ୍ୟେଷ୍ଠଭ୍ରାତା, ଅଗ୍ରପାଣ୍ଡବ । ମୁଁ ତୋର ଜନନୀ, ଜନ୍ମଦାତ୍ରୀ । ମାତ୍ର ତୋର ପାଇଁ ଛିନ୍ନାଙ୍ଗ ଜନନୀ ତୋର ଆଜି ଅଶ୍ରୁମୁଖୀ । ଫେରିଚାଲ ବତ୍ସ କର୍ଣ୍ଣ । ମୁଁ ଆସିଛି ତୋତେ ଫେରାଇ ନେଇ ପାଣ୍ଡବ ମାନଙ୍କର ଅଗ୍ରାଧିକାର ଦେବ ।

କୁନ୍ତୀଙ୍କ ଚକ୍ଷୁ କୋଣର ଅଶ୍ରୁରେ ଜଳରେ ଫୁଟି ଉଠୁଥିଲା ଅଯୋଧ୍ୟାର ଦୃଶ୍ୟ । ମନେ ପଡ଼ିଯାଉଥିଲା ସତ୍ୟସନ୍ଧ ରଘୁକୁଳତିଳକ ରାମଚନ୍ଦ୍ରଙ୍କର ଜନନୀର ଶତ ଅନୁନୟର ପ୍ରତ୍ୟାଖ୍ୟାନ ।

ସତେ ଯେମିତି କର୍ଣ୍ଣର ମନ୍ତବ୍ୟକୁ ସେ ଉତ୍‌କର୍ଣ୍ଣ ହୋଇ ଶୁଣୁଥିଲେ ।

ଆଜି ଆଉ ତାହା ସମ୍ଭବ ନୁହେଁ । ଜାଣ ମା' ତୁମେ ସେଦିନ ସୁବର୍ଣ୍ଣରେଖା ନଦୀର ଝର ସ୍ରୋତରେ ମୋତେ ଭସାଇ ଦେଲ ପରେ ଜନନୀ ରାଧାଙ୍କର ଦୁରବସ୍ଥା ? ତାହା ହୁଏତ ଅନୁଭବ ମାତ୍ର ଅକଥନୀୟ ।

Digitized by srujanika@gmail.com

ପୂର୍ବରୁ ତୁମେ ଯଦି ଏହାର ବିଷ୍ଟର କରି ପାରିଥାନ୍ତ ମା', ପାଣ୍ଡବ ମାନଙ୍କୁ ମାରିବା ତ ଦୂରର କଥା କେହି ସେମାନଙ୍କର ଛାୟା ସ୍ପର୍ଶ କରି ପାରି ନଥାନ୍ତେ । ତେଣୁ ତୁମରି ଅବିଚାର ପାଇଁ ମୋର ବଜ୍ର ଶପଥ ମହାଭାରତ ଯୁଦ୍ଧରେ ଅର୍ଜୁନ ମାରଣ ଯଜ୍ଞରେ ମୁଁ ପୂର୍ଣ୍ଣାହୁତି ଦେବ ।

କର୍ଣ୍ଣର ବିଷାଦ-ଜର୍ଜରିତ କଣ୍ଠରେ ପ୍ରଳୟ ପୂରବୀ ଭାଷା ।

କ୍ଷଣକ ପାଇଁ କୁନ୍ତୀ ନୀରବ ରହିଗଲେ । ଅଚେତନ ବ୍ୟକ୍ତିର ପ୍ରାଣରୁ ଆତ୍ମା ଅପସରି ଗଲା ପରି କଣ୍ଠରୁ ତାଙ୍କର ବାଚନ ଶକ୍ତି ସତେ ଅବା ସତ୍ତା ହରାଇ ବସିଥିଲା ।

ରାତ୍ରୀର ନୀରବତାକୁ ଭଙ୍ଗ କରି ଆହତ ପ୍ରାଣ ଓ ଦଗ୍ଧ ହୃଦୟର ଦୋଦୁଲ୍ୟମାନ କଣ୍ଠରେ କୁନ୍ତୀ କହିଲେ, ଶୁଣିଥିଲି କର୍ଣ୍ଣ କାହାର ଅଭିଳାଷ ଅପୂର୍ଣ୍ଣ ରଖେନା କିନ୍ତୁ ଆଜି ଜନନୀର ଅନୁରୋଧକୁ ତୁ ରକ୍ଷା କରିପାରିବୁ ନାହିଁ କର୍ଣ୍ଣ ?

ମୋର ପ୍ରତ୍ୟାଗମନର ବ୍ୟତିରେକେ ଆଉ ଯାହା ଚାହିଁବ କର୍ଣ୍ଣ ପୂରଣ କରିପାରେ । କିନ୍ତୁ ଫେରିଯାଇ ପାରିବ ନାହିଁ । କାରଣ ମୋର ଭୂଜ ବନ୍ଧନକୁ ଗୃତକ-ଚକ୍ଷୁରେ ଅନାଇ ରହିଛି କୁରୁରାଜ ଦୁର୍ଯୋଧନ ।

ରାତ୍ରୀର ବାର୍ଦ୍ଧକ୍ୟତା ସଙ୍ଗେ ସଙ୍ଗେ କୁନ୍ତୀଙ୍କର କଣ୍ଠ କ୍ରମଶ କର୍କଶ ହୋଇ ଉଠୁଥିଲା ।

ତୋର ଜନନୀ ହୋଇ ମୁଁ ମଧ୍ୟ ଆଜି ତୋତେ ଆଦେଶ ଦେଇନପାରି ଅନୁରୋଧ କରୁଛି କର୍ଣ୍ଣ, ଅର୍ଜୁନ ବ୍ୟତୀତ ଯୁଧିଷ୍ଠିରାଦି ଚାରିଭାଇଙ୍କ ପ୍ରତି ତୁ ଅସ୍ତ୍ର ଉତ୍ତୋଳନ କରିବୁ ନାହିଁ । ଭାଇର ସ୍ନେହ ସାନିଧ୍ୟର ପରାକାଷ୍ଠା ଦେଖାଇ ଲକ୍ଷ୍ମଣ ଦିନେ ରାମଚନ୍ଦ୍ରଙ୍କର ଅନୁଧାବନ କରିଥିଲା ବନବାସ ପାଇଁ । ମାତ୍ର

Digitized by srujanika@gmail.com

ସେହି ଭାଇ ବିଭୀଷଣର ବିଶ୍ୱାସଘାତକତା ଜନିତ କୁଟ ଚକ୍ରାନ୍ତରେ ଦଶାନନ ରାବଣର ମସ୍ତକ ହୋଇଥିଲା ସ୍କନ୍ଧଚ୍ୟୁତ ।

ପୁଣ୍ୟ କୁରୁକ୍ଷେତ୍ରର ରଣାଙ୍ଗନରେ ଅର୍ଜୁନ ତୋର ସମ୍ମୁଖୀନ ହେବ । ହୁଏତ ତାର ତୀକ୍ଷ୍ଣ ଶରାଘାତରେ ନିଜର ଜୀବନ ଦେବୁ, ନଚେତ ତାର ପ୍ରାଣ ବିସର୍ଜନ ହେବ ତୋର ପ୍ରାଣ ପିପାସୁ ଶରମୁନରେ । ତଥାପି ମୁଁ ପାଞ୍ଚ ପୁତ୍ରର ଜନନୀ ହୋଇ ରହିବି ।

କିନ୍ତୁ ମୁଁ ଏପରି ରିକ୍ତ ହସ୍ତରେ ଫେରି ଯିବି ନାହିଁ କର୍ଣ୍ଣ । ମା'ର ଶେଷ ଭିକ୍ଷା ପୂର୍ତ୍ତି ପୂର୍ବକ, ଦାନୀ କର୍ଣ୍ଣର ମହତ୍ତ୍ୱ ସ୍ୱରୂପ ହରିହର ଦତ୍ତ ନାଳବାଣ ଓ ଭୁଜବାଣ ଦୁଇଟିକୁ ମୋତେ ପ୍ରଦାନ କର ।

ଏକ ବିଦ୍ୟୁତ ପ୍ରବାହ ଖେଳିଗଲା କର୍ଣ୍ଣର ପ୍ରତ୍ୟେକ ଶିରା ଧମନୀରେ । ଚକ୍ଷୁ ଦୁଇଟି ଉନ୍ମିଳିତ ହୋଇ ଉଠିଲା କି ଗୋଟାଏ ଅସ୍ୱାଭାବିକ ଚାହାଣୀରେ ।

କୁନ୍ତୀ ପୁଣି କହିଲେ, ଭୟ ନାହିଁ କର୍ଣ୍ଣ । କର୍ଣ୍ଣ ଅର୍ଜୁନର ଯୁଦ୍ଧରେ ଜଣକର ମୃତ୍ୟୁ ଅବଶ୍ୟମ୍ଭାବୀ । ତଥାପି ମୁଁ ପାଞ୍ଚ ପୁତ୍ରର ଜନନୀ ।

ଜାଣ ପୁତ୍ର, ନିଜେ ଶ୍ରୀକୃଷ୍ଣ ଯାହାର କର୍ଣ୍ଣଧାର, ସହଦେବର ନଖଦର୍ପଣରେ ଯାହା ପ୍ରତିବିମ୍ବିତ, ତାକୁ ତୁ କଦାପି ଲୁଚାଇ ରଖି ପାରିବୁ ନାହିଁ ।

ତାହାନ୍ତ ଗମ୍ଭୀର ନୀରବତାକୁ ଭେଦକରି କେଉଁ ଅଦୂର ପ୍ରାନ୍ତରରୁ ଭାସି ଆସୁଥିଲା ଅନେକ ଶିବାଗଣଙ୍କର ମିଳିତ ବିଳାପ-କାରୁଣ୍ୟ ଅସ୍ୱାଭାବିକ କଣ୍ଠସ୍ୱର । …… କର୍ଣ୍ଣ ମନର ଅନ୍ତଃସ୍ଥଳ ଦୋହଲି ଉଠୁଥିଲା ଠିକ୍ ପକ୍ଷହୀନ ପଙ୍ଗୁ ଜଟାୟୁ ପରି ।

Digitized by srujanika@gmail.com

ରୋଷ କଷାୟିତ ଆରକ୍ତ ନୟନରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରି, ବଜ୍ର ଗମ୍ଭୀର କଣ୍ଠରେ କହିଲେ କର୍ଣ୍ଣ—ଏଇନା ତୁମ ଜନନୀର ପରିଚୟ ଭୋଜରାଜ ନନ୍ଦିନୀ ? ଏଇଥି ପାଇଁ ତୁମେ ଛୁଟି ଆସିଥିଲ ଏପରି ମାୟାବିନୀ ବେଶରେ ?

ବାସବଙ୍କର ଅନୁରୋଧରେ ସେଦିନ ମୋର ସମସ୍ତ ଶକ୍ତି ପ୍ରଦାନ କରି ସାରିବା ପରେ ଥିଲା ମାତ୍ର ଏଇ ଦୁଇଟି ଦେବଦତ୍ତ ଅସ୍ତ୍ର । ତାକୁ ଆଜି ଟେକି ଦେଉଛି ତୁମରି ହସ୍ତରେ । କର୍ଣ୍ଣ ଆଜି ନିଃସ୍ୱ । ତୁମେ ଫେରିଯାଅ ଭୋଜରାଜ ନନ୍ଦିନୀ । ତଥାପି କର୍ଣ୍ଣ ଅର୍ଜୁନର ଶିରଚ୍ଛେଦ କରିବ ।

ସମଗ୍ର ରାଜସଭା ସେତେବେଳେ ନିଥର । କୌଣସି ମରୁ ଉପତ୍ୟକା ପରି ଶାନ୍ତ ଅଥଚ ନିର୍ବେଦଗ୍ରସ୍ତ ଜଡତା ଭିତରେ ଯେମିତି ଆତ୍ମସତ୍ତା ହରାଇ ବସିଥିଲା । ଖଣ୍ଡିଏ ହାଲୁକା ମେଘ ଭଳି କୁନ୍ତୀ ଯେପରି ଅନାହୂତ ପ୍ରବେଶ କରିଥିଲେ । ସେହିପରି ଇଙ୍ଗିତହୀନ ପ୍ରସ୍ଥାନ କଲେ ।

ସେତେବେଳେ ଅସ୍ତମିତ ଚନ୍ଦ୍ରକୁ ଖୋଜି ଖୋଜି ରାତିର ମୁଖମଣ୍ଡଳ କ୍ରମଶ ମଳିନ ପଡ଼ିଆସୁଥିଲା ।

କର୍ଣ୍ଣ ବାମ ଚକ୍ଷୁର ସ୍ଫୁରଣରେ କୁନ୍ତୀଙ୍କର ଗତ ପଥକୁ ଲକ୍ଷ୍ୟ କରି ପକାଉଥିଲେ—ତଥାପି ମୁଁ ପାଞ୍ଚ ପୁତ୍ରର ଜନନୀ ।

—o—

Digitized by srujanika@gmail.com

ମାଷ୍ଟର କୁଟୀର

ଗୋବର୍ଦ୍ଧନ ମରିଗଲା —

ସକାଳ ସୂର୍ଯ୍ୟଙ୍କ ଆତ୍ମପ୍ରକାଶରେ ଗର୍ଦ୍ଧୀ ଆତ୍ମଗୋପନ କରିବା ସଙ୍ଗେ ସଙ୍ଗେ କଥାଟା ଯେତେବେଳେ ମୁହଁରୁ ମୁହଁକୁ ଡେଇଁ ଗାଁ ସାରା ଚେମିନ ଧୂଆଁ ପରି ଖେଳଗଲା, କିଏ ବା ଶୁଣି ନଶୁଣିଲା ପରି ନାକ ଟେକି ଚାଲିଗଲା, କେହି କହିଲା, ପାପର ତ ପୁଣି ପ୍ରାୟଶ୍ଚିତ୍ତ ଅଛି ।

କେଉଁ ଶରଧାରେ ବାପ ମା' ତାର ନାଁ ଦେଇଥିଲେ ଗୋବର୍ଦ୍ଧନ । ଅନ୍ୟ ପାଞ୍ଚ ଲୋକ ପରି କେହି ହୋଇଥିଲେ ଲୋକେ ତାକୁ ମାନ୍ୟ କରି ସମ୍ବୋଧନ କରିଥାନ୍ତେ ଗୋବର୍ଦ୍ଧନ ବାବୁ, ଶ୍ରୀଯୁକ୍ତ ଗୋବର୍ଦ୍ଧନ ପ୍ରଧାନ । କିନ୍ତୁ ଗୋବର୍ଦ୍ଧନ ହୁଏତ ସେମିତି ସୌଭାଗ୍ୟ ନଥିଲା । ସାରା ଗାଁଟାର ଲୋକେ ପିଲାଠାରୁ ବୁଢାଯାଏ ସମସ୍ତଙ୍କ ମୁହଁରୁ ଶୁଣାଯାଉଥିଲା ସେହି ଗୋଟିଏ ଡାକ-ଗୋବରା ।

ଗୋବରା କିଏ ? ଏକଥା ହୁଏତ ସେହି 'ରଣାହାଟ' ଗାଁ ଲୋକଙ୍କୁ ପଚାରିଲେ କହିବେ । ଗାଁ ଗ୍ରାଏଁ ଗାଁ ପଡ଼ିଛି କେଉଁ ଅନନ୍ତ କାଳରୁ । କେତେ ଯାଇ କେତେ ଆସିଲେଣି । ତାର ସ୍ୱଭାବ ଅବା ରଖିଛି କିଏ ? ଗାଁ କହିଲେ କେତୋଟି ଚାଳଘରର ସମଷ୍ଟି । ଆଜି ଲୋକ ସଂଖ୍ୟା ଖୁବ୍ ବେଶୀରେ ଶହେରୁ ଦେଢ଼ଶହେ ଭିତରେ । ଗାଁ ମଝିରେ କେଉଁ ପୂର୍ବପୁରୁଷଙ୍କ ଦୟାରୁ ଖଣ୍ଡେ ଚାଳଘର ତିଆରି ହୋଇଥିଲା । ଦିନଯାକ ନିଜର ତେଲ ଲୁଣର ସଂସାର ବୁଝି ସାରିଲା ପରେ ସଂଧ୍ୟାରେ ଗାଁ ଲୋକେ ସମସ୍ତେ ସେଇଠି ରୁଣ୍ଡ ହେଉଥିଲେ । ନିଜ ନିଜର ସୁଖ ଦୁଃଖ କଥାରେ ପରସ୍ପର କୁହାକୁହି ହେବା ସାଙ୍ଗକୁ ଜଣେ ବ୍ରାହ୍ମଣ ଆସି ଦୁଇ ଅଧା ଭାଗବତ ପାଠ କରୁଥିଲେ ।

Digitized by srujanika@gmail.com

ସେଇଟା ଥିଲା ଭାଗବତ ଟୁଙ୍ଗି । କେବଳ ଭାଗବତ ଟୁଙ୍ଗି ତ ନୁହେଁ, କାହାର କାହା ସହିତ କଳି ତକରାଳ ହେଲା, କାହାର ଗୋରୁ ଫିଟି କାହା ବାଡ଼ିର ଶାଗ କଆଁଶ ଖାଇଗଲା, କାହାପୁଅ କାହା ଝିଅର ଲୁଗା-କାନକୁ ଟାଣିଦେଲା, ଏପରିକି, କାହା ଝିଅ ବାହାଘର ପାଇଁ କନ୍ୟାଦେଖା ଆସିଲା, ବା କେଉଁ ପୁଅକୁ ବର ଦେଖିବାକୁ ଆସିଲେ, ସବୁ ଏଇ ଭାଗବତ ଟୁଙ୍ଗିରେ ହିଁ ସମାଧାନ ହୋଇ ଯାଉଥିଲା ।

ପରସ୍ପର ଭିତରେ ବାଡ଼ିଆ ପିଟା ହୋଇ ଦିନରେ ଯୁଦ୍ଧ ଶେଷରେ ଭାତୃ-ଭାବ ନେଇ ପରସ୍ପରଙ୍କ ଘରକୁ ଯିବା ଆସିବା କରୁଥିବା କୌରବ ପାଣ୍ଡବ ପରି, ପୁଣି ଦିନେ ଦୁଇଦିନ ଭିତରେ ପୂର୍ବ ସ୍ୱାଭାବିକ ଅବସ୍ଥା ଫେରିଆସୁଥିଲା । ବତିଶ ସିଂହାସନ ପରି ସେହି ଭାଗବତ ଟୁଙ୍ଗିରେ ଗାଁ ଭାଇ ପାଞ୍ଚ ଜଣ ବସି ଦୁଇ ପକ୍ଷକୁ ଡକାଇ କାହାର କାଇଲ କାହାର ଭୁଲ କହିଦେଲେ ପରେ ସବୁ ଝଗଡ଼ା ତୁଟି ଯାଉଥିଲା । ଗାଁର ଜୀବନଯାତ୍ରା ଥିଲା ଖୁବ୍ ଶୃଙ୍ଖଳିତ ।

ଏବେ ବି ସେହି ଗାଁ ଅଛି । କିନ୍ତୁ ସବୁକିଛି ଓଲଟ ପାଲଟ ହୋଇ ଯାଇଛି ।

ଲୋକେ ଲୋକଙ୍କ ବିଲ ବାଡ଼ିର ହିଡ଼ ଭାଙ୍ଗି ଜବର ଦଖଲ କରୁ-କରୁଛନ୍ତି । ତା ଝିଅକୁ ଆପୁଅ ଶିକ୍ଷେଇ ପଟେଇ ଉଡ଼େଇ ନେଇ ଯାଉଛି । କେଉଁଥିରେ କିଛି ନାହିଁ । ଏଗୁଡ଼ାକ ଲୋକଙ୍କର ଦେହ ସୁହା ହୋଇଗଲାଣି ।

ସେ ଭାଗବତ ଟୁଙ୍ଗିଟା ବି ସେମିତି ମୁହଁ ମାଡ଼ି ପଡ଼ି ରହିଛି ଗୋଟିଏ ମଲା ହାତୀ ପରି । ସେଇଟା ସତେଯେମିତି ଲୋକଙ୍କ ଆଖିରେ କୁସଂସ୍କାରର ଗୋଟିଏ ମାଇଲ ଖୁଣ୍ଟ ।

ସେହି ଗାଁର ଅବହେଳିତ ଜଣେ ମଣିଷ ଗୋବରା ।

ଗାଁର ଆଉ ପାଞ୍ଚ ଲୋକଙ୍କ ପରି ପାଠପଢି ବଡ ମଣିଷ ହେବା ଦୂରେ ଥାଉ, ଦୁଇ ଓଳି ପେଟ ପୁରିକି ଖାଇବାକୁ ବି ମିଳୁ ନଥିଲା । ଜମି ବୋଲି

Digitized by srujanika@gmail.com

ଯେଉଁ ଦଶ ପନ୍ଦର ଗୁଣ୍ଠ ଥିଲା, ତାହା ଥିଲା ପୁଣି ସେ ଗାଁ ଗୋରୁଙ୍କର ଆଉଡ଼ାସ୍ଥଳୀ ।

ବୃଦ୍ଧ ବାପା ମା'ଙ୍କର ଏକମାତ୍ର ସମ୍ବଳ, ନୟନର ମଣି ଗୋଟିଏ ବୋଲି ପୁଅ ଗୋବର୍ଦ୍ଧନ ।

ବୁଢ଼ା ଯେତେବେଳେ କୌଣସି କାମ କରିବାକୁ ସଂପୂର୍ଣ୍ଣ ଅକ୍ଷମ ଗୋବର୍ଦ୍ଧନ ସେତେବେଳେ ଜଂଘାଟୋକା । ସକାଳୁ ସନ୍ଧ୍ୟାଯାଏ ପର ଦୁଆରରେ ମୂଲ ଲାଗି ଯାହା ଆଣୁଥିଲା, ସେଥିରେ ତାର କ୍ଷୁଦ୍ର ପରିବାରଟି ଏକ ରକମ ଚଳିଯାଉଥିଲା ।

ରାତି ପାହିି ସୂର୍ଯ୍ୟ ଉଦୟ ହେଉ ନ ହେଉଣୁ ବାଡ଼ି କଣ୍ଟା ଲଙ୍କାରୁ ଦୁଇ ଗୁରିଟା, ପୁଳାଏ ଲୁଣ ଓ ଭାତ ତୋରାଣିର କଂସାଏ ଖାଇ ଗାଁ ଦାଣ୍ଡରେ ଯେତେବେଳେ ମୁଣ୍ଡରେ ନାଲି ଗାମୁଛାର ପଗଡ଼ିଟିଏ ବାନ୍ଧି, ଦୁଇ ମୁଟୁକା କଳା ହାତରେ ଗୋଟିଏ ଦା' ଓ ଗୁଣ୍ଡିଏ ଉଚର ଠେଙ୍ଗା ଆଗରେ ବରଡ଼ା ପଖିଆଟିଏ ଝୁଲାଇ ଚାଲିଗଲାବେଳେ ମନକୁ ମନ କହୁଥିବ, ବାହୁରେ ବଳ ଥିଲେ ମଣିଷର ଅଭାବ ଆଉ ରହିଲା କ'ଣ ? ମଣିଷର ଜନ୍ମ, ସେ ସାରାଜୀବନ ଖଟିବ । ଦେହରୁ ରକ୍ତ ନିଗାଡ଼ି ବାପ ମା', ପରିବାରର ମୁହଁରେ ଦାନା ଦେବ । ଖରା, ବର୍ଷା । ଶୀତ, କାକର, ବନ ଭିତର ତଫାତ୍ ତା ପାଖରେ କିଛି ନାହିଁ । କାରଣ ସେ ଜାଣେ, ପରିଶ୍ରମ ହିଁ ତାର ସବୁକିଛି । ସେହି ତାର ସ୍ୱର୍ଗ, ସେହି ତାର ଆନନ୍ଦ, ସେହି ତାର ସୁଖ; ସେହି ତାର ଜୀବନ !

ବାସ୍ତବିକ୍, ସେ ତା ମୁହଁର କଥାକୁ କାମରେ ପ୍ରମାଣ କରି ଦେଉଥିଲା ।

ଗୋବର୍ଦ୍ଧନକୁ ଯେତେବେଳେ ଛବିଶ ବର୍ଷ ବୟସ, ବାପ ତାର ସେତେବେଳକୁ ରୋଗ ଶଯ୍ୟାରେ । ଅଥଚ ପାଖ ଗାଁର ଗୋଟିଏ ଗରିବ ଝିଅ

Digitized by srujanika@gmail.com

ସହିତ ତାର ବାହାଘର କରାଇ ଦେବାର ଛ'ମାସ ପରେ ବୃଦ୍ଧ ପିତା ତାର ଆଖିବୁଜିଲେ । ଠିକ୍ ତାର କିଛି ଦିନ ପରେ ମା' ମଧ୍ୟ ସେହି ବାଟ ଧରି ଚାଲିଗଲା ।

ବାପା ମା'ଙ୍କର ଚାଲିଯିବା ପରେ ପରିବାର ବୋଲି ମାତ୍ର ଦୁଇଜଣ, ସ୍ୱାମୀ ଓ ସ୍ତ୍ରୀ । ଜମିବାଡ଼ି ବେଶୀ ନଥିଲେ କ'ଣ ହେବ, ଘର ପଛକୁ ଲାଗି ଯେଉଁ ବାଡ଼ି ଦୁଇଗୁଣ୍ଠ ଅଛି, ସେଥିରେ ନଡ଼ିଆ, ଲେମ୍ବୁ, କଦଳୀ ଓ କଞ୍ଚା ଲଙ୍କା ଗଛର ଏକ ପ୍ରକାର ଗୋଟିଏ ଗ୍ରେଟ ହାଟ କରିଲେ ଚଳେ ।

କଠୋର ପରିଶ୍ରମ, ବାଡ଼ିର ଏଇସବୁ ଫଳଫୁଲରୁ ବିକା କିଣା କରି ସ୍ୱାମୀ ସ୍ତ୍ରୀ ଦୁଇ ଜଣ ସୁଖେ ଦୁଃଖେ ଚଳିଯାଉଥିଲେ । ଦୁନିଆରେ ଗୋବର୍ଦ୍ଧନ ଏମିତି ଗୋଟେ ଲୋକଥିଲା ଯେ, ସେ କାହାକୁ କିଛି ଦେବାର ନାହିଁ କି ନେବାର ନାହିଁ । କିନ୍ତୁ ଗୋବର୍ଦ୍ଧନର ମାତ୍ର ଗୋଟି ବଡ଼ ବିଚିତ୍ର ଧରଣର । ଯଦି କେତେବେଳେ କେହି କିଛି ପଦେ କଥା କହିଦିଏ, ଅନ୍ତତ ତା ମନ ମାନିଲା ପରି ନ ହେଲେ ସେ ଠୋକ୍ ଠୋକ୍ ଦୁଇ ପଦ ମୁହେଁ ମୁହେଁ ଶୁଣାଇଦିଏ ।

ଅବଶ୍ୟ ତାର ଏପରି ଆଚରଣରେ କେହି ଖୁସି ହେବା ମୁଁ କେବେ ଲକ୍ଷ୍ୟ କରିନାହିଁ । କାରଣ ଆଜି ଯୁଗରେ ଯେ ସତ କହିଲା, ସେ ସମସ୍ତଙ୍କର ଶତ୍ରୁ । ଅଧିକନ୍ତୁ ଗୋବର୍ଦ୍ଧନର ଏପରି ଆଚରଣରେ ଗାଁର ମାମଲତିକାର କାହ୍ନୁମାଷ୍ଟ୍ରେ କେତେବେଳେ ବିରକ୍ତ ହୋଇ କହିପକାନ୍ତି-ହଇରେ ଗୋବରା, ମୁଁ ଦେଖିଛି ତୁ କିଆ ଗୋଟେ ମଣିଷ ହୋଇଗଲୁଣି ।

ପରଗକୁ ନଶୁଣି ନାହିଁ-ବଡ଼ ଲୋକଙ୍କୁ ଉତ୍ତର ନାହିଁ । ଅଗତ୍ୟା ଗୋବର୍ଦ୍ଧନ ଦରବର ହୋଇ ବାଟଭାଙ୍ଗି ଚାଲିଯାଏ ।

ସୁଖ ଦୁଃଖରେ ଭରା ମଣିଷର ଜୀବନ ବାସ୍ତବିକ ବଡ଼ ବିଚିତ୍ରମୟ । କେତେବେଳେ କାହା ଭାଗ୍ୟରେ କ'ଣ ଯେ ଘଟିଯିବ, ସେହି ଭାଗ୍ୟ ନିୟନ୍ତାକୁ ହିଁ ଜଣା ।

Digitized by srujanika@gmail.com

ଆମ ଗାଁ ଗହଳର ଚଳଣି ଭିତରେ ଶାଗ ଖିଆକୁ ସେଜଖିଆ ଦେଖି-ପାରେ ନାହିଁ । ଗାଁ ବାଲାଙ୍କର ଈର୍ଷାପୂର୍ଣ୍ଣ ଲୋଲୁପ ଦୃଷ୍ଟି କ୍ରମଶ ଘନୀଭୂତ ହେବାକୁ ଲାଗିଲା ଗୋବର୍ଦ୍ଧନ ଉପରେ । ବିଶେଷତଃ ସ୍ୱାର୍ଥାନ୍ୱେଷି କାହ୍ନୁ ମାଷ୍ଟ୍ରଙ୍କର ଲୋଲୁପ ଦୃଷ୍ଟି ଆକର୍ଷଣ କରୁଥିଲା ତାର ସେହି ବାର ଦୁଇଗୁଣ୍ଠ ।

ବେଳେବେଳେ ବଡ଼ ବର୍ଷା । ଦିନେ କାମ ନ ମିଳିଲେ ଗୋବର୍ଦ୍ଧନ ଟିକେ ହଡ଼ବଡ଼େଇ ଯାଉଥିଲା । ଏହିପରି ସୁଯୋଗ ଉଣ୍ଡି କାହ୍ନୁମାଷ୍ଟ୍ରେ ବେଳେବେଳେ ଆସି ମୁରବୀଭଳି ଜାହିର କରି କହି ଦେଉଥିଲେ, କରେ ଗୋବର, ଯଦି ଚଳିବା ପାଇଁ ଅସୁବିଧା ହେଉଛି, ତାହେଲେ ମୋ ଠାରୁ କିଛି ଟଙ୍କା ନେଇ ବର୍ତ୍ତମାନ ଅନ୍ତତ ଚଳିଯା । ଶୁଝିବା ପାଇଁ ଭୟ କଣ ? ତୋର ଏମିତି କ'ଣ ନାହିଁ ଯେ···

ଗୋବର୍ଦ୍ଧନ ମାଷ୍ଟ୍ରଙ୍କର ଉଦ୍ଦେଶ୍ୟ ବୁଝି ନଥିଲେ ମଧ କେବେ ଟଙ୍କା ନେଇ ନଥିଲା କି ତାଙ୍କ ଦୁଆରକୁ ଯାଇ ନଥିଲା । ତାର ବୟସ ସହିତ ସମତା ରକ୍ଷା କରି ପରିବାରଟି ବଢ଼ିବାରେ ଲାଗିଥିଲା ।

ଇଶ୍ୱରଙ୍କର ଇଚ୍ଛା ସମସ୍ତଙ୍କ ପାଇଁ ସବୁବେଳେ ଅନୁକୂଳ ହୋଇ ନଥାଏ । ବିଶ୍ୱର ସମସ୍ତ ଈର୍ଷା, ଦୋଷ, ଧନ, ମାନ, ଆତ୍ମ ପ୍ରକାଶ, ପରଶ୍ରୀ-କାତରତା, ଆତ୍ମଘାତ ଓ ଅହଂକାରକୁ ଏକାଠି କରି ବିଶ୍ୱନିୟନ୍ତା ବୋଧ ହୁଏ ଏ ଧନୀ ସମାଜକୁ ଗଢ଼ି ସାରିଲା ପରେ ଅବଶିଷ୍ଟ ଅସାର ଅଂଶତକ ନେଇ ଗଢ଼ିଥିଲେ ଏ ନିରହଂକାରୀ ପରାଧୀନ ଗରିବ ମାନଙ୍କୁ । ଯାହାକି ଆଜିର ସ୍ୱାଧୀନ ସମାଜରେ ଏ ପରାଧୀନ ଗରିବଙ୍କ ସଂଖ୍ୟା ସୀମାଟପି ରହିଛି ।

ତା ଭିତରୁ 'ଚଣାହାଟ' ଗାଁର ଗୋବର୍ଦ୍ଧନ ଅନ୍ୟତମ ।

ମଣିଷର ଦିନ ଗୁଡାକ ସବୁଦିନେ ସମାନ ଯାଏନାହିଁ । ପାହାଡ଼ିଆ ରସ୍ତାର ଖାଲ ଢିପ ପରି ମଣିଷର ଭାଗ୍ୟଟା କେତେବେଳେ ପଡ଼ିଯାଏତ ପୁଣି କେତେବେଳେ ଉଠିଯାଏ । ଗୋବର୍ଦ୍ଧନର ଭାଗ୍ୟରେ ସେମିତି ଦିନେ ଦେଖାଦେଲା ।

Digitized by srujanika@gmail.com

କେଉଁ ଅମଙ୍ଗଳ ଗ୍ରହ ତାକୁ କବଳିତ କଲା କେଜାଣି, ହଠାତ୍ ତା ଦେହରେ ଅଗ୍ନିନଙ୍କ ଭାବେ ଦେଖାଦେଲା ଏକ ଦୁରାରୋଗ୍ୟ ରୋଗ । କୌଣସି ଖାଦ୍ୟ ହଜମ ନହୋଇ ଯାହା ଖାଇଲା, ସବୁ ଝାଡ଼ା ଆକାରରେ ବାହାରିଲା । ତା ସାଙ୍ଗକୁ ପୁଣି କେଉଁଠି କିଛି ନଥିବ ପେଟକୁ ଏପରି ଏକ ଯନ୍ତ୍ରଣା ହେବ ଯେ, ସାଙ୍ଗେ ସାଙ୍ଗେ ତଳେ ପଡ଼ିଯାଇ ଏକା ବେଳେକେ ବେହୋସ । ଗାଁର ବଧି କବିରାଜଙ୍କ ଠାରୁ ଯାହା କିଛି ଗୁଟୁକା ମୋଦକ ଆଣି ଖାଇଲା, ସେଥିରେ କୌଣସି ଉପଶମ ନହୋଇ ବରଂ ବଢ଼ିବାକୁ ଲାଗିଲା ।

ବେଡ଼ି ଉପରେ କୋରଡ଼ା ମାଡ଼ । ରୋଗର ଉତ୍କଟ ଯନ୍ତ୍ରଣା ସାଙ୍ଗକୁ ସ୍ତ୍ରୀ ପିଲାଙ୍କର ଭୋକ ଉପାସ ଦିନକୁ ଦିନ ଅସହ୍ୟ ହେଲା ।

ଶେଷରେ ଦିନେ ସ୍ତ୍ରୀ ତାର କହିଲା, କବିରାଜଙ୍କ ଠାରୁ କ ଔଷଧ ଆଣୁଛ ଯେ, ସେଥିରେ ତ ଆଗାମୀ କିଛି ଭଲ ଦେଖାଯାଉ ନାହିଁ । ରୋଗରେ ପଡ଼ି ନଜେ ଛଟପଟ ହେଉଛ । ଭୋକ ଉପାସ ସହି ନପାରି ପିଲା ଦୁଇଟା ବି କଙ୍କାଳ ଲଗା ହେଲେଣି । ବଞ୍ଚିଥିଲେ ସିନା ସବୁକଥା । ଘରେ ଯାହା କିଛି କଂସା ବାସନ ଅଛି ବନ୍ଧକ କରି ତୁମେ ହସପାତାଳ ଯାଅ ।

ଗୋବର୍ଦ୍ଧନ ତାହା ହିଁ କଲା । ଘରେ ଗଳିବା ମୁତାବକ କଂସା ବାସନ ଯାହା ଥିଲା ବନ୍ଧକ କରି ଗଲା ଡାକ୍ତରଖାନା । ସବୁ ଟଙ୍କା ଗଣି ଦେଇ ଡାକ୍ତରଙ୍କ ନିକଟରେ ଶରଣ ମାଗିଲା । ଡାକ୍ତର କିନ୍ତୁ ତାର ଦୈନ୍ୟତାର ପ୍ରମାଣ ପାଇ ସୁଦ୍ଧା ରୋକ୍ ଠୋକ୍ ଶୁଣାଇ ଦେଲେ, ବୁଝିଲ ଗୋବର୍ଦ୍ଧନ ! ତୁମର ଏ ଯେଉଁ ଅସାଧ୍ୟ ରୋଗ ପେଟ ଭିତରେ ଦେଖା ଦେଇଛି, ଅସ୍ତ୍ରୋପଚାର ବିନା ଭଲ ହେବା ସମ୍ଭବ ନୁହେଁ । ସେ ପୁଣି ଜୀବନ ମରଣ ସମସ୍ୟା । ଅନ୍ୟୁନ ତିନିଶହ ଟଙ୍କା ଦରକାର । ତୁମେ ଆଣିଛ ଏଇ ମାତ୍ର ଶହେଟା ଟଙ୍କା । ମୁହଁ ବୁଲାଇ ଚାଲିଗଲେ ଡାକ୍ତର ।

ଗୋବର୍ଦ୍ଧନର କିନ୍ତୁ ଅନୁନୟ ପରେ ଅନୁନୟ, ଭଲ ହେବା ପାଇଁ ଜୁହାର ପରେ ଜୁହାର । ଜଣକୁ ନୁହେଁ, ଦୁଇ ଜଣକୁ ନୁହେଁ କି ତିନିଜଣକୁ ନୁହେଁ,- ଅନ୍ତତଃ ପାଞ୍ଚ ଜଣ ଡାକ୍ତରଙ୍କ ଠାରୁ ଶୁଣିଥିଲା ସେହି ଗୋଟିଏ କଥା ।

Digitized by srujanika@gmail.com

ତୁମେ ଘରକୁ ଯାଇ ଆଉ କଣ୍ଟି ପଇସା ସଂଗ୍ରହ କରି ଆସ ଗୋବର୍ଦ୍ଧନ କାରଣ ସରକାର ଆମକୁ ଯାହା ଦରମା ଦେଉଛନ୍ତି, ତାହାତ ଘର ଖର୍ଚ୍ଚକୁ ବି ଅଣ୍ଟୁନାହିଁ । ଗାଡ଼ିରେ ତେଲ ପକାଇବା, ପିଲାମାନଙ୍କୁ ଇଂଲିଶ୍ ମିଡ଼ିୟମ୍ ସ୍କୁଲରେ ପାଠ ପଢ଼ାଇବା, ପୂଜାରୀଙ୍କୁ ଦରମା ଦେବାପାଇଁ ପଇସା ବା ଆସିବ କୁଆଡ଼ୁ ?

ଲୋକମାନେ ଯେଉଁଠି ରୋଗର ଯନ୍ତ୍ରଣାକୁ ସହି ନପାରି ପ୍ରାଣ ବିସର୍ଜନ ଦେଉଛନ୍ତି, ଏ ଯୁଗର ପାଠ ପଢ଼ୁଆ ବାବୁମାନେ ସେଇମାନଙ୍କ ତଣ୍ଟିଚିପି, ଅଣ୍ଟାଙ୍କୁ, ଗାଡ଼ିରେ ତେଲ ପକାଇ ପଛରେ ଘରଣୀମାନଙ୍କୁ ବସାଇ ବଜାର ପରିକ୍ରମା କରୁଛନ୍ତି, ଟେଲିଭିଜନ୍‌ର ପରଦା ଉପରେ କେଉଁ ନୃତ୍ୟରତା ନାୟିକାର ଜାନୁ ଯୌବନକୁ ଦେଖି ବାର୍ଷିକ ବିଦ୍ୟୁତ୍ ଶୁଳ୍କ ଦେବାରେ ନିଜର ଗର୍ବ ଗୌରବର ପରିଚୟ ଦେଉଛନ୍ତି ।

ଡାକ୍ତରମାନଙ୍କ ଠାରୁ ଏପରି ନିଷ୍ଠୁର କଥା ଶୁଣି ଗୋବର୍ଦ୍ଧନ ନିରାଶ ହୋଇ ଫେରି ଆସିଲା ଘରକୁ । ରୋଗର ପ୍ରାବଲ୍ୟତା ଦିନକୁ ଦିନ ବଢ଼ିବାରେ ଲାଗିଥାଏ । ଗୋବର୍ଦ୍ଧନର କଣ୍ଟି ନଥିଲେ ବି ତାର ବଳିଷ୍ଠ ଦେହଟା ପାଇଁ ଦିନେ ସବୁ ଥିବାର ଯେଉଁ ଗର୍ବ କରୁଥିଲା, ସେ ଦେହଟା ତାର ଜୀର୍ଣ୍ଣ ଶୀର୍ଣ୍ଣ ହୋଇ ପଡ଼ିରହିଲା ବିଛଣାରେ ।

ସମୟ୍‌ହି ସିନା ସୁଖର ସାଥୀ । ଦୁଃଖ ବେଳେ ପଚାରେ କିଏ ? ଯେତେବେଳେ ସେ ଭଲଥିଲା ଗାଁ । ଲୋକେ କାମ ଲାଗିବାରେ ଆଗତୁରା ଆସି ପାଞ୍ଚଟଙ୍କା ଦଶଟଙ୍କା ଦେଇଯାଉଥିଲେ । ବର୍ତ୍ତମାନ ସମୟ୍‌ରେ ଶୁଣନ୍ତି ଗୋବର୍ଦ୍ଧନ ଅସୁସ୍ଥ । ତଥାପି ଦିନେ ହେଲେ କେହି ତାର ପିଣ୍ଡାକୁ ଆସି ପଚାରି ନାହାଁନ୍ତି-ଗୋବରା କପରି ଅଛୁ । ପ୍ରତିଦିନ ସକାଳେ ସଂଧ୍ୟାରେ ପଡ଼ିଶାଙ୍କ ଘରେ ଚୂଲି ଜଳେ, ଗୁହଉପର ଦେଇ ଧୂଆଁ ବାହାରେ, ଫୁଟେଣ ଫୁଟିଲେ ଛୁଙ୍କ ହୁଏ, ପିଲାମାନଙ୍କର ଆନନ୍ଦ କୋଳାହଳର ସ୍ୱର ଶୁଭେ ।

ମାତ୍ର ଗୋବରାର ଘରେ ଏସବୁ ପରିବର୍ତ୍ତେ ଶୁଣାଯାଏ କେବଳ ପିଲା ମାନଙ୍କ କରୁଣ ଆର୍ତ୍ତ ଚିତ୍କାର-ବୋଉ, ମତେ ଭୋକ ହେଲାଣି, ଖାଇବାକୁ ଦେ' ।

Digitized by srujanika@gmail.com

ଚୂଲି ଜଳିବା ଦୂରରେ ଥାଉ, ଘରେ ଖୁଦ ଟିପାଏ ନାହିଁ କି କାଣି କଉଡ଼ିଟାଏ ବି ନାହିଁ । ଦିନେ ଦିନେ ଗଛରୁ ଗୋଟିଏ ଦୁଇଟି ନଡ଼ିଆ ତୋଳି ଆଣି ସେଇଥିରେ ଦିନ ଯାଏ । ସ୍ତ୍ରୀ ତାର ଆ' ତା' ଘରେ ପାଇଟି କରି ଯାହା ଆଣୁଥିଲା, ସେଥିରେ ତିନି ଦିନରେ ଥରେ ଚୂଲି ଲଗିବାକୁ ନଅଣ୍ଟ ହେଉଥିଲା । ସେଥିରେ ପୁଣି ବେଳେବେଳେ ପାଚିଲା ଆମ୍ବ ଉପରେ ଡାମରା କାଉର ଦୃଷ୍ଟି ପରି କାହ୍ନୁ ମାଷ୍ଟ୍ରଙ୍କର ଲୋଲୁପ ଦୃଷ୍ଟି ତାକୁ ବ୍ୟସ୍ତ ବ୍ୟଥିତ କରି ପକାଉଥିଲା । ତାହାକୁ ମାଷ୍ଟ୍ରଙ୍କର ହୀନ ଚକ୍ରାନ୍ତ ଯୋଗୁ ସ୍ତ୍ରୀ ତାର ପାଇଟି କରି ଯାହା ପୋଷେ ମୁଠେ ଆଣୁଥିଲା, ସେ ବି ବନ୍ଦ ହେଲା ।

ତଥାପି ପିଲାମାନଙ୍କୁ ବଞ୍ଚାଇ ରଖିବାକୁ ହେବ । ରୋଗ ଶଯ୍ୟାର ଉତ୍କଟ ଯନ୍ତ୍ରଣାରେ ଶିକାର ହୋଇ ମଧ୍ୟ ଏ କଥା ବାରମ୍ବାର ଗୋବର୍ଦ୍ଧନର ମୁଣ୍ଡରେ ଆଘାତ କରୁଥିଲା । ଶେଷରେ କୌଣସି ଉପାୟ ନପାଇ ଗୋଟିଏ ନଡ଼ିଆଗଛ ବନ୍ଧାଦେଇ କାହ୍ନୁ ମାଷ୍ଟ୍ରଙ୍କ ଠାରୁ ଦଶର ଟଙ୍କା ଆଣିଲା ସେ । ତାହା ମାତ୍ର ଅଳ୍ପ ବେଶୀରେ ତିନି ଦିନର ଖାଦ୍ୟ ।

ଦିନେ ସନ୍ଧ୍ୟାରେ ସ୍ତ୍ରୀ ତାର କହିଲା, ଘରେ ଯାହା ଥିଲା ସବୁ ଗଲା । ଶେଷରେ ପିଲାମାନଙ୍କ ପାଇଁ ନଡ଼ିଆ ଗଛଟା ବି ନଜର ହୋଇ ରହିଲାନାହିଁ । ତୁମ ଦେହ ଭଲ ନହେଲା ପର୍ଯ୍ୟନ୍ତ ଆମର ଏ ଦୁଃଖ ମେଣ୍ଟିବ ନାହିଁ ।

ମୁଁ କ'ଣ ତାହା ଜାଣିବୁ ନାହିଁ ? ଦେଖୁଛି ତ, ଘରେ କଂସା ବାସନ ଯାହା କିଛି ଥିଲା, ବନ୍ଧକ କରି ଗଲା ଡାକ୍ତରଖାନା । ସେମାନେ ଏଇ କେଇଟା ଟଙ୍କାରେ ରୋଗ ଭଲ କରିବାକୁ ରାଜି ହେଲେ ନାହିଁ । ସେମାନେ ଚାହାନ୍ତି ବେଶୀ ଟଙ୍କା ଓ ତାଙ୍କର ସମ୍ମାନ ଅନୁଯାୟୀ ଅଧିକ ହାତଗୁଞ୍ଜା । ଟଙ୍କା ସେମାନଙ୍କ ସହିତ କଥା କହେ—ମଣିଷ ସେମାନଙ୍କର କେହି ନୁହେଁ, କେବଳ ଘୃଣାର ପାତ୍ର ।

ଏଣିକି ମୋର କାର୍ଯ୍ୟ । ଗୋଟିଏ ଦୀର୍ଘ ନିଶ୍ୱାସ ନେଲା ଗୋବର୍ଦ୍ଧନ । ସେଦିନ ସାରା ପରିବାରଟି ଉପବାସ ବ୍ରତ ପାଳନ କରିଥିଲେ ।

Digitized by srujanika@gmail.com

କ୍ରମେ ଗୋବର୍ଦ୍ଧନର ଏ ଦୟନୀୟ କାହାଣୀ ମାଇପି ମହଲରୁ ଆରମ୍ଭ କରି ଗାଁ ମାମଲ୍‌ତକାର କାହ୍ନୁ ମାଷ୍ଟ୍ରେଙ୍କର କାନକୁ ଗଲା । ବିଲେଇ କପାଳକୁ ଶିକା ଛିଣ୍ଡିଛି । କାହ୍ନୁ ମାଷ୍ଟ୍ରେଙ୍କର ସମସ୍ତ ଚକ୍ରାନ୍ତ ଠୁଳ ହୋଇ ସତେଯେମିତି ସଫଳତାର ସହିତ ତାଙ୍କୁ ହାତ ଠାରି ଡାକୁଛି ।

"ଚଣାହାଟ" ଗାଁରେ ଏମିତି କେହି ଲୋକ ନାହାଁନ୍ତି, ଯେ' କି କାହ୍ନୁ ମାଷ୍ଟ୍ରେଙ୍କୁ ଭୟ ନକରେ ।

ଖଣ୍ଡିଏ ଧୋବ ଫରଫର ଆଣ୍ଠୁ ନ-ଢ଼ଙ୍କା ଧୋତି ସାଙ୍ଗକୁ କାନ୍ଧରେ କଳକଣ୍ଠ ନାଲି ଗାମୁଛାଟିଏ ପକାଇ ଯେତେବେଳେ ଗାଁ ଦାଣ୍ଡରେ ପାନ ଚୋବାଇ ଚୋବାଇ ଚାଲିଥାନ୍ତି, ପିଣ୍ଡାରେ ବସିଥିବା ଲୋକ ମଧ୍ୟ ବାହାରି ତାଙ୍କର ଏକାନ୍ତ ଅନୁଗତ ଭଳି ପଛେ ପଛେ ଚାଲନ୍ତି । ତାଙ୍କର ବିହଙ୍ଗ ଦୃଷ୍ଟି ଥରେ ଯାହା ଉପରେ ପଡ଼େ, ତାର ଭାଗ୍ୟ ଖରାପ ବା କୌଣସି ଅମଙ୍ଗଳ ଗ୍ରହର ଲୋଲୁପ ଦୃଷ୍ଟି ବୋଲି ଜାଣ । ତେଲିଆ ମୁଣ୍ଡରେ ତେଲ ଢାଳିବା ତ ଆଜି ଯୁଗର ଧର୍ମ । କାହାର ଜମିରେ ଭଲ ଫସଲ ହେଲା ତ ତାହା ଉପରେ ପଡ଼ିଲା ତାଙ୍କର ଆଖି । ଗାଁରେ କିଏ ଭଲ ପାଠ ପଢି ଆଗକୁ ହେଲା ତ ତା ପାଇଁ ଧାଇଁଲେ କୋର୍ଟ କଚେରୀ । ପୁଣି କାହାର ଅସୁବିଧାର ସୁଯୋଗ ନେଇ ବଳେ ବଳେ ଦଶଟଙ୍କା ଦେଇ ପର ମୁହୂର୍ତ୍ତରେ ଶହେଟଙ୍କା ଦାବୀ କରି କରି ବସିଲେ ନାଲିସ୍ । ତାଛଡ଼ା, ଅର୍ଥ ସଂସ୍ଥାନ ପାଇଁ ଗାଁର କୌଣସି ଅନୁଷ୍ଠାନର ନେତୃତ୍ୱ ଲାଳସାରେ ଦଳଗତ ମନୋବୃତ୍ତି ନେଇ ଆଉ ଗୋଟିଏ ଅନୁଷ୍ଠାନ, ଯେଉଁଥିରେ କି ସେ ଧାରି ଧାରନ୍ତିନାହିଁ । ତାକୁ ଭାଙ୍ଗିବା ପାଇଁ ସତେ ଯେମିତି ସେ ଜଣେ ଈଶ୍ୱର ପ୍ରେରିତ ପ୍ରତିନିଧି । ଶୋଷଣ ଓ ପେଷଣ ସାଙ୍ଗକୁ ଅଣ୍ଟିରେ ପଶି ଚଣ୍ଟି କାଟିବା ତାଙ୍କର ଥିଲା ଜନ୍ମଗତ କଳା ।

ସେଦିନ ଠିକ୍ ଏହି ସମୟରେ ଦର୍ଭେକଷ୍ଟଙ୍କୁ ଭୋଇଠା ମାଡ଼ ପରି ଧାଇଁ ଆସି ଗୋବର୍ଦ୍ଧନର ନିକଟରେ ଅତି ଆତ୍ମୀୟଭଳି କହିଥିଲେ, ମୁଁ ଦେଖୁଛି ତୁ ଦିନକୁ ଦିନ ଦୁର୍ବଳ ହୋଇ ପଡୁଛୁରେ ଗୋବି ! ଡାକ୍ତର ତିନିଶହ ଟଙ୍କା କହିଲେ, କ'ଣ ବେଶୀ କହିଛନ୍ତି ବୋଲି ଭାବୁଚୁ ? କରେ ଆଜିକାଲି ପରି

Digitized by srujanika@gmail.com

ଦେଖୁନୁ, ବାପଠାରୁ ପୁଅ ପଇସାଟାଏ ନପାଇଲେ ଦୂରେଇ ଯାଉଛି । ଆଜି କାଲି ଯାହା ଦେଖ୍, ସବୁ ସେଇ ଟଙ୍କାର କରାମତି, ଟଙ୍କାର ଖେଳ । ଅଥଚ ସେ ସ୍ଥଳେ ମାନ୍ଧ ଶତେହିଟା ଟଙ୍କା । ନେ' ଏହି ତିନିଶହ ଟଙ୍କା । ଏମିତି ପଡ଼ି ରହିଲେ କ'ଣ ଦେହ ଭଲ ହୋଇଯିବ ? କରେ ଦାସେ ପରା ଲେଖିଛନ୍ତି ଭାଗବତରେ, "ଏ ଦେହ ଥିଲେ ସର୍ବ ପାଇ-ଜଳେ ଯେସନେ ଚନ୍ଦ୍ର ଛାଇ" । ଦେହକୁ କଷ୍ଟ ଦେଇ ଟଙ୍କା ସହିତ ମମତା ରଖିଲେ ଚଳିବ ? ଦେଖୁଛ ତ, ବର୍ତ୍ତମାନ ଲୋକମାନେ ଏମିତି ତଳକୁ ଖସି ଗଲେଣି, ଘରେ ବଡ଼ା ବଡ଼ା ଟଙ୍କା ରଖି ଭଲରେ ମନ୍ଦରେ ପାଞ୍ଚଟା ଟଙ୍କା ପାଇଁ ଗଲେ କେତେ ରକମ ଫିକର ବାନ୍ଧି କଥା କହୁଛନ୍ତି । ଘରେ ବୁଢ଼ୀଟା ପେଟ ତୋ'ର ହାତ ମୁଠାକୁ ଅନାଇ ବସିଛି । ଆଗ ତୁ ଡାକ୍ତରଖାନା ଯାଇ ଦେହ ଭଲ କର । ଟଙ୍କାଟା ଜୀବନର ସବୁକିଛି ନୁହେଁରେ !

ରୋଗଶଯ୍ୟାରେ ପଡ଼ି ଗୋବର୍ଦ୍ଧନ ଛଟପଟ ହେଉଥିଲା ବେଳେ କହିଲା, ନା ମାଷ୍ଟ୍ରେ, ଏଥର ମରିବି ପଛେ ଆଉ ସେ ଡାକ୍ତର ଗୁରୁଙ୍କ ପାଖକୁ ଯିବନାହିଁ । ଭାବୁଛି, କୌଣସି ଦେବାଦେବୀଙ୍କ ଆଶ୍ରାରେ ପଡ଼ିରହିବି । ମାରିଲେ ସେଇ ତାରିଲେ ସେହି ।

ମାଷ୍ଟ୍ରେ କହିଲେ, ଯାହା କହିଲୁ କଥାଟା ସତରେ ଗୋବି । କଥା ଭଲଆ କଥା ପଦେ କହିଲୁ । ସବୁ ମୂଳରେ ସେଇ ହର୍ତ୍ତାକର୍ତ୍ତା, ଦଇବ ବିଧାତା । କଥାରେ ଅଛି ପରା, "ଯାହା କରିବେ ସାଇଁ କାହାର ମନରେ ନାହିଁ ।" ଆଉ ଏ ଡାକ୍ତର ବଇଦଗୁଡ଼ା, ଛାଡ଼ ସେ କଥା । କରେ ବାହାରକୁ ସିନା ଗୁଣ୍ଡକାଣ୍ଡ । ହେଲେ ରୋଗ ଚିହ୍ନୁଛନ୍ତି କେଇଜଣ ?

ତେବେ ସେଥିପାଇଁ ତ ପୁଣି ଟଙ୍କା ଦରକାର ? 'ନେ' ରଖ ଏ ଟଙ୍କା । ହଁ, ମୋର ତ ପୁଣି କେତେଆଡ଼େ କେତେ କାମ । ପର ପାଇଁ ତ ଏ ଜୀବନ ଯିବାକୁ ବସିଲାଣି । ବୁଢ଼ା ଲୋକ-ପାଗଲ ତାଳ । ଆଜି ଅଛି-କାଲି ନାହିଁ । ଏଇ କାଗଜ ଖଣ୍ଡିକରେ କେବଳ ତୋ ନାଁଟା ଲେଖିଦେ । ମୁଁ ଥିଲା ନଥିଲା ବେଳେ ତୋ'ର ଉପକାରରେ ହିଁ ଆସିବ ।

Digitized by srujanika@gmail.com

କୌଣସି ପ୍ରତିବାଦ ନକରି ସେଦିନ ତିନିଶହ ଟଙ୍କା ବଦଳରେ ହାତକାଟି ଲେଖିଦେଲା ସରଳ ବିଶ୍ୱାସୀ ଗୋବର୍ଦ୍ଧନ ।

ଆଉ ଦଣ୍ଡେମାତ୍ର କାଳବିଳମ୍ବ ନକରି କାହ୍ନୁ ମାଷ୍ଟ୍ରେ ଘରଚ ଆବିଷ୍କାର ପରେ କଲମ୍ବସଙ୍କ ବିଜୟକୁ ନେଇ ଘରକୁ ଫେରି ଯାଇଥିଲେ । ଠିକ୍ ପରେ ପରେ ଗୋବର୍ଦ୍ଧନର ସ୍ତ୍ରୀ ତା ପାଖକୁ ଆସି କହିଲା, ସେଦିନ ସିନା ଟଙ୍କା ପାଇଁ ଫେରି ଆସିଥିଲ, ଏବେ ତ ଟଙ୍କା ପାଇଲ । ବିଛଣାରେ ପଡ଼ି ଏମିତି ଛଟପଟ ହେବା ଅପେକ୍ଷା ଆଜରେ ତୁମେ ହସପାତାଳ ଯାଅ ।

ଆଜି ସେ ନୃସଂଶ ଡ଼ାକ୍ତରଙ୍କ ପାଖକୁ ଯିବନାହିଁ । ନେ' ଏଇ ପଚ୍ଛଣ ରଖ୍ । ତୁମେ ତ ପୁଣି ଖାଇପିଇ ବଞ୍ଚିବ । ମୁଁ ଯାଉଛି ଆରଡ଼ି । ଧାରଣା ପଡ଼ିବ ବାବା ଆଖଣ୍ଡଳମଣିଙ୍କ ପାଖରେ । ସେ ମାରନ୍ତୁ ବା ତାରନ୍ତୁ ଭଲ ନହେବା ଯାଏ ଫେରିବ ନାହିଁ ।

ସ୍ତ୍ରୀ ପିଲାଙ୍କ ଆଖି ଦରିଆରେ ଲୋତକର ଉଜାଣି ଯମୁନାର ଢେଉ ଖେଳାଇ ଗୋବର୍ଦ୍ଧନ ସେଦିନ ବାହାରିଗଲା ଆରଡ଼ି ।

ଦିନେ ନୁହେଁ, ଦୁଇଦିନ ନୁହେଁ, ତିନିଦିନ ମଧ୍ୟ ନୁହେଁ—ପ୍ରତିଦିନ ସକାଳୁ ସୂର୍ଯ୍ୟ ଉଦୟ ହୋଇ ପୁଣି ସନ୍ଧ୍ୟାରେ ଅସ୍ତ ଯାଆନ୍ତି । ରୋଗର ଉତ୍କଟ ଯନ୍ତ୍ରଣାରେ ଛଟପଟ ହୋଇ ଗୋବର୍ଦ୍ଧନ ମାସ ମାସ ଧରି ପଡ଼ି ରହିଲା ଠାକୁରଙ୍କ ଦୁଆରେ ।

ଦିନେ ଜଣେ ପଣ୍ଡା ଆସି କହିଲେ, କରେ, ଏମିତି ପଡ଼ି ରହିଲେ କ'ଣ ଠାକୁର ଭଲ କରିଦେବେ ? ଠାକୁରଙ୍କୁ ବଡ଼ ସିଂହାର ବେଶ କର, ଦର୍ଶନ ମାନସିକ କର, ରହିବା ଖାଇବା ପାଇଁ ଅଗ୍ରୀମ ଟଙ୍କା ଦାଖଲ କର । ଟଙ୍କା ଖର୍ଚ୍ଚ ନକରି ଖାଲି ପଡ଼ି ରହିଲେ ଠାକୁର କ'ଣ ତୋର ବେଠିଆ ହୋଇଛନ୍ତି ତୋତେ ଭଲ କରିଦେବେ ?

ସେଠାରେ ମଧ୍ୟ କଳାଘୋଡ଼େଇ, ଲାଞ୍ଚମିଛ, ଠାକୁରଙ୍କ ନାମରେ ଭଣ୍ଡାମୀ ଚାଲିଛି ।

Digitized by srujanika@gmail.com

ଆରୋଗ୍ୟ ହେବା ପାଇଁ ଗୋବର୍ଦ୍ଧନ କଚ୍ଛୁ ନକହି ସବୁ ଟଙ୍କା ପଣ୍ଡାଙ୍କ ହାତକୁ ବଢାଇ ଦେଇ ପୁଣି ପଡ଼ିରହିଲା ସେହିପରି । କେବଳ ପ୍ରତିଦିନ ବାରଟାବେଳେ ଘଣ୍ଟେ ଖାଇବାକୁ ମିଳୁଥିଲା ତାକୁ ।

ଏହିପରି ଗ୍ଲଲଗଲା ଆଉ କଛୁଦନ ।

ଦନେ ରାତରେ ସେ ଶୋଇ ଶୋଇ ସ୍ୱପ୍ନ ଦେଖିଲା, କେହି ଜଣେ ଶ୍ଳଥ ଚର୍ମା, ପକ୍ୱ କେଶ ଶ୍ମଶ୍ରୁ ବୃଦ୍ଧ ତାର ପାଖରେ ବସି କହୁଛନ୍ତି—ଆରେ ପାଷଣ୍ଡ, ଏଠାରେ ପଡ଼ି ରହିଛୁ କାହିଁକି ? ଅର୍ଜିଲା କର୍ମର ପ୍ରାୟଶ୍ଚିତ ନକରି ଆରୋଗ୍ୟ ହେବାକୁ ଆସିଛୁ ! ଯା, ଯା, ପୂର୍ବ ଜନ୍ମରେ ତୁ ଗୋଟିଏ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ, ଜଡ଼ିତ ଆଉରଙ୍ଗଜେବଙ୍କ ପରି ବୃଦ୍ଧ ପିତାକୁ ତୋର ପଦାଘାତ କରିଥିଲୁ । ଏ ହେଉଛି ତାଙ୍କର ଅଶ୍ରୁଳ ନିଶ୍ୱାସ-ତୋର କର୍ମଫଳ । ଯା, ସେଇ ପିତା ତୋର ଏ ଜନ୍ମରେ "ତେଲୁଣି ପଡ଼ା" ଗ୍ରାମରେ ଗୋଟିଏ ହରିଜନ ପରିବାରରେ ଜନ୍ମ ହୋଇଛି । ନାଁ ତାର ନମେଇଁ ମଲକ । ଠାକୁର ପାଖରେ ନପଡ଼ି ତା'ର ସେବା କର । ତା'ର ପାଦଧୂଳି ନେ' । ତାର ଗୋଡ ଧରି କ୍ଷମା ମାଗି ତାର ଉଚ୍ଛିଷ୍ଟ ଭୋଜନ କର······ହୁଏତ ରୋଗ ଭଲ ହୋଇପାରେ ।

ହଠାତ ମା' କୋଳର ପିଲାଙ୍କ ପରି ଚମକିଉଠି ଉଠିଲା ଗୋବର୍ଦ୍ଧନ । ଗଭୀର ତମସାର ବକ୍ଷଚିରି କେବଳ ନୈଶ-ସମୀରଣର ସାଇଁ ସାଇଁ ଶବ୍ଦ ଶୁଣା ଯାଉଥିଲା । ଆଉ ଅପେକ୍ଷା ନକରି ସେ ସେହି ରାତାରାତି ଧାଇଁଲା 'ତେଲୁଣିପଡ଼ା' । ବାଟରେ ରାତି ପାହିଲା । ସବୁଦିନ ପରି ସୁନାଥାଳିଆ ସୂର୍ଯ୍ୟ ହସି ହସି ଉଠି ଆସୁଥିଲେ ପୂର୍ବ ଦିଗ୍‌ବଳୟରୁ । ଗୋବର୍ଦ୍ଧନ ପଚାରି ପଚାରି ଯାଇ ପହଞ୍ଚିଲା ନମେଇ ମଲକ ଘରେ । ବୁଢ଼ାକୁ ଦେଖିବା ମାତ୍ରେ କାହାକୁ କିଛି ନକହି ଲମ୍ବହୋଇ ଶୋଇଗଲା ତାର ପାଦତଳେ । ତା'ପରେ ଶୋକା-କୁଳ କଣ୍ଠରେ କହିଗଲା ତାର ଦୁଃଖ କଥା । ଅବଶ୍ୟ ଏହା ଦେଖି ଶୁଣି 'ତେଲୁଣିପଡ଼ା' ଗାଁର ପ୍ରତ୍ୟେକଙ୍କ ମନରେ ଟାଣି ହୋଇ ଯାଇଥିଲା ଏକ ଚଞ୍ଚଳ ଛାୟା ।

Digitized by srujanika@gmail.com

ନମେଇ ମଲିକ ହରିଜନ, ଅସ୍ପୃଶ୍ୟ, ତଥାପି ତାର ବଦାନ୍ୟତା ଓ ସହୃଦୟତାକୁ ଫାଙ୍କି ଦେଇ ଭଲ କଉ ଏକା 'ତେଲୁଣିପଡ଼ା' କାହିଁକି, ଆଖ-ପାଖ ଦଶଖଣ୍ଡ ଗାଁରେ ନାହିଁ । ପରର ଦୁଃଖ ଦେଖିଲେ ତା ଆଖିରୁ ଝରିଯାଏ ଲୋତକର ଶ୍ରାବଣୀ ଆଉ ପରର ସୁଖରେ ତା ମନ ଅପାର ଆନନ୍ଦରେ ନାଚ ଉଠେ । ଗୋବର୍ଦ୍ଧନ ଠାରୁ ସେ ଯେତେବେଳେ ପୂର୍ବ ବୃତ୍ତାନ୍ତ ଶୁଣିଲା, ଆଖିରେ ଆଖିଏ ଲୁହ ଭରି କୁଣ୍ଢାଇ ପକାଇଲା ତାକୁ । ତାର ବାତ୍ସଲ୍ୟ ମମତାରେ ଛୁଆଁ ଅଛୁଆଁ ଭେଦଭାବ ସବୁ କିଛି ଭୁଲିଗଲା ଗୋବର୍ଦ୍ଧନ ।

ମନ ତାର ଯେମିତି ସ୍ୱତଃ ପ୍ରବୃତ୍ତ ହୋଇ କହି ଉଠୁଥିଲା, ଜନ୍ମ ହେଲା-ବେଳେ ସବୁ ମଣିଷ ସମାନ । ମାତ୍ର ଏଇ ମଣିଷ ଗଢ଼ା ସମାଜର ଦୁର୍ବଳ ପରମ୍ପରା ତାର ହୃଦୟବତ୍ତାର ପ୍ରକୃତ ପରିଚୟ ନପାଇ ବେଳେବେଳେ ସମାଜ ବାସନ୍ଦ କରିଥାଏ ।

ତୁଣ୍ଡ ବାଇଦ ସହସ୍ର କୋଶ ।

ଗୁହଁ ଗୁହଁ କଥାଟା ଆଖପାଖ ପାଞ୍ଚଖଣ୍ଡ ଗାଁର ବାୟୁ ମଣ୍ଡଳରେ ଉଡ଼ିବୁଲିଲା ପରେ ଯେମିତି ଅଦୃଶ୍ୟମାନ ଧୂଳିକଣା ପରି । ସବୁଠାରୁ ବେଶୀ ଗୁରୁତ୍ୱପୂର୍ଣ୍ଣ ଆଲୋଚନାର ବିଷୟ ହୋଇପଡ଼ିଥିଲା 'ତଣାହାଟ' ଗାଁରେ । ପାଞ୍ଚ ଦଶ ଲୋକଙ୍କୁ ପିଣ୍ଡାରେ ବସାଇ ଜଣେ ରାଜନୈତିକ ନେତାଙ୍କ ପରି ବାହାପିଟି ଭାଷଣ ଦେଇ କହୁଥିଲେ କାହ୍ନୁ ମାଷ୍ଟ୍ରେ, ଗୋବରର ବାହାପ ଦେଖୁଛ ! ମଣିଷ ବୋଲି ଏଡ଼େ ଖଣ୍ଡେ । ତଣ୍ଟି ଚିପି ଦେଲେ ଦୁଧ ବାହାରି ପଡ଼ିବ । ମଉସା ମଉସା କହି ମୋ ଠାରୁ ଗଣି ନେଲା ଶହ ଶହ ଟଙ୍କା । ପୁଣି ଖଣ୍ଡାୟତ ଘରେ ଜନ୍ମ ହୋଇ ଶେଷରେ ନମେଇ ମଲିକ, ଯେ' କି ହରିଜନ ଯାହାର ଛାଇ ମାଡ଼ିଲେ ମଣିଷ ଅପବିତ୍ର ହୁଏ, ଯାହାକୁ ଛୁଇଁଲେ ମଣିଷ ପଇତା ବଦଳାଏ, ତା ଘରେ ରହି ତା ଅଇଣ୍ଠା ଖାଇଲା, ତାର ଗୋଡ଼ ଧୋଇ ନିର୍ମାଲ୍ୟ ପରି ପାଦୁକା ପାଇଲା ! ଲଜ୍ୟା ଲାଗିଲା ନାହିଁ ତାକୁ ! ଆମର ମାନ ଇଜ୍ଜତ ସବୁ ପଦାରେ ପକାଇଲା ।

କାହ୍ନୁ ମାଷ୍ଟ୍ରଙ୍କ ପଛରେ ରହି ହାତ ଟେକିବା ଲୋକ ସିନା ଅନେକ । ମୁହଁ ଉପରେ କହିବାର ସାହାସ କାହାର ଅଛି ?

Digitized by srujanika@gmail.com

ପୁଣି ଗର୍ଜି ଉଠିଲେ କାହ୍ନୁ ମାଷ୍ଟ୍ରେ—ଶୁଣ, ସେ ଗାଁକୁ ଆସିଲେ କେହି ତାକୁ ଛୁଇଁବ ନାହିଁ । ତା ପାଇଁ ରାସ୍ତା, ଘାଟ, ନିଆଁ, ପାଣି ସବୁ ବନ୍ଦ । ପୁରସ୍ତମ ଯିବ, ଗୋବର ପାଣି ପିଇବ, ଜ୍ଞାତି ଭୋଜନ ଦେବ, ବ୍ରାହ୍ମଣଙ୍କୁ ଗୋ-ବସ୍ତ୍ର ଦାନ ଦେବ, ତେବେ ଯାଇ ଜାତି ହେବ । ନହେଲେ ଆମ ମୁଣ୍ଡ ଦୁଇ କଡ଼ାର ହୋଇ ଯିବ ନାହିଁ !!

ପଛରେ ରହି ହାତ ଟେକିବା ପାଇଁ ଯେଉଁ କେଇଜଣ ବଖରାପେଲ ଦଳ ଥିଲେ, ସମସ୍ତେ ସମସ୍ୱରରେ କହି ଉଠିଲେ, ଠିକ୍, ଠିକ୍ ତାହା ହିଁ ଠିକ୍ ।

ସେହିଦିନ ଠାରୁ ଗୋବର୍ଦ୍ଧନର ଘରକୁ ଆସି ତାର ପରିବାରକୁ ଧମକା ଚମକା କରିବା ମଷ୍ଟ୍ରେଙ୍କର ସତେ ଯେମିତି ଏକ ପ୍ରକାର ନିତିଦିନିଆ କାମ ହୋଇ ପଡ଼ିଲା । ଦିନ ଦୁଇ ଘଣ୍ଟା ଥିବା ପରେ ଗୋବର୍ଦ୍ଧନ ଦିନେ ରାତିରେ ଆସିଲା ତା ଘରକୁ । ଘରର ଶୂନ୍ୟତା ଦେଖି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଗଲା । କାହ୍ନୁ ମାଷ୍ଟ୍ରେଙ୍କର ସବାଗିଳା ଏକଚ୍ଛତ୍ରବାଧାତାକୁ ସହି ନପାରି ସ୍ତ୍ରୀ ତାର ପିଲା ଦୁଇଟିକୁ ଧରି ଚାଲିଯାଇଛି ବାପ ଘରକୁ । ଅଧିକନ୍ତୁ ନିଜ ବିରୁଦ୍ଧରେ ହେଉଥିବା ଗ୍ରାମବାସୀଙ୍କର ଆକ୍ଷେପ ତା ଗାଁ ମାଇପଙ୍କର ଟୁପୁରୁ ଟାପରେ ଶୁଣି ସହି ପାରିଲା ନାହିଁ ସେ ।

ଶେଷରେ ସବୁ ଆଶା ଭରସାକୁ ସର୍ବଶୂନ୍ୟମୟ ଉଷ୍ମଶ୍ୱାସରେ ଦୂରେଇ ଦେଇ ବିଷଖାଇ ଆତ୍ମହତ୍ୟା କଲା । ରାତି ପାହି ଦିନ ଏଗାରଟା ହେଲା । ଘରେ ମୁର୍ଦ୍ଦାରଟା ପଡ଼ି ଲଟି ହୋଇଯାଇଥିବାରୁ ଗାଁ ଟା କ ଗୋଟାଏ ଖାଇଗୋଡ଼େଇଲା ପରି ଲାଗୁଥାଏ । କୁକୁର ଗୁଡ଼ାକ ଗାଁ ଦାଣ୍ଡରେ ଥାଇ ଗୋବର୍ଦ୍ଧନର ଘର ଆଡ଼କୁ ଅନାଇ ଏକ ପ୍ରକାର ଅସ୍ୱାଭାବିକ ସ୍ୱରରେ ଭୁକିବାରେ ଲାଗିଥାନ୍ତି ।

ହଠାତ କାହ୍ନୁମାଷ୍ଟ୍ରେ କେଉଁଠିଥିଲେ । ଧାଇଁ ଆସି ଗ୍ରାମବାସୀମାନଙ୍କୁ ଡାକ କରିଲେ, ହଇ ହେ, ମୁର୍ଦ୍ଦାରଟା କ'ଣ ଏହିପରି ଘରେ ପଡ଼ିବ ? ଗାଁରେ

Digitized by srujanika@gmail.com

ଘର କରିଥାଇ ଯେତେବେଳେ ଏହା ଦେଖିବା କପରି ? ସ୍କୁଲ ଅନ୍ତତଃ ପୋଡ଼ି ନପାରିଲେ ନଈରେ ଭସାଇ ଦେବା ।

ଗୋବର୍ଦ୍ଧନର ହବୁଥାଇ କିଛୁ ନଥିଲା । ସମସ୍ତେ ଥାଇ କେହି ନଥିଲେ । ନଦୀ ସ୍ରୋତର ଅନୁକୂଳ ତଟରେ ଭାସି ଚାଲିଲା ତାର ମୃତ ଦେହ ।

କାଳକ୍ରମେ ଦେଖାଗଲା ଗୋବର୍ଦ୍ଧନର ଯେଉଁ ଜମିଥିଲା ଗାଁ ଗୋରୁଙ୍କର ଆଡ୍‌ଡ଼ାସ୍ଥଳୀ, ସେ ହୋଇଛି କାହ୍ନୁ ମାଷ୍ଟ୍ରଙ୍କର ଶସ୍ୟ ଶ୍ୟାମଳବା ଧାନ କ୍ଷେତ । ଆଜି ଗୋବର୍ଦ୍ଧର ନୁଆଣିଆ ସ୍କୁଲଘର ବଦଳରେ ମୁଣ୍ଡ ଟେକିଛି ଏକ ଦ୍ୱିତଳ ବିଶିଷ୍ଟ ଅଟ୍ଟାଳିକା ଏବଂ ଲେଖା ହୋଇଛି— “ମାଷ୍ଟର କୁଟୀର”

—o—

Digitized by srujanika@gmail.com

ମୁଁ କାଠଗଡ଼ାରୁ କହୁଛି

ଶୋକାର୍ତ୍ତ ମଣିଷର ଶୁଷ୍କ ଗାଲ ଉପରେ ବହିଯାଉଥିବା ଲୁଣିଆ ଲୁହର ବହଳଧାର ପରି ସେଦିନ ଜେଲ କାରଣ୍ଡାର ସିମେଣ୍ଟ ନିର୍ମିତ ମସୃଣ କଠିନ ବକ୍ଷ ଉପରେ ଅଗଣିତ ଲୋକଙ୍କର ସୁଅ ଛୁଟିଥାଏ । ଜୀବନର ଚରମତମ ସତ୍ୟତା ଭିତରେ ନିଜକୁ ଭୁଲ ଠିକ୍‌ର ବହୁ ଊର୍ଦ୍ଧ୍ୱରେ ରଖି ମଣିଷ ସବୁବେଳେ ସାମାଜିକ ନ୍ୟାୟ ପାଇବାକୁ ଚାହେଁ । ସେଇ ନ୍ୟାୟନିଷ୍ଠା କେତେବେଳେ ମଣିଷକୁ ଧ୍ୱଂସ ମୁହଁକୁ ଟାଣିନିଏ ଅଥବା କେତେବେଳେ ସେ ପଥରୁ ଫେରାଇ ଆଣି ତାକୁ ନିଷ୍ପାପ ଏକ ସମାଜ ସୁବର୍ଣ୍ଣ ନିର୍ମୋକ ଭିତରେ ଆବଦ୍ଧ ରଖି ଜଣେ ସୁନାଗରିକର ପରିଚୟ ଦିଏ ।

ତଥାପି ମଣିଷ କେବେ କେବେ ଏ ନିର୍ମମ ସତ୍ୟତାକୁ ସହି ନପାରି ସ୍ୱର ଉତ୍ତୋଳନ କରିଥାଏ । କାରଣ ମଣିଷ ମନରେ ଥିବା ମଣିଷ ପ୍ରତି ସାମୟିକ ମମତା, ସାମାଜିକ ଶୃଙ୍ଖଳା, ହାର୍ଦ୍ଦିକ ସମ୍ବେଦନ ତାକୁ ମଣିଷ ଆଡ଼କୁ ଟାଣିନିଏ । ଫଳରେ ସେ ମଣିଷ ଠାରୁ ସାହାଯ୍ୟ ଚାହେଁ । ମଣିଷର ବାହ୍ୟରୂପ ତଳେ ତାର ପ୍ରକୃତ ସ୍ୱରୂପର ପ୍ରମାଣ ମିଳେ ।

କିନ୍ତୁ ସେତିକ ନପାଇଲେ ସେ ଆଉ ମଣିଷ ହୋଇ ରହିପାରେ ନାହିଁ ।

ସେ ଦିନ ଏମିତି ଗୋଟିଏ ଘଟଣା ଘଟିଥିଲା ଜଣେ ଅସହାୟ ମଣିଷର ଜୀବନରେ । "ନୂଆପାଟଣା" ଗାଁରେ କେତେ ଲୋକ ବା ନାହାନ୍ତି ? ଯୁଗ ଯୁଗର ସ୍ୱାକ୍ଷର ବହନ କରି ପୁରୁଷାନୁକ୍ରମରେ କେତେ ଲୋକ ଗରିବରୁ ଧନୀ ବା ଧନୀରୁ ଗରିବ ହୋଇ ବଞ୍ଚିଛନ୍ତି, କେହି ବା ମରି ହଜି ଗଲେଣି । ଏବକୁ ଦେଖିଲେ ସେ ଗାଁରେ କୋଠାବାଡ଼ି ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ନେଇ ବସବାସ କରିଥିବା ଲୋକମାନଙ୍କ ସଂଖ୍ୟା ହୁଏତ ମାତ୍ରାଧିକ ।

Digitized by srujanika@gmail.com

ତଥାପି ସର୍ବାଙ୍ଗ ସୁନ୍ଦର ଚନ୍ଦ୍ର ଦେହରେ କୃଷ୍ଣାସାରର ଅବସ୍ଥିତ ଯୋଗୁ କଳଙ୍କ କାଳିମା ରହିଲା ପରି, 'ନୂଆପାଟଣା' ଗାଁରେ କେବଳ ଗୋଟିଏ ରୋଗଗ୍ରସ୍ତ ପରିବାର ଦୁଃଖର ଦାବଦହନ ଭିତରେ କାଳ କାଟୁଥିଲା ।

ସେଥି ବ୍ୟାଧିଗ୍ରସ୍ତ ଦରିଦ୍ର ଦମ୍ପତିର ଶେଷ ସମ୍ବଳ, ପିତାମାତାଙ୍କର ଦାମ୍ପତ୍ୟ ଜୀବନର ସାର୍ଥକ ସୃଷ୍ଟି ଏକମାତ୍ର ସନ୍ତାନ-ଦୁର୍ଲ୍ଲଭ । ଯାହାର ଜୀବନ ଚକ୍ର ଘୂର୍ଣ୍ଣି କେଉଁ ପରିଧି ବିନ୍ଦୁ ଛାଡ଼ି ପେଣ୍ଡୁଟି ପରି ଇତସ୍ତତ ଭାବେ ଗତି କରିଚ୍ଛି ସିନା, ଲକ୍ଷ୍ୟକାମୀ ମାନବଙ୍କ ପରି ଜନକ ପାଇଁ ସାମାଜିକ ଆବେଷ୍ଟନୀକୁ ସ୍ପର୍ଶ କରି ପାରିନାହିଁ ।

ମଣିଷ ପକ୍ଷେ ନିଷ୍ଠୁର ଅଭିଜ୍ଞତା ଯେତେ ଦୁଃଖ, ଯେତେ ଦୈନ୍ୟ-ତାର ସ୍ୱର ଶୁଣାଇଲେ ବି ମଣିଷର ଅଜ୍ଞାତସାରରେ ସେ ସ୍ମୃତି ସବୁ ଆପଣାଛାଏଁ ବେଳେବେଳେ ବର୍ଷାଋତୁର ଇନ୍ଦ୍ରଧନୁ ପରି ଆଖି ଆଗରେ ନାଚିଉଠେ ।

ବାପ ମା' ମରିଗଲା ପରେ ଦୁର୍ଲ୍ଲଭ ଏକ ନିସଙ୍ଗ ନକ୍ଷତ୍ର ପରି ପରି-ବାରର ଏକାକୀ । ମା'ର ବାତ୍ସଲ୍ୟ, ବାପର ମମତା, ଭଉଣୀର ସହୃଦୟତା ସ୍ତ୍ରୀର ପ୍ରେମ, ତାପାଇଁ କୌଣସିର ମୂଲ୍ୟ ଥରକ ପାଇଁ ଅନୁଭବ କରି ନଥିଲା ।

ଦୁନିଆରେ ମଣିଷ ହୋଇ ବଞ୍ଚିବାର ମୂଲ୍ୟ ତାହେଲେ କ'ଣ ? କେଉଁଥି ପାଇଁ ବା ମଣିଷ ବଞ୍ଚିବ, କାହା ମୁହଁକୁ ଅନାଇ ସେ ତାର ତେଲ ଲୁଣର ସଂସାର ଭିତରେ ନିଜକୁ ଜଣେ ମଣିଷର ପରିଚୟ ଦେବ ?

ଦୁର୍ଲ୍ଲଭ ଜୀବନରେ ଏ ସବୁଥିଲା ଭଗବାନଙ୍କ ବିଡ଼ମ୍ବନା ।

ସେତେବେଳକୁ ତାର ବୟସ ମାତ୍ର ଷୋହଳ ବର୍ଷ । ମ୍ୟାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେବାର ଏକ ଅହେତୁକ ଆନନ୍ଦ ଭିତରେ ଯେତେବେଳେ ସେ ଆତ୍ମବିଭୋର, ଠିକ୍ ସେତିକିବେଳେ ଜୀବନରେ ଅକାଳ

Digitized by srujanika@gmail.com

ବଜ୍ରପାତ ହେଲା ପରେ ତାର ବାପ ମା' ଦୁହେଁ ଇହଲୀଳା ସମ୍ବରଣ କରି ଏ ପାର୍ଥିବ ଦୁନିଆର ସମସ୍ତ ମାୟା-ମମତାକୁ ଦୂରେଇ ଦେଇ ବିଦାୟ ନେଇଥିଲେ ।

ଦୁର୍ଲ୍ଲଭ ଏଣିକି ସମ୍ପୂର୍ଣ୍ଣଭାବେ ଏକାକୀ । ଏକାନ୍ତ ଅସହାୟ, ନିସ୍ୱ, ଆତ୍ମୀୟ ସ୍ୱଜନ, ଶତଭ୍ରାତାଙ୍କୁ ହରାଇ କୁରୁସମ୍ରାଟ ଦୁର୍ଯ୍ୟୋଧନ ପରି ଦୁର୍ଲ୍ଲଭ ସେଦିନ ସବୁ ଅଭିମାନ, ଆଶା ଆକାଂକ୍ଷାକୁ ଭବିଷ୍ୟତର ଅନ୍ଧକାରାଚ୍ଛନ୍ନ ଅସମତଳ ସମୟର ଅଗଣିତ ଖାଲ ଢିପର ପଛରେ ଗୋଟିଏ ମସ୍ତିଷ୍କ ବିକୃତ ଲକ୍ଷ୍ୟଶୂନ୍ୟ ମଣିଷ ପରି ପାଦ ବଢ଼ାଇଲା ଆଗକୁ । ଥରଟିଏ ପଛକୁ ଫେରି ଚାହିଁବାର ସମସ୍ତ ଆକର୍ଷଣ, ସମସ୍ତ ମୋହ ଯେମିତି ତା ମନର ଗୋଟିଏ କାଚ କଣ୍ଢେଇ ପରି ହାତରୁ ଖସି ପଡ଼ି ଭାଙ୍ଗି ଚୂରମାର ହୋଇଯାଇଥିଲା । ଫଳରେ ସେ ଚାଲିଥିଲା ଆଗକୁ – ଠିକ୍ ପଛରେ ପଶ୍ଚାଧାବନ କରୁଥିବା ଜାହ୍ନବୀଙ୍କଠାରେ ସତ୍ୟବଦ୍ଧ ଭଗିରଥ ପରି ସେ କେବଳ ଆଗକୁ ପାଦ ପକାଇ ଚାଲୁଥିଲା ।

ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନଥିବା ବଢ଼ନ୍ତା ନଦୀର ଗୋଳିଆ ସ୍ରୋତ ପଥହରା ହୋଇ କେବେକେବେ କ୍ଷେତ ପ୍ରାନ୍ତର, ବନ ପାହାଡ଼କୁ ମାଡ଼ି ଯାଉଥିବା ପରି ଦୁର୍ଲ୍ଲଭ ସେଦିନ ଅନେକ ତଥାକଥିତ ବଡ଼ ମଣିଷ, ବାବୁ ସାହେବଙ୍କ ଦ୍ୱାରସ୍ଥ ହୋଇଛି । ଆଶାୟୀ ମନ ତାର ସେମାନଙ୍କଠାରୁ ଚାହିଁଛି ପରାମର୍ଶ, ଚାହିଁଛି ସଦ୍‌ବୁଦ୍ଧି ଅନ୍ତତଃ ତା ସର୍ବଶୂନ୍ୟମୟ ଭବିଷ୍ୟତ ଜୀବନକୁ କିଛିଟା ସରସ ସୁନ୍ଦର କରି ଗଢିବାକୁ ।

କିନ୍ତୁ ଆଶା ତାର ହତାଶାରେ ପରିପୂର୍ଣ୍ଣ ଏକ ଘୂର୍ଣ୍ଣିବର୍ତ୍ତୀର ଆବର୍ତ୍ତନାରେ ପର୍ଯ୍ୟବସିତ ହୋଇଛି ସିନା, ଥରେ ହେଲେ ବି ମୃଦୁତରଙ୍ଗର ଅହେତୁକ ହିଲ୍ଲୋଳ ତା ଦେହ ମନକୁ ଟିକେ ଆଶ୍ୱସ୍ତ କରି ପାରିନାହିଁ ।

ରୌଦ୍ର ବୈଶାଖର ଏକ ଅକସ୍ମିକ ଝଡ଼ ପରି ସେଦିନ ସେ ପ୍ରଥମେ ସାକ୍ଷାତ କରିଥିଲା ସମାଜର ଜଣେ ପ୍ରଭାବଶାଳୀ ପୋଲିସ ଅଫିସର ଏସ୍. ପି. ସାହେବଙ୍କ । ସଂକ୍ଷିପ୍ତ ସମୟ ଭିତରେ ଦୁର୍ଲ୍ଲଭଠାରୁ ତାର ଦୈନତାର କାହାଣୀ ଶୁଣିବା ପରେ ଏସ୍. ପି. ସାହେବ କହିଥିଲେ, ବୁଝିଲ ଦୁର୍ଲ୍ଲଭ,

Digitized by srujanika@gmail.com

ଦେଶ ସ୍ୱାଧୀନ ହେବାପରେ ଭାରତ ବର୍ଷରେ ତୁମ ପରି କାଙ୍ଗାଳମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ସେଠି ସାହାଯ୍ୟ ସହାନୁଭୂତି ଥିଲେ ବି ତୁମମାନଙ୍କ ଭାଗ୍ୟର ପରିବର୍ତ୍ତନ ନାହିଁ। ପାରୁନ୍ତ ତ ଅନ୍ୟ କାହାର ସାହାଯ୍ୟ ନେଇପାର। ଦେଶ ଶାସନର କଠୋର କର୍ତ୍ତବ୍ୟ ଭିତରେ ତୁମ ମାନଙ୍କ କଥା ବୁଝିବାକୁ ମୋର ସମୟ ନାହିଁ।

ଏସ୍. ପି. ସାହେବ ଭିତରକୁ ଚାଲିଗଲା ପରେ ଯନ୍ତ୍ର ଚାଳିତ ମେସିନ୍ ପରି କବାଟ ଦୁଇଟି ଆପେ ଆପେ ବନ୍ଦ ହୋଇ ଯାଇଥିଲା।

ମହାଶୂନ୍ୟର ଏକ ହିଡହଜା ନକ୍ଷତ୍ର ପରି ଦୁର୍ଲ୍ଲଭ ହତାଶାର ଏକ ଦୀର୍ଘଶ୍ୱାସ ନେଇ ଫେରି ଆସିଥିଲା।

କ୍ଷୁଧାର ଉତ୍କଟ ଉତ୍ପୀଡ଼ନ, ଅବଶ ଦେହର ନିସ୍ତେଜ ପାଦ ଦୁଇଟାକୁ ଘୋଷାରି ଘୋଷାରି ସେ ଯାଇ ପୁଣି ପହଞ୍ଚିଲା ଜର୍ଜ ସାହେବଙ୍କ କୋଠି ସମ୍ମୁଖରେ। ବହୁ ଅନୁନୟ ବିନୟ ଭରା ଦୁଃଖ କାହାଣୀ ଶୁଣି ସମ୍ବେଦନଶୀଳ ଦରୱାନ ବାଟ ଛାଡ଼ିଦେଲା ଭିତରକୁ। ଜର୍ଜ୍ଜ ସାହେବଙ୍କ ଘରୋଇ ଦପ୍ତରରେ ଅନେକ ଓକିଲ ମହକିଲଙ୍କର ଭିଡ ଜମିଛି।

ଦୁର୍ଲ୍ଲଭ ଯାଇ ଠିଆହେଲା ବାରଣ୍ଡା ଉପରେ। ତାର ବହୁ ଅନୁନୟ ବିନୟ ସ୍ୱରରେ ବିତିଗଲା କିଛି ସମୟ।

ସମସ୍ତେ ଏ ଦୁନିଆରେ ନିଜ ନିଜର କର୍ତ୍ତବ୍ୟ ଭିତରେ ବ୍ୟସ୍ତ। କିଏ ବା କାହାର ଦୁଃଖ ଦୁର୍ଦ୍ଦଶା ଶୁଣିବାକୁ କାନ ଡେରିଛି? ପୁରୁଣା କାଗଜପତ୍ର ଓ ଆଲୋଚନା ପର୍ଯ୍ୟାଲୋଚନାରେ ଜର୍ଜ୍ଜ ସାହେବ ଖୁବ୍ ଉଦ୍‌ବ୍ୟସ୍ତ। ଅଧିକନ୍ତୁ ଘରେ ବସି ଖାଇଥିଲା ବେଳେ ଗଛ ଉପରେ ବସି କର୍କଶ କା' କା' ରବରେ ବିରକ୍ତ କରୁଥିବା କାଉଟି ପରି ଦୁର୍ଲ୍ଲଭର ଏ ଆକୁଳ ନିବେଦନ ଜର୍ଜ ସାହେବଙ୍କୁ ଖୁବ୍ ଅନାଶ୍ୱସ୍ତ କରି ଦେଉଥିଲା। ତେଣୁ ସେ ଜଣେ ଚାକରକୁ ଡାକି ତା ବେକରେ ଧକ୍କା ଦେଇ ଫାଟକ ବାହାର ଛାଡ଼ି ଦେଇ ଆସିବାକୁ କହିଲେ।

Digitized by srujanika@gmail.com

ବାସ୍ତବରେ ସମାଜର ଅବହେଳିତ, ଅପାଂକ୍ତେୟ ମଣିଷ ଏଇମାନେ । ନାଁ ଏମାନଙ୍କ ପ୍ରତି ଲୋକଙ୍କର ଅଛି ସମ୍ବେଦନ, ନାଁ ଏମାନେ ନିଜସ୍ୱ ମୂଲ୍ୟରେ ସମାଜରେ ଗୋଡ଼ ଭିଡ଼ ଠିଆ ହୋଇପାରନ୍ତି ?

ଅବଶ୍ୟ ଲୋକମାନେ ବେଳେବେଳେ ଏଇ ବାବୁ ହାକିମଙ୍କ କଥା କହି ଅନୁଗତ ମଣିଷକୁ କଳ୍ପନା କରି ପରାମର୍ଶ ଦେଇଥାନ୍ତି । ସେଇମାନଙ୍କ ସାହଚର୍ଯ୍ୟରେ ଜୀବନକୁ ଗଢ଼ି ତୋଳିବାକୁ ବିନା ଦ୍ୱିଧାରେ ମତ ବ୍ୟକ୍ତ କରିଥାନ୍ତି । ମଣିଷର ସରଳ ହୃଦୟରେ ସିନା ଏପରି ଆଶା ଆକାଂକ୍ଷା ହେଲେ ପ୍ରକୃତରେ ଅର୍ଥ ସର୍ବସ୍ୱ ଜୀବନ ଯାପନ କରୁଥିବା ବାବୁ ହାକିମଙ୍କ ଅସଲ ସ୍ୱରୂପ କେତେଜଣ ଜାଣିଥାନ୍ତି ।

ଦୁଲ୍ଲଭ ଏଣିକି ସର୍ବଶୂନ୍ୟର ପଦଯାତ୍ରୀଟିଏ । କୌଣସି କୂଳ କିନାରା, ଆଶା ଭରସା ନପାଇ ଶେଷରେ ଯାଇ ପହଞ୍ଚିଲା ସମ୍ବଳ ବିହୀନ ଗୋଟିଏ ବୃଦ୍ଧାଙ୍କ ଘରେ । କୌଣସି କଥା ପ୍ରତିକଥାକୁ ଅପେକ୍ଷା ନକରି ଦୁଲ୍ଲଭ ସେଦିନ କହିଥିଲା, ମାଉସୀ, ଆଜି ମୋତେ ମୁଠାଏ ଖାଇବାକୁ ଦେଇପାରିଲେ ତୋର ଆଗାମୀ ଦିନରେ ମୁଁ ତୋତେ ବଡ଼ ମଣିଷ କରିଦେବି । ତୋର କୌଣସି ଅଭାବ ରହିବନାହିଁ ।

ବୃଦ୍ଧା ପ୍ରଥମେ ଆଶ୍ଚର୍ଯ୍ୟ ହେଲେ । ପରେ ଶାଗମୁଗ ଘରେ ଯାହାଥିଲା ଆଣି ବାଢ଼ିଦେଲା ଦୁଲ୍ଲଭକୁ ।

ଦୁଲ୍ଲଭ ଆଶ୍ୱସ୍ତର ଏକ ଦୀର୍ଘଶ୍ୱାସରେ ତା ଜୀବନ ପାଇଁ ଶେଷ ସିଦ୍ଧାନ୍ତ ନେଲା ।

ସମୟର ଗତାନୁଗତିକ ପ୍ରବାହରେ ଦିନର ଅବସାନ ହେଲା । ଦିଗ୍‌ବଳୟର ଭୌଗଳିକ ସୀମାରେଖା ଡେଇଁ ଘନେଇ ଆସିଲା ରାତି ।

ଏଇ ରାତି ମଣିଷର ପଥ ପରିବର୍ତ୍ତନ କରିବାର ଏକ ସାଙ୍କେତିକ ସମୟ । କାହାକୁ କେତେବେଳେ କେଉଁ ରୂପରେ ପରିଚିତ କରାଏ ତାର କୌଣସି

Digitized by srujanika@gmail.com

ନିର୍ଦ୍ଦିଷ୍ଟ ନିୟମ ନଥାଏ । କଜ୍ଜ୍ୱଳ କୃଷ୍ଣ ଆବରକ ଆସ୍ତରଣ ତଳେ ସଦ୍ୟ ମଦ୍ୟପାନ କରୁଥିବା କେଉଁ ଏକ ଉଦ୍‌ଭ୍ରାନ୍ତ ଯୁବକ ପରି ସୃଷ୍ଟି ଯେତେବେଳେ ନିର୍ବେଦଗ୍ରସ୍ତ, ଠିକ୍ ସେତିକିବେଳେ ଦୁର୍ଲ୍ଲଭ ଅଶରୀରୀ କେଉଁ ଏକ ପ୍ରେତଭୂତ ପରି ଘରୁ ବାହାରି ସେଇ ଅନ୍ଧାର ଭିତରେ ମିଶି ଗଲା ।

ଅଚଞ୍ଚଳ ପାଦର ଅବଶ ଛନ୍ଦ ପତନରେ ସେ ସ୍ଖଳିଗଲା କେତ୍ଥି ବାଟ । ପାଞ୍ଚମନ ପଚାଶ ପ୍ରକୃତିର ଟଣା ଓଟରା ମଧ୍ୟରେ ସାମାଜିକ ବନ୍ଧ୍ୟା ବନ୍ଧନୀ ତା ଅବଚେତନ ମନକୁ କେତ୍ଥିଠା ସ୍ୱବାନ୍ତରିତ କରି ପକାଉ ଥିଲା ।

ତଥାପି ତାକୁ ଲକ୍ଷ୍ୟ ହାସଲ କରିବାକୁ ହେବ । ହେଉ ପଛେ ମାନବ ସଭ୍ୟତାରେସେ ଜଣେଅପାଂକ୍ତେୟ ମଣିଷ· ·ସମାଜର ଏକ ଅନାଦର୍ଶ ପାପଗ୍ରନ୍ଥ

ଏକ ଶୃଙ୍ଖଳିତ ସମାଜ ଗଠନ ପାଇଁ ଦେଶ ଜାତିର ପ୍ରଗତି ପଥରେ ଆଜିର ମଣିଷ ଯେତେ ବିସ୍ତୃତ ବକ୍ତୃତା ଦେଲେ ବି ପୁଣି ତ ଲୋକ ଲୋଚନର ଅଲକ୍ଷ୍ୟରେ ସେ ଗରିବର ଚର୍ଣ୍ଣଶିପି ଦୁର୍ମାଣ୍ଡ କରିବା ସାଙ୍ଗକୁ ଶୋଷଣ, ଧର୍ଷଣ, ନରହତ୍ୟା କରି ଭବିଷ୍ୟତ ବଂଶଧର ପାଇଁ ବିଷ ବୃକ୍ଷ ରୋପଣ କରି ଯାଉଛି । ଆଜିର ଆଦର୍ଶ କହିଲେ ଯାହା କେବଳ ଭାଷଣରେ ନ ହେଲେ ପୁସ୍ତକର ପୃଷ୍ଠାରେ ସୀମାବଦ୍ଧ । କାର୍ଯ୍ୟତଃ ଏ ସମାଜ ସଂପ୍ରତି ପାପ ଗ୍ରସ୍ତ । ଏହାର ମଣିଷ ବର୍ତ୍ତମାନ ଧୂଆଁ ମୂଳା ଅଧ ଧୂଆ ମୂଳାର ସମାନ-ତାକୁ ନେଇ ଗତିଶୀଳ ।

ରାତି ପାହି ନଥିଲେ ବି ପାହିବାର ଉପକ୍ରମଣିକା ଜଣାଇ ପୂର୍ବାକାଶରେ କୁଆଁ ତାରାର ସ୍ନିଗ୍ଧ ଚନ୍ଦ୍ରିକା ଫୁଟି ଉଠିଲାଣି ।

ଅବସର ଉତ୍ତରାର୍ଦ୍ଧରେ ଶ୍ରମକ୍ଲିଷ୍ଟ ଏକ ଶ୍ରମଜୀବୀ ପରି ଦୁର୍ଲ୍ଲଭ ସେଦିନ ସେଇ ପାହାନ୍ତି ରାତିରେ ଫେରି ଆସି ଶୋଇପାଇଥିଲା ବୁଢ଼ାଙ୍କ ଘରେ । ରାତି ପାହି ସକାଳ ହେବା ପରେ ବୁଢ଼ାଙ୍କ ଡାକରେ ବିଛଣାରୁ ଉଠି ଦୁର୍ଲ୍ଲଭ ତାଙ୍କ ହାତକୁ ବଢ଼ାଇ ଦେଇଥିଲା-ଶହ ଶହ-ହଜାର ହଜାର ଟଙ୍କା ।

ତଟସ୍ଥ ଦୁଇ ଚକିତ ଚାହାଣୀରେ କ୍ଷଣ କାଳ ଅନେଇ ରହିଥିଲେ । ବୁଢ଼ା ।

Digitized by srujanika@gmail.com

ଦୁର୍ଲ୍ଲଭ ସେଦିନ କହିଥିଲା, ମାଉସୀ, ଏଇତ ଆରମ୍ଭ ମାତ୍ର । ଏଣିକି ଦେଖିବୁ, ତୋର କୌଣସି ଅଭାବ ରହିବ ନାହିଁ । ଆଜି ଯେଉଁମାନେ ଏ ସମାଜର ବଡ଼ପଣ୍ଡା, ସାଙ୍ଗ ମଣିଷକୁ ଭାଲୁ ପରି ଲୁଟି ତାର ସର୍ବସ୍ୱ ଲୁଣ୍ଠନ କରୁଛନ୍ତି, ସେଇ ମାନଙ୍କ ରକ୍ତରେ ସ୍ନାନକରି ସେମାନଙ୍କ ସମସ୍ତ ସ୍ୱଚ୍ଛଳତାକୁ ଅପହରଣ କରିବ । ତୋର ଆବଶ୍ୟକତା ମେଣ୍ଟିଗଲା ପରେ ସେଇ ଲବ୍‌ଧ ଧନକୁ ସବୁ ତୁ ଏ ସମାଜର ନିରନ୍ନ ଅବହେଳିତ ମଣିଷକୁ ବାଣ୍ଟି ଦେଉ, ମୋର କୌଣସି ଆପତ୍ତି ନାହିଁ ।

—ତୁ ତାହେଲେ ଲୋଖ କରିଛୁ ପୁଅ ?

—ଗୁପ୍ତ ରଖିବୁ ମା' । କଥାଟା ପ୍ରକାଶ ପାଇଗଲେ ମୋର ଲକ୍ଷ୍ୟ ହୁଏତ ପୂରଣ ହୋଇ ପାରିବ ନାହିଁ ।

ବୁଢ଼ୀଙ୍କ ଶୁଷ୍କ ଆଖି ଦୁଇଟା କେଇ ବିନ୍ଦୁ ଲୁହର ଆର୍ଦ୍ରତାରେ ଚାଖିଣିଆ ହୋଇ ଉଠିଲା ।

ଦୁର୍ଲ୍ଲଭ କହିଲା, ଏଇ ସାମାନ୍ୟ କଥାରେ ତୁ କାନ୍ଦୁଛୁ ମା' ! ତୁ କ'ଣ ଚିହ୍ନିଛୁ ଏ ସମାଜର ବଡ଼ପଣ୍ଡାମାନଙ୍କୁ ? ଜାଣିଛୁ କ'ଣ ସେମାନଙ୍କର ଭଦ୍ର ମୁଖାତଳେ ଲୁଚି ରହିଛି କେତେ ନିର୍ମମତା, କେତେ ପାଶବିକତା ? ଅପେକ୍ଷା କର ମା, ମୁଁ ତତେ ସେମାନଙ୍କୁ ଚିହ୍ନେଇ ଦେବି ।

ଏହାପର ମାଷ୍ଟପ୍ରତ ।

ଦୁର୍ଲ୍ଲଭ ବର୍ତ୍ତମାନ ଜଣେ କୁଖ୍ୟାତ ଡକାୟତ । ପ୍ରତି ରାତିରେ ସେ ସମାଜର ତଥା କଥିତ ଧନୀମାନଙ୍କ ଘରୁ ମୋଟା ଅଙ୍କର ଅର୍ଥ ଅବ-ଲୁଣ୍ଠନ କରି ଆଣି ବୁଢ଼ୀଙ୍କ ହାତରେ ଧରାଇଦିଏ । ଏଇଥିରୁ ସେ ହୁଏତ ତା ଜୀବନ ଧାରଣ କରିବାର ସାମର୍ଥ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ସେଇ ବାବୁ ହାକିମମାନଙ୍କ ଠାରୁ ପ୍ରତିଶୋଧ ଆଦାୟ କରିନିଏ ।

ଦୁର୍ଲ୍ଲଭ ସେଦିନଠାରୁ ସମାଜର ଆତଙ୍କ । କେତେ ଲୋକଙ୍କ କେତେ ଗୃହ ଶୂନ୍ୟ କରି ସେ ତାର ସମସ୍ତ ଧନ ଅପହରଣ କରି ଆଣିଛି । କେତେକଙ୍କୁ

Digitized by srujanika@gmail.com

ମଧ୍ୟ ନିସ୍ୱ ଅସହାୟ କରି ଦାଣ୍ଡରେ ଉନ୍ମୁକ୍ତ କରି ଠିଆ କରାଇଛନ୍ତି ତାର ହିସାବ ହୁଏତ ତା'ର ପାଖରେ ବି ସୀମିତ । ମଣିଷ ହୃଦୟର ଜ୍ୟୋତିଷ୍ମାନ ହୋଇ ତାର ଶାଣ ଦୃଷ୍ଟି ଯେ ତଥା କଥିତ ସମାଜର କେତେ ବାବୁ ସାହେବଙ୍କ ଉପରେ ପଡ଼ି ସେମାନଙ୍କୁ ସର୍ବସ୍ୱାନ୍ତ କରିଛି, ତାର ଆଉ ଅନ୍ତ ନାହିଁ ।

ମଣିଷର ଦିନଗୁଡ଼ାକ ସବୁ ଦିନେ ସମାନ ଯାଏନା । ପାର୍ବତ୍ୟ ଉପତ୍ୟକାରୁ ଡେଇଁ ପଡ଼ି ସଦ୍ୟ ସୃଷ୍ଟି ଗିରି ଝରଣାଟି ବେଳେବେଳେ ନଦୀ ଧାରକୁ ନବଢ଼ି ଅରଣ୍ୟ ପଥରେ ଲକ୍ଷ୍ୟହୀନ ଭାବରେ ବହିଗଲା ପରି ସେଦିନ ଦୁର୍ଲ୍ଲଭ ଲୁଣ୍ଠନର କରାଳ ମୂର୍ତ୍ତି ଧରି ଯାଇ ପହଞ୍ଚିଲା ସହରର ପ୍ରତିଷ୍ଠିତ ପ୍ରଭାବଶାଳୀ ପୋଲିସ ଇନ୍‌ସପେକ୍ଟରଙ୍କ ବାସ ଭବନରେ । ରାତି ଯେତେବେଳେ ନିଷ୍ଠୁର ଏକ ଶିଶୁ ସନ୍ତାନ ପରି ନିସ୍ତବ୍ଧ ଶୋଇ ଶୋଇ ଆସୁଥିଲା, ଠିକ୍ ସେତିକବେଳେ ଦୁର୍ଲ୍ଲଭ ଘରର ଛାତ ଡେଇଁ ପ୍ରବେଶ କଲା ଭିତରକୁ ।

ପରିବାରର ପ୍ରତ୍ୟେକ ଲୋକ ନିର୍ଘୋଡ଼ ନିଦରେ ଶୋଇ ଯାଇଥିଲେ ବି ଇନ୍‌ସ୍‌ପେକ୍ଟରଙ୍କ ପୁଅ ତା ପଢ଼ାଘରେ ବସି ପଢ଼ୁଥିଲା । ଦୁର୍ଲ୍ଲଭ ପ୍ରଥମେ ସେଇ ଘରକୁ ପ୍ରବେଶ କଲା । ମାତ୍ର ପଦେ ଦୁଇପଦ କଥା କହୁ ନ କହୁଣୁ ଚିତ୍କାର କରି ଉଠିଲା ଇନ୍‌ସ୍‌ପେକ୍ଟରଙ୍କ ପୁଅ । ଦୁର୍ଲ୍ଲଭ କ୍ଷଣେ ମାତ୍ର ଅପେକ୍ଷା ନକରି ତାର ନିର୍ମମ ଶିଭଲିଭରର ଦୁଇ ଖଣ୍ଡ ଗୁଳିରେ ତାକୁ ଚଟାଣ ଉପରେ ରକ୍ତାକ୍ତ ଅବସ୍ଥାରେ ଶୁଆଇ ଦେଲା । ମାତ୍ର ପଛକୁ ଫେରି ଆସିବାର ସମସ୍ତ ସାମର୍ଥ୍ୟ ସେ ଯେମିତି ହରାଇ ବସିଥିଲା ସେତେବେଳକୁ । ଠିକ୍ ଚକ୍ରବ୍ୟୂହ ଭେଦ କରି ପାରିବା ପରେ ପଛକୁ ଫେରିବାର କୌଶଳ ଜାଣିନଥିବା ଅଭିମନ୍ୟୁ ପରି ସେଦିନ ସେ ବାଧ୍ୟ ହୋଇ ଧରା ଦେଇଥିଲା ପୋଲିସ ସାହେବଙ୍କ ପାଖରେ ।

ତା ପରଦିନ ପ୍ରାଚୀର ପତ୍ର ଠାରୁ ସମ୍ବାଦ ପତ୍ର ପର୍ଯ୍ୟନ୍ତ ବଡ଼ ବଡ଼ ଅକ୍ଷରରେ ଫଟୋ ସହ ପ୍ରକାଶ ପାଇଲା "ଦେଶର କୁଖ୍ୟାତ ଡକାୟତ ଦୁର୍ଲ୍ଲଭ ସିଂ ଧରାପଡ଼ି ବର୍ତ୍ତମାନ ପୋଲିସ୍ ହାଜତରେ" ।

Digitized by srujanika@gmail.com

କଥାଟ ଜାନକୁ ଜାନ ଡେଇଁ ଗ୍ରାମଆଡ଼େ ଅଣକୁତୁଡ଼ ପରି ବ୍ୟାପୀ ଗଲା । ସରକାରଙ୍କ ଘୋଷଣାନୁସାରେ ପୋଲିସ ମହୋଦୟଙ୍କର ପଦୋନ୍ନତି ମଧ୍ୟ ହେଲା ।

ଦୁର୍ଲ୍ଲଭ ସବୁଦିନ ପରି ସେଦିନ ଆଉ ବୁଢ଼ାଙ୍କ ଘରକୁ ଫେରିଯାଇନଥିଲା । ବୁଢ଼ା ତେଣୁ ଖୁବ୍ ଦୁଃଖିତା ହୋଇ ପଡ଼ିଥିଲେ ।

ସେହି ଦିନଠାରୁ ଆଜଯାଏ ଦୀର୍ଘ ତିନିବର୍ଷ ଧରି ଦୁର୍ଲ୍ଲଭ ଜେଲ୍ ହାଜତରେ ରହି ତାର କେଶ୍ ବିଚାରାଧୀନ ଥିଲା । ଆଜି ତାର ରାୟ ପ୍ରକାଶ ପାଇବ । ତେଣୁ ଜେଲ ବାରଣ୍ଡାରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ଲୋକାରଣ୍ୟରେ ଫାଟି ପଡ଼ୁଛି । ସମସ୍ତେ ଯେମିତି ଉଦ୍‌ବିଗ୍ନ ହୋଇ ଅନାଇ ରହିଛନ୍ତି ସେତିକ ଶୁଣିବା ପାଇଁ । କେହି ସମବେଦନାରେ ଶୋକାପ୍ଲୁତ ହୋଇପଡ଼ୁଛନ୍ତି ତ କିଏ ପୁଣି କହୁଛି; ନରହତ୍ୟା ଅପରାଧିକୁ ଅତନ୍ତ ଭୟଙ୍କର ବାଘ ମୁହଁରେ ଦେବା ଉଚିତ ।

ଠନ୍......ଠନ୍......ଠନ୍......ଗୋଟିଏ ପରେ ଗୋଟିଏ ଏମିତି ଜେଲ ଘଣ୍ଟାରେ ବାଜି ଉଠିଲା ବାରଟା ।

ବାରଣ୍ଡାରେ ଭୁଞ୍ଜୀଭୂତ ଅନ୍ୟମନସ୍କ ଜନତାଙ୍କ ଭିତରେ ଯେମିତି ଏକ ଅବଦମିତ ଏକାଗ୍ରତା ଭରିଗଲା । ସମସ୍ତଙ୍କ ଉତ୍ସୃଷ୍ଟ ଆଖି ସବୁ ଲମ୍ବିଗଲା କ୍ଷଣକ ପାଇଁ କାଠଗଡ଼ା ଭିତରେ ଏକ ନିର୍ଜିବ ପଥର ମୂର୍ତ୍ତି ପରି ଠିଆ ହୋଇ ରହିଥିବା ଦୀର୍ଘ ଶ୍ମଶ୍ରୁମଣ୍ଡିତ ଦୁର୍ଲ୍ଲଭ ଉପରକୁ ।

ହଠାତ୍ ଏଇ ସମୟରେ ଜେଲ ଦପ୍ତରର ଜଣେ ମୁରବି ଓକିଲ ଜଜ ସାହେବଙ୍କ ଲିଖିତ ରାୟକୁ ପଢ଼ି ଶୁଣାଇ ଦେଲେ......ସେଥିରେ ଲେଖାଥିଲା, ଭାରତର ଦଣ୍ଡବିଧି ଆଇନ ଅନୁସାରେ ଆସାମୀ ଦୁର୍ଲ୍ଲଭ ସିଂହ ଜଣେ କୁଖ୍ୟାତ ଡକାୟତ ଏବଂ ଏକାଧିକ ନରହତ୍ୟା ଅପରାଧ କରିଥିବାରୁ ତାଙ୍କୁ ଫାଶୀ ଆଦେଶ ଦିଆଗଲା ।

Digitized by srujanika@gmail.com

ରୁଣ୍ଡ ହୋଇଥିବା ଲୋକମାନଙ୍କ ମଧ୍ୟରେ ଏକ ଶୃଙ୍ଖଳ୍ୟ ଖେଳଗଲା । ସତେ ଯେମିତି । ଗଣତନ୍ତ୍ର ଯୁଗର ଜାଗରୁକ ଜନମତରେ ଯଥାକ୍ରମେ କାହାର କରତାଳରେ ଗଗନ ପବନ ତରଙ୍ଗାୟିତ ହୋଇ ଉଠିଲା ତ କେହି ଅବା ଆଖି ବୁଜ ତଳକୁ ମୁହଁ କରି ଦଣ୍ଡେ ଠିଆ ହୋଇଗଲା ।

ଇତ୍ୟବସରେ ଜେଲର ଦୁର୍ଲ୍ଲଭ ନିକଟକୁ ଆଗେଇ ଯାଇ କହିଲେ, ଶୁଣ ଦୁର୍ଲ୍ଲଭ ସିଂହ, ଆଜ ଦିନ ଛଅଟା ପଇଁତିରିଶ ମିନଟ୍‌ରେ ତୁମେ ଫାଶୀ ଖୁଣ୍ଟକୁ ଯିବ । ତା ପୂର୍ବରୁ ତୁମର ଆଶା ଆକାଂକ୍ଷା ଯାହା ଅଛି ପ୍ରକାଶ କର ।

ସେତେବେଳକୁ ଲୋକ ଭିଡ଼ କମିନଥାଏ । ଅଧିକନ୍ତୁ ସେଠାରେ ସବୁ ପୋଲିସ ଅଫିସର ଠାରୁ ଆରମ୍ଭ କରି ଜଜ ସାହେବଙ୍କ ପର୍ଯ୍ୟନ୍ତ ସମସ୍ତେ ଛୁଣ୍ଡୀଭୂତ ହୋଇ ସାରି ଥିଲେ ।

ଦୁର୍ଲ୍ଲଭ ପ୍ରଥମେ ଗୋଟିଏ ଦୀର୍ଘଶ୍ୱାସ ନେଲା । ତାପରେ ଗମ୍ଭୀର କଣ୍ଠରେ କହିଲା, ଆପଣଙ୍କ ରାୟ ଶୁଣାଣି ଉପରେ ମୁଁ ଏକମତ । ମୋର ମଧ୍ୟ କୌଣସି ଆଶା ଆକାଂକ୍ଷା ନାହିଁ । ତଥାପି ଫାଶି ଖୁଣ୍ଟକୁ ଯିବା ପୂର୍ବରୁ ଏତିକି କହୁଛି, ଡକାୟତ ଆପଣମାନେ, ହତ୍ୟାକାରୀ ଆପଣମାନେ । ଚୋରି ଡକାୟତି ହୀନ କର୍ମ ହେଲେ ହେଁ ମଣିଷ ବେଳେବେଳେ ପେଟର ଭୋକକୁ ସହିନପାରି, ଦୁନଆର ଦାଉକୁ ସହି ନପାରି ଚୋରି କରେ । ମୁଁ ସେଦିନ ପେଟ ଲାଗି ପାଇଁ ଦ୍ୱାର ଦ୍ୱାର ହୋଇ ବୁଲିଥିଲି ଏଇ ଆପଣଙ୍କ ପରି ବାବୁ ସାହେବଙ୍କ ପାଖରେ, ସେଦିନ କେହି ଶୁଣିଛ ମୋ ଅନ୍ତରର ଗୁହାରି ? ବେକରେ ଧକ୍କାମାରି ତଡ଼ି ଦେଲ । ଫଳରେ ମୋ ପେଟ ପାଇଁ ମୁଁ ଚୋରି କଲି, ନରହତ୍ୟା ମଧ୍ୟ କଲି ।

କିନ୍ତୁ ଆପଣମାନେ, ଯେଉଁମାନେ ପାଠ ପଢ଼ି ସାର୍ଟିଫିକେଟ ଧରି ଭଦ୍ର ତାର ପୋଷାକ ପିନ୍ଧି ବାବୁଗିରି କରି ଶହ ଶହ ଦରିଦ୍ର, ନିରୀହ ଜନତାର ତଣ୍ଟି ଚିପି, ଅଣ୍ଟି ଝାଡ଼ି ଦେଉଛ, କେତେ ନିଷ୍ପାପ ପ୍ରାଣ ଅବଳାଙ୍କର ଇଜ୍ଜତ ଅପହରଣ କରି, ସସ୍ତା କଉଡ଼ିର ବୁଦା ଉହାଡରେ ଫିଙ୍ଗି

Digitized by srujanika@gmail.com

ଦେଇଯାଉଛ, ଏସବୁ କ'ଣ ଆପଣମାନଙ୍କର ସ୍ନେହ ନୁହେଁ, ନରହତ୍ୟା ନୁହେଁ ?

ଆଉ ଆପଣ ମଧ୍ୟ ଶୁଣନ୍ତୁ ଇନ୍‌ସପେକ୍‌ଟର ସାହେବ, ଆଜି ମୋତେ ଧରି ପାରି ଥିବାରୁ ପ୍ରମୋଶନ ପାଇଛନ୍ତି । କିନ୍ତୁ ମନେ ଅଛି ସେଦିନର କଥା ? ଯେଉଁ ଦିନ ମୋତେ ଧରି ଆଣି ସତର ନମ୍ବର ଓ୍ୱାର୍ଡରେ ରଖିଲେ ଠିକ୍ ତାର ଚାରି ମାସ ପରେ । ଆପଣଙ୍କ ଝିଅ ବାହାଘରର ମହାଡମ୍ବର ଭିତରେ ସେଦିନର ଘଣ୍ଟା ସାରା ସହରରେ ଯେମିତି ଅନ୍ୟତ୍ର କେଉଁଠି ଆତ୍ମଗୋପନ କରିଥିବା ପରି ଜଣାପଡ଼ୁଥାଏ । ରାତି ସେତେବେଳକୁ ବାରଟା ଉପରେ । ଆପଣ ନିଜେ ଅପ୍ରତ୍ୟାଶିତ ଭାବରେ ଧାଇଁ ଆସି ଖୁବ୍ ସନ୍ତର୍ପଣରେ ମୋ ଓ୍ୱାର୍ଡରେ ସେ ଦୁଇ ଲୌହ କବାଟ ଖୋଲିଥିଲେ । ଆଉ କହିଥିଲେ ରାତି ପାହିବା ପୂର୍ବରୁ ମୋର ତିରିଶ ହଜାର ଟଙ୍କା ଦରକାର । ସେତକ ଆଣି ଦେଇ ପାରିଲେ ମୁଁ ତୁମକୁ ଖଲାସ କରିଦେବି । ମନେ ପଡୁଛି ଇନ୍‌ସପେକ୍‌ଟର ସାହେବ । ଜୀବନ ପ୍ରତି ସାମାନ୍ୟ ତମ ମମତା ଥିଲା ବୋଲି ମୁଁ ସେଇ ରାତିରେ ଝଡ଼ ପରି ଧାଇଁ ଯାଇ ଯେମିତି ଟଙ୍କା ଆଣି ଆପଣ ହାତକୁ ବଢାଇ ଦେଇଥିଲି ତାହାଥିଲା ଆପଣଙ୍କ ଆବଶ୍ୟକତାଠାରୁ ଯଥେଷ୍ଟ ବେଶୀ । ପୁଣି ରାତି ପାହିବା ବେଳକୁ ସୁନା ପିଲାଟି ପରି ମୁଁ ଜେଲର ଚାରିକାନ୍ଥ ମଧ୍ୟରେ ବନ୍ଦୀ । କେହି ଏକଥା ଜାଣିଲେ ନାହିଁ । ଅଥଚ ଆପଣଙ୍କ ଝିଅକୁ ମୋଟା ଅଙ୍କର ଉପଢୌକନ ଦେଇ ବିଦାୟ ଦେଲେ, ସାମାଜିକ ସ୍ତରରେ ଜଣେ ଯୋଗ୍ୟ ପିତାର ପରିଚୟ ଦେଇ ।

ମୁଁ ଆଜି ଫାଶୀ ଖୁଣ୍ଟକୁ ଯାଉଛି । ହେଲେ କୁହନ୍ତୁ ଇନ୍‌ସପେକ୍‌ଟର ସାହେବ, ସେଦିନ ମୁଁ ଚେଷ୍ଟା କରିଥିଲି କ'ଣ ମୋ ପାଇଁ ? ସେ ଚେଷ୍ଟାଟା କ'ଣ ଆପଣଙ୍କର ନୁହେଁ ? ଆପଣ କ'ଣ ସ୍ନେହର ନୁହଁନ୍ତି ? ସେ ଫାଶୀଖୁଣ୍ଟଟା କ'ଣ ଆପଣଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ?

ଆବେଗ କଂପିତ ଦୁଇ ଓଷ୍ଠାଧାରରୁ ଆଷାଢ଼ୀ ବର୍ଷା ପରି ବାକ୍ୟ ବାଣ ବର୍ଷଣ କରି ଚାଲିଥିଲା ଦୁଲ୍ଲଭ ।

Digitized by srujanika@gmail.com

ରୁଣ୍ଡୀଭୂତ ଲୋକଙ୍କର ହାସ୍ୟରୋଳ ଓ ଲହରସ୍ପୃତ କରତାଳିରେ ସେଠାକାର ପରିବେଶଟା ଯେମିତି କ୍ଷଣକ ପାଇଁ ଜୀବନ୍ତ ହୋଇ ଉଠୁଥିଲା ।

ନିର୍ଦ୍ଦିଷ୍ଟ ସମୟରେ ଅବ୍ୟବହିତ ପୂର୍ବରୁ ଜେଲର ଦୁଲ୍ଲଭର ହାତ ଧରି ଫାଶିଖୁଣ୍ଟ ଆଡକୁ ନେଇଯାଉଥିଲା ।

—୦—

ଶାମୁକା ଆଖିରେ ଲୁହ

ଠିକ୍ ନୂଆ ବୋହୂଟିଏ ହୋଇ ଶାଶୁ ଘରକୁ ଆସୁଥିବା ଅନଭିଜ୍ଞା କେଉଁ ପଲ୍ଲୀ କିଶୋରୀଟି ପରି ସନ୍ଧ୍ୟା ସେଦିନ ଧୀର ମନ୍ଥର ପଦ ପାତରେ ପୃଥିବୀ ପୃଷ୍ଠକୁ ଓହ୍ଲାଇ ଆସୁଥିଲା ସବୁଦିନ ପରି । ମାତ୍ର ଅକାଳ ଝଞ୍ଜାରେ ଝରି ପଡ଼ିଥିବା ଫୁଲ ପାଖୁଡ଼ାର ପରାଗରେଣୁ ପରି ସେଦିନର ସେ ଆସନ୍ନ ସନ୍ଧ୍ୟାର ତନୁ ବଲ୍ଲରୀରେ ନଥିଲା ରୋମାଞ୍ଚ, ନଥିଲା ଅନୁରାଗ, ନଥିଲା ମଧ୍ୟ ଶିହରଣ । ଥିଲା କେବଳ ଯୁଗ ଯୁଗର ବେଦନା ବିଧୌତ ଅଶ୍ରୁ । ଯାହା ନିଶିଗନ୍ଧାର ନୀଳ ନୟନରେ ଦୁଇ ଆଖିପତାକୁ ଓଦା କରି ଝରି ପଡୁଥିଲା ମାର୍ବଲ ମସୃଣ ଗୋରା ଗାଲରୁ ବକ୍ଷବାସ ପର୍ଯ୍ୟନ୍ତ । ଆକାଶର ଖଣ୍ଡିଏ ଆଷାଢ଼ୀ ବର୍ଷା ସତେ ଯେମିତି ତାରି ଅଞ୍ଚଳରେ ଆଶ୍ରୟ ନେଇଛି ତା ଦୁଇ ଆଖିର ଆଡୁଆଳରେ ।

ବାରଣ୍ଡାରେ ନେଣ୍ଟ ପିଞ୍ଜରୀର ଖଣ୍ଡିକାଣ ଶୁଭୁଛି । ଏଇ ଆଡ଼କୁ ଆସୁଛି ବୋଧହୁଏ ।

ନିଶିଗନ୍ଧା ଖୁବ୍ ସନ୍ତର୍ପଣରେ ଆଖିରୁ ଲୁହ ପୋଛି ସ୍ୱଚ୍ଛ ଦର୍ପଣରେ ସମ୍ମୁଖରେ ନିଜର ପ୍ରସାଧାନ ପୂର୍ଣ୍ଣ ଅଙ୍ଗସୁଷମାକୁ ଆଉ ଥରେ ଦେଖି ନେଉଥିଲା । ଦର୍ପଣରେ ପ୍ରତିବିମ୍ବିତ ହୋଇଥିବା ଉଦାସ ଗମ୍ଭୀର ମୁଖମଣ୍ଡଳରେ ଭରି ରହିଥିଲା କାଗଜ ଫୁଲର କୃତ୍ରିମତା ନଥିଲା କିନ୍ତୁ ସଜ ଫୁଟନ୍ତା କେଉଁ ଗୋଲାପର ପ୍ରାକୃତିକ ଶିରୀ-ସମ୍ଭାର ।

ନାରୀ ଜୀବନରେ ଏମିତି ଏକ ସମୟ ଆସେ, ଯେଉଁଥିରେ କି ସନ୍ଧ୍ୟା ହେଲେ ନବୋଢ଼ା ତୁଳସୀ ଚଉଁରା ପାଖରେ ସଞ୍ଜସଳିତା ଜାଳି ସ୍ୱାମୀକୁ ପ୍ରତୀକ୍ଷା କରି ବସେ । ଆବଦ୍ଧ ଅନ୍ଧାର କେଉଁ ନିଭୃତ କକ୍ଷର ଗୃହକାନ୍ତ ମଧ୍ୟରେ ଆଉ ଗୋଟିଏ ଦେହର ସମଶୀତୋଷ୍ଣ ସ୍ପର୍ଶ ପାଇ ତା ମନ ଆବେଗ ଚଞ୍ଚଳ ହୋଇଉଠେ । ଆଜି ସେ ମନର ମଣିଷଟିକୁ ପାଖରେ ପାଇ ମିଳନର ମହା ନାଟକରେ ମୁଖ୍ୟ ନାୟିକା ସାଜିବାରେ ସେ ପାଏ ଜୀବନର ସାର୍ଥକତା ।

Digitized by srujanika@gmail.com

ମାନ ଆଜ ! କାହା ପାଇଁ ଆଜ ନିଶିଗନ୍ଧାର ଏ ପ୍ରତୀକ୍ଷା ! କାହା ପାଇଁ ତାର ଏ ଅଙ୍ଗସଜା ! ! ! ଆଜ ଯଦି ସେ ବଞ୍ଚିଥାନ୍ତେ ··· ··· ବେଗବତୀ ଏକ ଗିରିଝରଣାଟି ପରି ନିଶିଗନ୍ଧାର ପାଣିଚିଆ ଆଖିରୁ ତଥାପି ଲୁହ ଗୁଡ଼ାକ ଝରି ପଡ଼ୁଥିଲା ।

ନିଶିଗନ୍ଧାର ଅଜାଣତରେ ସେତିକବେଳେ ଘର ଭିତରକୁ ପଶି ଆସିଲା ନେଣ୍ଟପିଉସୀ । ଗୋଟିଏ ମୃତ ଶାମୁକାର ଅର୍ଦ୍ଧାଂଶ ପରି ତାର ଦୁଇ ଆପ୍ଲୁତ ଚକ୍ଷୁରେ ସତେ ଯେମିତି ଯୁଗଯୁଗର ଭର୍ତ୍ସନା ଭରି ରହିଥିଲା । ସେଥିରୁ ମୁକ୍ତି ପାଇବା ପାଇଁ ନିଶିଗନ୍ଧା ରାବଣର ଖଡ୍‌ଗାଘାତରେ ପଙ୍ଗୁ ଜଟାୟୁ ପରି ନିରୁପାୟ ହୋଇ କେବଳ ନେଣ୍ଟପିଉସୀର କଥାଗୁଡ଼ାକୁ ଶୁଣି ଯାଉଥିଲା ।

ନେଣ୍ଟପିଉସୀ କହି ଚାଲିଥିଲା, ତୁ ଅଲକ୍ଷଣୀ ଘରେ ପାଦ ଦେଉ ନ ଦେଉଣୁ ମୋର ଚାନ୍ଦଉଦିଆ, ନୟନମଣିକୁ ତୋ ଆଖିର ଆନନ୍ଦରେ ଜାଳି ଭସ୍ମ କରିଦେଲୁ । କେତେ ଶରଧାରେ ବାପ ମା' ତାର ନାଁ ଦେଇଥିଲେ ନିଶିକାନ୍ତ । କିନ୍ତୁ ହେଲା କ'ଣ ? ତାର ଏ ଅକାଳ ମୃତ୍ୟୁକୁ ନ ଦେଖିବା ପାଇଁ ସେମାନେ ଛାଡ଼ି ଚାଲିଗଲେ ମୋ'ର କୋଳରେ ସମର୍ପି ଦେଇ । ତୋର ଏ ଆଖି ଯୋଡ଼ାକ ପୋଟଳଚିରା ପରି ଟଣାଟଣା ହୋଇ ଥିବାରୁ ତୁ ଭାରି ସୁନ୍ଦର ଦେଖା ଯାଉଥିଲୁ । ସେଇଥିପାଇଁ ବାହା ବଜାରରେ ତୋର ଭାଉ ବହୁତ ବଢ଼ି ଯାଇଥିଲା । ବରପକ୍ଷର କେତେ ମଧ୍ୟସ୍ଥି ଆସି ତୋ ବାପକୁ କୁଆଡେ ଅନୁରୋଧ ଜଣାଉ ଥିଲେ । ମୁଁ ସତ୍ୟାନାଶୀ କିଛି ନବୁଝି ନଜାଣି ବିନା ଯୌତୁକରେ ତତେ ବୋହୁକରି ଆଣିଲି ଯେ, ବର୍ଷେ ନ ପୁରୁଣୁ ପୁଅଟାକୁ ବି ତରି ସହିଲନି । ଶେଷରେ କେଉଁଠୁ ନାହିଁ ନଥିବା ବଢ଼ି ଆସିଲା, ଯେଉଁ ଦୁଇମାଣ ଜମିଥିଲା ସେ ବି ବାଲିଚର ହୋଇଗଲା । ଖାଲି ଦିନରାତି କାନ୍ଦିଲେ ତ ଦୁଃଖ ଘୁଞ୍ଚିଯିବନି । ସେଥିପାଇଁ ପ୍ରତିକାର ଦରକାର । ମୁଁ କେତେଥର କହିଲଣି ତୁ ଚାହିଁଲେ ଏଥିପାଇଁ କିଛି ନା କିଛି ଗୋଟାଏ ରାହା ମିଳିଯିବ । କିନ୍ତୁ ତୁ କ'ଣ ··· ··· ?

କୁହ ପିଉସୀ, ମୁଁ କ'ଣ କରି ପାରିବି ଏଥିପାଇଁ ? ନିଶିଗନ୍ଧାର ଅନୁନୟ କଣ୍ଠରେ ଅସହାୟତାର ପ୍ରଶ୍ନ ।

Digitized by srujanika@gmail.com

କ'ଣ କରିପାରିବ ? ସେକଥା ପୁଣି ମୋତେ ମୁହଁ ଖୋଲି କହିବାକୁ ହେବ ? ବାପ ତ ସୁନ୍ଦରୀଙ୍କୁ ଜନ୍ମ କରିଛନ୍ତି ବୋଲି ଗର୍ବରେ ଫାଟିପଡ଼ୁଥିଲେ । କୋଉ ବି ଅକ୍ଷର ପାଠଶାଠ ପଢ଼ାଇଛନ୍ତି ଯେ ଧାଇଁଯାଇ ଚାକିରି କରିବୁ ।

ଥାଉ ପିଉସୀ । ମୋ ଆଗରେ ବାପାଙ୍କୁ ଆଉ ଅସମ୍ମାନ କରନ୍ତୁ । ମୁଁ ବରଂ ତୁମ କଥା ମାନିନେଇ··· ··· ···

ସେଇକଥା ତ ମୁଁ ସେଦିନରୁ କହୁଛି । ଆଗରୁ ଯଦି ଏକଥା ତୁ ଚିନ୍ତା କରିଥାନ୍ତୁ, ଆମର ଅବସ୍ଥା ଆଜି ଏପରି ହୋଇନଥାନ୍ତା । ନେ', ଏ ଶହେଟଙ୍କା ତାହାଲେ ରଖ । ନିଜେ ସରପଞ୍ଚ ଚନ୍ଦ୍ରଚୂଡ଼ ରାୟ ନ୍ୟେଧୁରୀ ଏ ଟଙ୍କା ପଠାଇଛନ୍ତି । ନିର୍ଦ୍ଦିଷ୍ଟ ସମୟରେ ସେ ଆସି ପହଞ୍ଚିବେ ।

ଅନୁସନ୍ଧାନ ଆଶାନେଇ ଏକ ଅହେତୁକ ଆନନ୍ଦରେ ଆତ୍ମବିଭୋର ହୋଇ ଏକଥା କହି କହି ନେଇ ପିଉସୀ ବାହାରକୁ ଚାଲିଗଲା ।

ମଣିଗନ୍ଧାର ଆଖିରେ ପୁଣି ଅଶ୍ରୁର ବନ୍ୟା ପ୍ରଖର ପ୍ରବାହ ସୃଷ୍ଟି କରି ତାର ଦୁଇ ପୁଷ୍ଟ କପୋଳକୁ ଚହଲାଇ ଦେଉଥିଲା । ନାରୀର ମନ ଅତୀତ ପାଇଁ ଯେତିକି ବ୍ୟାକୁଳ, ଭବିଷ୍ୟତ ପାଇଁ ଯେତିକି ଆଶାଭରା ବର୍ତ୍ତମାନ ପାଇଁ ମଧ୍ୟ ସେତିକି ସମସ୍ୟା ବହୁଳ ।

ମଣିଗନ୍ଧାର ମନେ ପଡ଼ୁଥିଲା ଅତୀତ ଜୀବନର କଥାସବୁ । ଯାହା ଏବେ ବି ମନ ମୁକୁରରେ ଆପଣା ଛାଏଁ ପ୍ରତିବିମ୍ବିତ ହୋଇଉଠୁଛି ଚଳଚିତ୍ରର କାହାଣୀ ପରି ।

ଗରିବ ପରିବାରରେ ଜନ୍ମ ହୋଇଥିଲେ ବି ବାପ ମା' ତାକୁ ଖୁବ୍ ସ୍ନେହ କରୁଥିଲେ । କଥାପ୍ରସଙ୍ଗରେ କେତେବେଳେ କେମିତି ମଧ୍ୟ ଗାଁର କେହି ଆସି ଆବେଗ କମ୍ପିତ ସ୍ୱରରେ କହି ପକାଉଥିଲେ, ମଣିଗନ୍ଧା ଏକା ତୋର ଝିଅ ନୁହେଁ; ସେ ସାକ୍ଷାତ ଲକ୍ଷ୍ମୀ ଠାକୁରାଣୀଟିଏ । ସେ ଯାହା ଘରକୁ ବୋହୁ ହୋଇଯିବ ଅନ୍ଧାର ଘରେ ଆଲୁଅ ପରି ସବୁଦିନକୁ ତା ଘରକୁ ଆଲୋକିତ କରୁଥିବ ।

Digitized by srujanika@gmail.com

ସେତେବେଳେ ଗାଁ ଲୋକଙ୍କଠାର ଏକଥା ଶୁଣି ନିଶିଗନ୍ଧାର ପାଦ ଗର୍ବରେ ତଳେ ଲାଗୁନଥିଲା । କେଉଁ ଝିଅ ବା ଅନ୍ୟଠାରୁ ନିଜର ପ୍ରଶଂସା ଶୁଣିଲେ ଗର୍ବ ଅନୁଭବ ନକରେ !

ନିଶିଗନ୍ଧା ଭାବୁଥିଲା, ସବୁ ଗର୍ବ, ସବୁ ଅହମିକା ଆଜିତାର ଧୂଳିଘର ପରି କ୍ଷଣକ ଭିତରେ ଭାଙ୍ଗି ଧ୍ୱଂସ ବିଧ୍ୱସ୍ତ ହୋଇଯାଇଛି । ସମସ୍ତଙ୍କ ଆଖିରେ ସେ ଆଜି ଅଲକ୍ଷଣୀ ପରି ବୈଧବ୍ୟ ଯନ୍ତ୍ରଣାରେ ଆର୍ତ୍ତଚିତ୍କାର କରୁଛି ।

କାନ୍ଥରେ ଝୁଲୁଥିବା ତାର ସ୍ୱାମୀଙ୍କର ଫଟୋଟିକୁ ସକରୁଣ ଦୃଷ୍ଟିରେ ଚାହିଁ ସେ ଯେମିତି ମନେ ମନେ ପ୍ରଶ୍ନ କରୁଥିଲା, ତମେ କ'ଣ ଚାହିଁଥିଲ ତମ ଆଦରର ନିଶିଗନ୍ଧା ଏମିତି ଦୁନିଆ ଆଖିରେ କଳୁଷିତା ହେଉ ! ତମେ କ'ଣ ଚାହିଁଥିଲ, ତମେ ଯାହାକୁ ସ୍ନେହରେ ନିଶି ବୋଲି ଡାକୁଥିଲ, ସେ ଏମିତି ଦୁର୍ଦ୍ଦିନରେ ପଡ଼ି ନାରୀର ସଂଗୁପ୍ତ ସଂପତ୍ତିଟି, ଯାହାକୁ ସେ କେବଳ ଜୀବନସାଥୀ ଜଣକ ପାଇଁ ସାଇତି ରଖିଥାଏ, ତାକୁ ଭୋଗପସରା ପରି ସାମାନ୍ୟ କେଇଟା ଟଙ୍କା ବିନିମୟରେ ଅନ୍ୟର ପାଦତଳେ ବାଢ଼ିଦେବା ପାଇଁ ! ତମେ ମୋର ଇହକାଳ ପରକାଳର ଆରାଧ୍ୟ ଦେବତା । ଜୀବିତ ହେଉ କି ମୃତ ହେଉ, ସ୍ତ୍ରୀ ପକ୍ଷେ ତାର ସ୍ୱାମୀ ସେବା ସବୁ ଧର୍ମଠାରୁ ଶ୍ରେଷ୍ଠ ଧର୍ମ ବୋଲି ଆମର ସନାତନ ଧର୍ମ କହେ । ତଥାପି ମୁଁ ଆଜି ନିରୁପାୟ । ତମେ ମତେ ଏକାକିନୀ କରି ଛାଡ଼ିଗଲା ପରେ ତମ ନେଡ଼ା ପିଉସୀର ଲୋଲୁପ ଦୃଷ୍ଟି ମୋର ଏ ଦେହଟା ଉପରେ । ତାକୁ ହିଁ ପାଥେୟ କରି ସେ କିଛି ଅର୍ଥ ଚାହେଁ । କିନ୍ତୁ ସେ କ'ଣ ଜାଣେ ଏ ଦେହ ଫୁଲଟା ମୋର ରଙ୍ଗଯୁକ୍ତ ହେଲେ ହେଁ ସେ ଆଜି ବାସ୍ନାହୀନ ହୋଇ ପଡ଼ିଛି ବୋଲି ?

ଅବଶ୍ୟ ଫୁଲଟିଏ ଫୁଟିଲେ ତାର ବାସ୍ନା ଥାଏ । ସେହି ବାସ୍ନା ଶୁଂଘି ଶୁଙ୍ଘି ଅନେକ ଭ୍ରମର ଉଡ଼ିଆସନ୍ତି । ହେଲେ ସବୁ ଭ୍ରମର କ'ଣ ଉପଯୁକ୍ତ ପ୍ରେମିକ ଭାବରେ ମଧୁପାନ କରିବାର ସୁଯୋଗ ପାଆନ୍ତି ? ବୋଧହୁଏ ନାହିଁ । କାରଣ ପ୍ରଥମ ଭ୍ରମର ହିଁ ଆକଣ୍ଠ ପ୍ରେମ କରି ମଧୁ ଶୋଷଣ କରିନିଏ । ଠିକ୍ ସେମିତି ତମେ ମୋର ସେ ମଧୁ ଟିକକ ସେଦିନ ପ୍ରଥମ ରାତିର ଚୁମ୍ବନରେ ହିଁ ଶୋଷି ନେଇଛ । ତମେ ଅବଶ୍ୟ ଭୁଲିଯାଇଥିବ । ମୋର କିନ୍ତୁ ମନେ ଅଛି ।

Digitized by srujanika@gmail.com

ଜୀବନର ସେ ପ୍ରଥମ ସ୍ୱାଦଟା ସତରେ କେତେ ରୋମାଞ୍ଚକର ତାହା ପ୍ରେମ କରିଥିବା ଅଥବା ବିବାହ କରିଥିବା ପ୍ରତ୍ୟେକ ଝିଅ ବି ମନେ ରଖିଥିବେ ସବୁ ଦିନ ପାଇଁ ।

ତୁମକୁ ମୋ ରାଣ । ମୋ ଉପରେ ରାଗିବନି । ତୁମ ଅନୁପସ୍ଥିତିରେ ନେଡି ପିଉସୀର ଇଚ୍ଛାକୁ ପୂରଣ କରିବା କୁଳବଧୂ ହିସାବରେ ମୋର କ'ଣ କର୍ତ୍ତବ୍ୟ ନୁହେଁ ?

ମୋତେ ଭୁଲ ବୁଝିବନି । ମୁଁ ତୁମକୁ ଅବମାନନା କରୁନି । ବରଂ କର୍ତ୍ତବ୍ୟ ବୋଧ ପାଇଁ ନେଡି ପିଉସୀର ମୁହଁରେ ଗଣ୍ଡିଏ ଦାନା ଦେବା ପାଇଁ ମୁଁ ଆଗନ୍ତୁକ ଜଣଙ୍କର ଅଭିସାରିକା ଭାବରେ ନିଜକୁ ପ୍ରସ୍ତୁତ କରି ନେଇଛି । ତୁମେ ମୋର ଦେବତା, ମୁଁ ତୁମର ଦେବଦାସୀ । ମୋତେ ତେଣୁ କ୍ଷମା କରି ଦେବ ।

ଦୁଇ ଆୟତ ଚକ୍ଷୁରୁ ଅଶ୍ରୁ ଅଞ୍ଜଳି ଭରି ତା ପରମ ଆରାଧ୍ୟ ସ୍ୱାମୀ ଦେବତାଙ୍କ ଫଟୋଟି ଉଦ୍ଦେଶ୍ୟରେ ଗୋଟିଏ ସଭକ୍ତି ପ୍ରଣାମ ଜଣାଇଲା ନଣିଗନ୍ଧା ।

ଅଦୂର ଦେବାଳୟରୁ ଦୁଇ କବାଟ ପଡ଼ିବାର ଶବ୍ଦରେ ସେତେବେଳର ଶାନ୍ତ ପରିବେଶଟା କ୍ଷଣିକ ଉତ୍ତେଜନାରେ ଯେମିତି ମୁହୂର୍ତ୍ତକ ପାଇଁ ସ୍ୱର ମୁଖର ହୋଇ ଉଠିଲା ।

ଭସା ଭସା ଦୁଇ ଆସକ୍ତ ନୟନରେ ବାହାରକୁ ଅନାଇଲା ନଣିଗନ୍ଧା । ପୃଥିବୀ ପୃଷ୍ଠରେ ଶାନ୍ତ ଶୀତଳ ଶରୀର ନିଶବ୍ଦ ରଜନୀ ଗଳୁଛି । ବ୍ୟଥିତ ହୃଦୟ, ଦୋଦୁଲ୍ୟମାନ ପଦକ୍ଷେପରେ ବାହାରକୁ ଆସିଲା, ସେ ଡାକବଙ୍ଗଳାର ଗୃହ ଉପରେ ଜଳୁଥିବା ବିଜୁଳି ବତୀର ଶୁଭ୍ର ଆଲୋକ ଉଦ୍ଦେଶ୍ୟରେ ସେ ଚାଲିବାକୁ ଆରମ୍ଭ କଲା । ପଛରେ କେତୋଟି ମାତ୍ର ପାଦଚିହ୍ନ ଛାଡ଼ି ସେ ଯାଇ ପହଞ୍ଚିଲା ଦୁଇ ନମ୍ବର ପ୍ରକୋଷ୍ଠରେ । ଘରଟି ସେ ପର୍ଯ୍ୟନ୍ତ ଜନଶୂନ୍ୟ ଥିଲେ ବି ସୁପରିକଳ୍ପିତ ଭାବରେ ଯେମିତି ଆଗରୁ ସବୁ

Digitized by srujanika@gmail.com

କରୁଛି ପ୍ରସ୍ତୁତ ହୋଇ ରହିଛି । ଉପରେ ଘୂରୁଥିବା ବଜୁଳି ପଙ୍ଖାର ପକ୍ଷ ମଦ୍ଧତ ସମତାଳ ଗତିରେ ତାର ଆଖି ଦୁଇଟା ମଧ ଘୂରିବୁଲିଲା, ସେ ଘର ଚାରି କାନ୍ଥ ଉପରେ । ଦେଖିଲା କେତେ ଜଣ ରାଷ୍ଟ୍ରନାୟକ, ଯୁଗସ୍ରଷ୍ଟା ମହାମାନବଙ୍କ ଫଟୋ ଟଙ୍ଗା ହୋଇଛି । ତନ୍ମଧ୍ୟରେ ସବୁଠୁ ଆକର୍ଷଣୀୟ ଥିଲା ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ଏକ ତୈଳଚିତ୍ର ।

ମନରେ ତାର ଭାବାନ୍ତର ସୃଷ୍ଟି ହେଲା । ଭାବୁଥିଲା ନଶିଗନ୍ଧା, ସ୍ୱରାଜ୍ୟ ଗଠନ ପାଇଁ ବ୍ରିଟିଶମାନଙ୍କ ଠାରୁ ଲାଠି ମାଡ ଖାଇ ଦେଶକୁ ପରା-ଧୀନତା ଶୃଙ୍ଖଳରୁ ମୁକ୍ତ କଲେ ଏଇମାନେ । ମନରେ ମଧ ଭରି ରହିଥିଲା । ସୁଦୁର ପ୍ରସାରି ଅଭିପ୍ସା, ପରି କଳ୍ପିତ ସୁନାର ଭାରତକୁ ଧାମ ରାଜ୍ୟରେ ପରିଣତ କରିବା ପାଇଁ ।

କିନ୍ତୁ ହେଲା କ'ଣ ? ଆଜ ଏଠାରେ କେବଳ ରାବଣମାନେ ହିଁ ପଦ-ଚାରଣ କରୁଛନ୍ତି । ସେମାନଙ୍କ ଠାରେ ନାହିଁ । ଅଛି ସମ୍ବେଦନ ଶୀଳତା, ନାହିଁ । ଅଛି ମଣିଷ ପ୍ରତି ସାଧାରଣ ଆନୁଗତ୍ୟ ।

ସେତିକବେଳେ ଡାକବଙ୍ଗଳାର ଫାଟକ ଅତିକ୍ରମ କରି ଗୋଟିଏ ମଟର ସାଇକେଲ ହେଡଲାଇଟ ପକାଇ ମାଡ଼ି ଆସିଲା । ନଶିଗନ୍ଧା ଅନ୍ୟମନସ୍କ ଭାବେ ବାହାରକୁ ଦୃଷ୍ଟି ନିକ୍ଷେପ କଲା ।

ଗାଡ଼ିର ଷ୍ଟାର୍ଟ ବନ୍ଦକରି ସହାସ୍ୟ ବଦନରେ ଆଗେଇ ଆସିଲେ ସରପଞ୍ଚ ଚନ୍ଦ୍ରଚୂଡ଼ ରାୟଚୌଧୁରୀ ।

ଜଣେ ନାରୀର ସାଧାରଣ ସମ୍ଭ୍ରମତାରେ କିଛିଟା ଅପ୍ରତିଭ ହୋଇ-ପଡ଼ିଲା ନଶିଗନ୍ଧା । ସନ୍ଧ୍ୟେଯେମିତି ମ୍ରିୟମାଣ କେଉଁ ଏକ ବରିଷ୍ଣୀ ଗାଳ-କରି ଆଜ ଅଭୂତପୂର୍ବ ଶାଳୀନତାରେ ସର୍ବତୋ ଭାବେ ଅବନମିତ ହୋଇପଡ଼ିଛି ।

କକ୍ଷ ମଧ୍ୟରେ ଏମିତି ଆନତ ଆନନା ନଶିଗନ୍ଧାକୁ ଦେଖି ସରପଞ୍ଚ ରାୟଚୌଧୁରୀ ବଶମ୍ବଦ କଣ୍ଠରେ କହିଲେ, ଏଥିରେ ଲଜ୍ଜା କରିବାର

Digitized by srujanika@gmail.com

କ'ଣ ଅଛି ? ବରଂ ଜୀବନକୁ ଉପଭୋଗ କରି ନେବାରେ ହିଁ ମଣିଷ ପରମତୃପ୍ତି ଲାଭ କରେ ସେଇଥିପାଇଁ ମୁଁ ଆଜ ··· ···

ନିଶିଗନ୍ଧା କିଛି ଉତ୍ତର ଦେଇ ପାରୁ ନଥିଲେ ବି ଠିକ୍ ଅନୁଭବ କରୁଥିଲା । ନାରୀ ରୂପ ଲେଖି ଜଣେ ନର ରାକ୍ଷସର ହାତର ସ୍ପର୍ଶ ପାଇଁ ତା ଦେହର ଶାଢ଼ୀଟା ଯେମିତି ସ୍ଥାନଚ୍ୟୁତ ହେବାକୁ ଯାଉଛି । ନିସ୍ତେଜ ଗୋଟିଏ ବନହଂସୀ ପରି ସେ ବେଡ଼ ଉପରେ ଶୋଇଥିଲେ ହେଁ ଅସ୍ତଗାମୀ ସୂର୍ଯ୍ୟ ପରି ଈର୍ଷ୍ୟକ ଦୃଷ୍ଟିରେ ଚାହିଁ ରହିଥିଲା ସେଇ ଗୋଟିଏ ଆଡ଼କୁ । ସରପଞ୍ଚ ବାପୁ ଚୌଧୁରୀ ଆପାଦ ମସ୍ତକ ତାର ଦେହ ଉପରେ ଅନେକ ପ୍ରକାର ଶବ୍ଦ ଆଙ୍କି ଚାଲିଥିଲେ ।

ହଠାତ ଚିତ୍କାର କରି ଉଠିଲା ନିଶିଗନ୍ଧା । ସେ ଠିକ୍ ବୁଝି ପାରୁଥିଲା ସରପଞ୍ଚଙ୍କ ଉଦ୍ଦେଶ୍ୟଟା । କାରଣ ତାର ଅର୍ଦ୍ଧନଗ୍ନ ଦେହଟା ଉପରେ ସରପଞ୍ଚଙ୍କ ବଳିଷ୍ଠ ହାତଟା କିଛି ସମୟ ପାଇଁ ଅଟକି ଯାଇଥିଲା ତା କଟୀ ପ୍ରଦେଶକୁ ଆଚ୍ଛନ୍ନ କରି ରଖିଥିବା ଶାୟାର ମଧ୍ୟ ଭାଗରେ ।

ନିଶିଗନ୍ଧା ଆଉ ନୀରବ ରହି ପାରିଲାନି । ଭୟ ଜନିତ ଆବେଗ କମ୍ପିତ କଣ୍ଠରେ କହି ଉଠିଲା, ଦେଖନ୍ତୁ ଆଜ୍ଞା ! ଆପଣଙ୍କ ଠାରୁ ଟଙ୍କା ନେଇଛି । ପ୍ରେମ କରିବି । କିନ୍ତୁ ସଂପୂର୍ଣ୍ଣ ଉଲଗ୍ନ ହୋଇ ପାରିବିନି ।

ସରପଞ୍ଚ ବାପୁ ଚୌଧୁରୀ ନିଶିଗନ୍ଧା ଠାରୁ ଏପରି କଥା ଶୁଣିବାକୁ ବୋଧହୁଏ ପ୍ରସ୍ତୁତ ନଥିଲେ । ତେଣୁ ଚାପା କଣ୍ଠରେ କହିଲେ, ଜୀବନକୁ ଉପଭୋଗ କରିବାକୁ ହେଲେ ସେଥିପାଇଁ କିଛି ତ୍ୟାଗ ଦରକାର । ତୁମ ସ୍ୱାମୀ ଯଦି ଆଜି ବଞ୍ଚିଥାନ୍ତେ, ଏମିତି ଦିନେ ଅଧେ ନୁହେଁ, ପ୍ରାୟ ପ୍ରତି ରାତିରେ··· ···

ସ୍ତ୍ରୀର ଦେହ ଉପରେ ସ୍ୱାମୀର ସମସ୍ତ ପ୍ରକାର ସାମାଜିକ ଅଧିକାର ଥାଏ । ମାତ୍ର ଯିଏ ତାର ଦେହାକୁ ଉପଭୋଗ କରେ, ସେମାନେ ସମସ୍ତେ କଦାପି ତାର ସ୍ୱାମୀ ହୋଇ ପାରନ୍ତିନି । ଆପଣଙ୍କ ପରି ହୃଦୟହୀନ ଲୋକ

Digitized by srujanika@gmail.com

କେଉଁଠୁ ବା ବୁଝିବ ଏହାର ମୂଲ୍ୟ । ନାରୀର ନାରୀତ୍ୱକୁ, ଫୁଲର ସୁବାସକୁ, ଶିଶୁର ହସକୁ କେହି କେବେ ଟଙ୍କା ଦେଇ କିଣି ପାରେନା । ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିବାର ଦାବି ଦେଇ ଯେଉଁମାନେ ଆପଣଙ୍କ ପରି ନାରୀର ଦେହକୁ ବଜାରର ପଣ୍ୟଦ୍ରବ୍ୟ ବୋଲି ମନେକରନ୍ତି, ସେମାନଙ୍କୁ କେହି କ'ଣ କେବେ ମଣିଷ ବୋଲି କହେ ? ଯିଏ ମଣିଷ ପଦବାଚ୍ୟ ନୁହେଁ, ତାର ବା ହୃଦୟ ଆସିବ କୁଆଡୁ, ଦୁନିଆରେ କ'ଣ ବା ସେ ଜାଣି ପାରେ ?

ଏଇମାନଙ୍କୁ ତ ପୁଣି ଲୋକେ ବିପୁଳ ସମ୍ବର୍ଦ୍ଧନା ଦେଇଥାନ୍ତି । ଦେଶ ଗଠନର ଫାଙ୍କା ଧୂଆଁ ବାଣ ମାରି ଏଇମାନେ ଲୋକଙ୍କ ଚକ୍ଷୁ ଚପି, ନାରୀଧର୍ଷଣ କରି ସମାଜରେ ସଂସ୍କାର ନାମରେ କୁସଂସ୍କାରକୁ ଆମନ୍ତ୍ରଣ କରି ଆଣିଥାନ୍ତି ।

କିଛିକ୍ଷଣ ପାଇଁ ଚନ୍ଦ୍ରଚୂଡ ରାୟ ଚୌଧୁରୀ ଯେମିତି ବାଚନ ଶକ୍ତି ହରାଇ ବସିଛନ୍ତି । ତାଙ୍କର ଉତ୍ତରାର୍ଦ୍ଧ ବୟସର ନିର୍ବୀର୍ଯ୍ୟ ପୌରୁଷ ସତେ ଯେମିତି ଶତଧିକ୍କାର କରୁଥିଲା । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱକୁ ।

କହିଲେ ସେ, ତୁମର ନିଷ୍କଳଙ୍କ ଚରିତ୍ରବଳ ଓ ମାର୍ଜିତ ମତାମତ ବାସ୍ତବରେ ଆଦର୍ଶବାଦର ପରିଚୟ ଦେଉଛି ନଳିନୀ । ସେଇଥିପାଇଁ ତ ନାରୀର ଆଦର୍ଶକୁ ନେଇ ଏ ସମାଜ ତା ଗନ୍ତବ୍ୟପଥରେ ଗତିଶୀଳ ।

ଆଉ ଅଧିକ ଶୁଣିବାର ସମୟ ବୋଧହୁଏ ନଥିଲା ନଳିନୀର । ପୂର୍ବାକାଶରେ କୁଆଁ ତାରାଟି ଉଠି ଆସି ଯେମିତି ସରପଞ୍ଚ ଚନ୍ଦ୍ରଚୂଡ ରାୟ ଚୌଧୁରୀଙ୍କ କଥାକୁ ଶୁଣିବା ପାଇଁ ଆକାଶରେ ରହି କାନ ଡେରି ଦେଇଥିଲା ।

ମଟର ସାଇକେଲଟା ପୁଣି ହେଡ଼ ଲାଇଟ ସାଜସଜ୍ଜାରେ ମିଶିଗଲା । ନଳିନୀ ବଜ୍ରମୂର୍ତ୍ତି ଗତିରେ ଜ୍ୱଳଜ୍ୱଳ ଯାଇ ପହଞ୍ଚିଲା ଘରେ । ସ୍ୱାମୀ ନଳିକାନ୍ତଙ୍କ ସେହି ଫଟୋଚିତ୍ର ଉଦ୍ଦେଶ୍ୟରେ ଆଜି ଗୋଟିଏ ସଶ୍ରଦ୍ଧ ପ୍ରଣତି ଜଣାଉ ଥିଲା ସେ ।

—୦—

Digitized by srujanika@gmail.com

ଟର୍ଣ୍ଣାଡୋ

ବାହାରେ ପ୍ରବଳ ବର୍ଷା । ଲାଗି ରହିଛି ଦୀର୍ଘ ଦୁଇ ଘଣ୍ଟା ଧରି । ପୃଥିବୀଟାକୁ ବି କଳା ଅନ୍ଧାର ଜାବୁଡ଼ି ଧରିଛି ତାର ଅଗଣିତ ହାତ ମୁଠାରେ । ଅସରାଏ ବର୍ଷା ବର୍ଷିଗଲା ପରି ରତନବାବୁଙ୍କ ସାରା ପରିବାର ଲୋକଙ୍କ ଆଖିରୁ ବର୍ଷିଗଲା ଲୁଣିଆ ଲୁହର କେଇଧାର ସ୍ରୋତ । କଥାଟା ଯଦିଓ ସେ ପର୍ଯ୍ୟନ୍ତ ଗାଁ ବାଲା କାନକୁ ଯାଇନଥିଲା, ତଥାପି ମୀନାର ମା' କାନ୍ଦାକାଟି ଲୋଟି ପଡ଼ୁଥିଲେ ମୀନା ଦେହ ଉପରେ । ସତେଯେମିତି ତାଙ୍କର ସେ ବୁକୁଫଟା କ୍ରନ୍ଦନର ଆର୍ତ୍ତସ୍ୱର ଗାଁ ବାଲାଙ୍କୁ କ୍ରମଶ ଡାକ ଆଣି ତାଙ୍କ ଘର ଅଗଣାରେ ପହଞ୍ଚାଇ ଦେଉଥିଲା । ରତନବାବୁଙ୍କ ଆଖିରେ ଲୁହଗୁଡ଼ାକ ପାରଦ କଣା ପରି ଟଳଟଳ ହୋଇ ଯେମିତି ଲୁଚି ଯାଉଥିଲେ ଆଖିକୋଣରେ । ଜଣେ ପୁରୁଷ ତଥା ଘରର ମୁଖ୍ୟ କର୍ତ୍ତା ଭାବରେ ଧୈର୍ଯ୍ୟ ଧରିବାକୁ ହେବ । ବର୍ଷାଟା ତଥାପି କମିବାକୁ ନାହିଁ । ହୁଏତ ସେ ବି ଏତିକବେଳେ ଦାଉ ସାଧୁଛି ତାଙ୍କ ଉପରେ ।

ବିଦ୍ୟୁତ ସରବରାହରେ ଅନେକ କଣ୍ଟ୍ରୁ ପରିବର୍ତ୍ତନ ହୋଇଯାଇଛି । ମୀନାର ମୁଣ୍ଡ ଉପରେ ଜଳୁଥିବା ଲଣ୍ଠନର ଝାପ୍‌ସା ଆଲୋକରେ ବାହାରକୁ ଅନାଇଲେ ରତନବାବୁ । ଦୁଆରବନ୍ଧକୁ ଆଉଜା ବସିଛି ଚାକର, ସନିଆ । ରତନବାବୁ ଠିକ୍ ଲକ୍ଷ୍ୟ କରି ପାରୁଥିଲେ ତା' ଗାଲ ଉପରେ ବି ଲୁହର କେଇଟି ପାଣିଆ ଗାର ଚକ୍ ଚକ୍ କରୁଛି ।

କହିଲେ ସେ, ତୁ ବି କାନ୍ଦୁଛୁ ସନାତନ ! ହେଲେ ଶକ୍ତି ପାଇଲେ ଲକ୍ଷ୍ମଣ ହତ । କାନ୍ଦିବାର ବେଳ ଏ ନୁହେଁ । ମଣିଷର ଦୁର୍ଦ୍ଦିନ ବେଳେ ଭାଗ୍ୟରେ ଏହିପରି ବିପଦ ଆସିଥାଏ । ତୁ ଟିକେ ଏଇଠି ବସିଥା' । ମୁଁ ଯାଉଛି ଆଉ କେଇଜଣ ଗାଁ ବାଲା ଭାଇସାଇଙ୍କି ଡ଼ାକ ଆଣେ । ଯେତେ ଅସୁବିଧା ହେଉ ପଛେ ସତାସତି କାମଟା ବଢ଼ାଇବାକୁ ହେବ ।

ହାତରେ ଟର୍ଚ୍ଚ ଧରି ଗୋଟିଏ ମାତ୍ର ଫର୍ଦ୍ଦ ସରଳରେଖା ଟାଣି ବାହାରିଗଲେ ରତନବାବୁ । ଆଉ ଟିକେ ଆଗକୁ ଢୁଙ୍କିଯାଇ ମୀନାର

Digitized by srujanika@gmail.com

ଶଯ୍ୟା ଧାରକୁ ଲାଗି ବସିଲା ସଜନୀ । କ୍ଷଣେ କାଳ ଦୁଇ ଅପଲକ ନୟନରେ ଅନାଇ ରହିଲା ମୀନାର ଚେତା ପଡ଼ିଯାଇଥିବା ପାଣ୍ଡୁର ବର୍ଣ୍ଣର ମୁହଁକୁ । ଆଖିରେ ତାର ପୁଣି ଲୁହ ଜକେଇ ଆସିଲା । ମୀନାର କୃଷ୍ଣ ବହଳ ରେଶମୀ କେଶ ଗୁଡ଼ାକ ତା ମୁହଁ ଉପରକୁ ଝୁଲି ପଡ଼ିଲେ, ପୂର୍ବେ ଯେମିତି ଗୋଟିଏ ଲତା ଗହଳ ଫୁଟାଫୁଲ ପରି ଦିଶୁଥିଲା, ତାହା ଆଜି ବିବର୍ଣ୍ଣ । ସତେ ଅବା ଝରି ପଡ଼ୁଛି ତାର ସୁରଭି ସୁଷମା ହସଇ । ନୀଳ ସମୁଦ୍ର ପରି ଯେଉଁ ପୋଟଳା ଚିରା ଆଖିରେ ଦିନେ ଅଗଣିତ ଲହରୀ ପ୍ରେମର ବିଜ୍ଞାପନା ପଡ଼ୁଥିଲା, ସେଥିରେ ଆଜି ଭଟ୍ଟା ପଡ଼ିଯାଇଛି । ନାହିଁ ସେଥିରେ ପୂର୍ବର ଚଞ୍ଚଳତା ଅବା ଗୋଟିଏ ଯୌବନମୟୀ ଝିଅର ସଜଫୁଟା ତନୁପୁଷ୍ପର ଟିକିଏ ହେଲେ ଅଙ୍ଗବାସ୍ନା ।

ମୀନା ସୁନ୍ଦରୀ ଝିଅଟିଏ ଥିଲା ବୋଲି କେତେ ଲୋକଙ୍କ ଆଖି ତାର ପିଛା କରୁଥିଲା । କେତେ ରୂପଲୋଭୀ ପୁରୁଷ ଧାଇଁ ଆସି ଦେଖେଇଲା ପରି ପଦେ କଥା କହିବାକୁ ଚେଷ୍ଟା କରୁଥିଲେ । ଅଥବା ପରିଚିତ ଅପରିଚିତ ନିର୍ବିଶେଷରେ ରତନବାବୁଙ୍କୁ ଜୁହାରଟାଏ କରି ପିଣ୍ଡାକୁ ଉଠୁଥିଲେ ।

ତଥାପି ମୀନାର ଜୀବନରେ ରହିଯାଇଥିଲା ଅନେକ କିଛି ଅପୂରଣୀୟ । ଯଦିଓ ତା ମନରେ ଥିଲା ଜୀବନକୁ ଉପଭୋଗ କରିବାକୁ ଅଦମ୍ୟ ଲାଳସା । ତାର ଯୌବନ ସ୍ନାତ ଅଙ୍ଗରେଖା ଭିତରେ ଥିବା ନାରୀତ୍ୱ ବହୁ ଦିନ ପୂର୍ବୁ ଗୁମୁରି ଗୁମୁରି ଖୋଜି ବୁଲୁଥିଲା ଜଣେ ପୁରୁଷ ଠାରୁ ସଂସାର ସୁଖରେ ପାଇବା ପାଇଁ ଟିକେ ଉଷ୍ମ ସାନିଧ ।

ଅବଶ୍ୟ ସବୁ ଝିଅ ଏଇ ଯୌବନ ସମୟରେ ଏମିତି ଅହେତୁକ ଚିନ୍ତା ଚେତନା ଭିତରେ ନିଜକୁ ବୁଡ଼ାଇ ରଖି ଦେହ ମନକୁ ରୋମାଞ୍ଚିତ କରିବାରେ ଅନେକ ସ୍ୱନ୍ତର ନିସଙ୍ଗ ଯନ୍ତ୍ରଣା ଅନୁଭବ କରିଥାନ୍ତି ।

ମାତ୍ର ମୀନା ପକ୍ଷରେ ଏ ସବୁ ଥିଲା ସତେ ଯେମିତି ତାର ଭାଗ୍ୟର ବିଡ଼ମ୍ବନା ।

Digitized by srujanika@gmail.com

ମୀନାର ମୁହଁ ଉପରକୁ ଲୋଟି ପଡ଼ିଥିବା ଅଲଗା କେଶ ଗୁଡ଼ାକୁ ଆଡେଇ ଆଣିଲା ସନିଆ । ତାର ଦୁଇ ରକ୍ତହୀନ ହଳଦିଆ ଗାଲ ଉପରେ ଥରେ ଆସ୍ତେ ଆସ୍ତେ ହାତ ବୁଲାଇ ଆଣିଲା । ତାପରେ ମୀନାର ଗୁଣ୍ଡ ଉପରେ ପଡ଼ି ରହିଥିବା ଲାଠି-କଠିନ ଡ଼ାହାଣ ହାତଟିକୁ ଉଠାଇ ଆଣି ତାର ଦୁଇ ହାତ ପାପୁଲି ଭିତରେ ଗୁପି ଧରି ଆଙ୍କି ଦେଲା ଗୋଟିଏ ଶୁଷ୍କ ଚୁମ୍ବନ । ସେଇ ମାତ୍ର ଶେଷ ଗୋଟିଏ ଚୁମ୍ବନ ଭିତରେ ସତେ ଯେମିତି ତା ମନର ପ୍ରେମ, ପ୍ରଣୟ, ଭଲପାଇବାର ସବୁ ନିର୍ଯ୍ୟାସ ଏକାଠି ହୋଇ ତା ଆଗରୁ ଲୁହ ଆକାରରେ ଝର ଝର ମୀନାର କୁଞ୍ଚିତ କପାଳକୁ ଭିଜାଇ ଦେଇଥିଲା ।

ସେଇ ଲୁହ ପଖଳା କାନ୍ଦୁରା ମନ ତାର ଆପେ ଆପେ ଯେମିତି କହି ପକାଉଥିଲା — ଏ ତୁମେ କ'ଣ କଲ ମୀନା ଦେଇ ? ବଞ୍ଚି ରହିଥିଲେ ତ ଏତ ସବୁ ଝଡ଼ଝଞ୍ଜା ମୁଁ ତୁମ ପାଇଁ ସହି ନେଇଥାନ୍ତି ଦୁନିଆର ସମ୍ମୁଖୀନ ହୋଇ । ଆଉ କିଛି ପାରିବିନି । ଏ ଦୁନିଆରେ ମୋର ବି ଆଉ ସ୍ଥାନ ନାହିଁ । ମୁଁ ଆଜି ଠାରୁ·········

ବର୍ଷା ଗୁଡ଼ ନଥାଏ । କାହାରିକୁ କିଛି ନକହି, ଥରୁଟିଏ ପଛକୁ ନଚାହିଁ, ସିଧା ସକଳ ନଦୀ ବନ୍ଧର ଅନ୍ଧାର ଭିତରେ ମିଶିଗଲା ସନିଆ ।

ସହିର କଳା ଚକ ଗୁଡ଼ିକ ଗଡ଼ି ଚାଲିଛି ତାର ଦୀର୍ଘ ପଥରେ । ଗାଁରୁ ସବୁ ଭାଇମାନଙ୍କୁ ଡ଼ାକି ଆଣି ଦରଭଙ୍ଗା ଦେହରେ ଘର ଭିତରକୁ ପଶି ଆସିଲେ ରତନ ବାବୁ । ଲଣ୍ଠନଟା ଜଳୁଛି ସେହିପରି । ପାଖରେ ସନିଆ ନାହିଁ । ମୀନାର ମୃତ ଦେହଟା ପଡ଼ି ରହିଛି ବିଛଣାରେ । ମା' ତାର ଗୋଡ ପାଖକୁ ବସି ଯେମିତି କିଛି ଅନୁସନ୍ଧାନ କଲାଭଳି ମୀନାର ଗୋଡ ଠାରୁ ମୁଣ୍ଡ ପର୍ଯ୍ୟନ୍ତ ନିରୀକ୍ଷଣ କରୁଛି ।

ବାଡ଼ ପଟର ସକଳା ଗଛରୁ ଶୁଣାଯାଉଛି ଦୁଇଟି ପେଚାର କର୍କଶ, ଛନ୍ଦହୀନ ସ୍ୱର । ଯେମିତି ଉଭୟଙ୍କ ମଧ୍ୟରେ ତୁମୁଳ ବାକ୍ ଯୁଦ୍ଧ ଆରମ୍ଭ ହୋଇଯାଇଛି । ମୀନାର ମୁଣ୍ଡ ଉପରକୁ ବସି ଥରେ ତାର ମୁହଁକୁ

Digitized by srujanika@gmail.com

ଅନାଇଲେ ରତନବାବୁ । ସବୁ ନୀରବ ନିଷ୍ପନ୍ଦ । ତଥାପି ଯେମିତି ଗୋଟିଏ ଅପୂର୍ଣ୍ଣାଙ୍ଗ ଜୀବନର ଅନେକ ଅତୃପ୍ତ ଭାଷା ଫୁଟି ପୁଣି ମଉଳି ଯାଉଛି ଯେଇଠି ।

...ଝିଅଟିକୁ ଯେବେ ସେ ଜବାବ ଦେଇଥାନ୍ତେ । ପ୍ରଭାତର ପୁଷ୍ପ ପରି ହସି ହସି କୋଳକୁ ତାର ଅସିଆନ୍ତେ ପିଲା କେଇଟି । ତାଙ୍କର ଦୋବେଟି ଭାଷା ଶୁଣି, ତାଙ୍କର ଅଳ ଅଝଟ ସବୁ ମନ ତାର ପୂରି ଉଠିଥାନ୍ତା, ସେ ହୋଇଥାନ୍ତା ଜନନୀ ନାରୀ ଜନ୍ମ ତାର ସାର୍ଥକ ହୋଇଥାନ୍ତା । ତା ଜୀବନର ଅଧାଲେଖା ଅଧ୍ୟାୟକୁ ପୂର୍ଣ୍ଣାଙ୍ଗ କରିବାପାଇଁ ସେଇମାନଙ୍କୁ ନେଇ ସେ ସେପରେ ଅତନ୍ତ ଗୋଟିଏ ଶ୍ରେଷ୍ଠ ସଂସାର ଗଢ଼ି ପାରିଥାନ୍ତା ।

ଅଭେଦ୍ୟ ଅନ୍ଧକାର ପରି ନାରୀ ମନକୁ ଭେଦ କରିବା ଯଦ୍ୟପି ପୁରୁଷ ଶକ୍ତିର ବାହାରେ, ତଥାପି କେଉଁ ବାପ ମା’ ତାର ଝିଅକୁ ବଧୂବେଶରେ ଅଥବା ଜନନୀ ବେଶରେ ଦେଖିବାକୁ ନ ଚାହେଁ ?

ଦାଣ୍ଡରେ କୁକୁରଟାଏ ଭୁକୁଛି କ ଗୋଟାଏ ଅସ୍ୱାଭାବିକ କାନ୍ଦୁରା କଣ୍ଠରେ ।

ରତନବାବୁଙ୍କ ମନରୁ ଭାବନାର ଖିଅଟା ହଠାତ୍ ହଜିଗଲା ଯେଇଠି । ସତେଯେମିତି ଅପ୍ରସ୍ତୁତ ହୋଇପଡ଼ିଲେ ସେ । ଦୁଇ ଉଦାସ ଆଖିରେ ଥରେ ଅନାଇଲେ କଳାଶାଢ଼ୀ ପିନ୍ଧିଥିବା ମେଘ ମେଦୁରିତ ଆକାଶକୁ । ରାତି ପାହିବାକୁ ହୁଏତ ଆଉ ବେଶୀ ବେଳ ନାହିଁ । ଭୟରେ ହେଉ ବା ଦୁଃଖରେ ହେଉ, କାହିଁକି କେଜାଣି ଆଖି ଦୁଇଟି ତାଙ୍କର ପୁଣି ଫେରି ଆସିଲା ସେଇଠିକି । ଯେଉଁଠି ଗୋଟିଏ ସଜଫୁଟା ଫୁଲ ଅସମୟରେ ମଉଳି ଝରି ପଡ଼ିଥିଲା ପୃଥିବୀ ଉପରକୁ ।

ଆଖି କୋଣରେ ଜକେଇ ଆସୁଥିବା ଅଶ୍ରୁକଣାକୁ ଗାମୁଛାରେ ପୋଛୁ ପୋଛୁ ପାଖରେ ବସିଥିବା ଗାଁର ଭାଇ ମାନଙ୍କୁ କହିଲେ ରତନବାବୁ;

Digitized by srujanika@gmail.com

ତୁଳାନିର୍ମିତ ମୋଟା ବିଛଣାରେ ଯାହା ଆଖିକୁ ନିଦ ଆସୁ ନଥିଲା, ସେ ଆଜି ଠାରୁ ନିଜ ଇଚ୍ଛାରେ ଧୂଳି ଶଯ୍ୟାକୁ ବରଣ କରିନେଲା ।

ବସିଥିବା ଗାଁ ଲୋକମାନଙ୍କ ଆଖି ଗୁଡ଼ିକ ମଧ୍ୟ ପାଣିଚିଆ ପରି ଦିଶୁଥିଲା କିନ୍ତୁ ସମସ୍ତେ ଏମିତି ଖୁବ୍ ନୀରବ ନିସ୍ପନ୍ଦ ଭାବରେ ବସିଗଲେ । ପିଣ୍ଡାର କଣ ପାଖର ଖୁଣ୍ଟକୁ ଆଉଜି ବସିଥିବା ଜଣେ ବୃଦ୍ଧ ଶୋକାକୁଳ କଣ୍ଠରେ କହି ଉଠିଲେ, ସେ କଥା ଚିନ୍ତା କରି ଆଉ ଲାଭ କ'ଣ ରତନ ? ଯିଏ ଆମର ନୁହେଁ, ସିଏ କ'ଣ ସବୁଦିନ ପାଇଁ ଆମର ହୋଇପାରନ୍ତା ? ହୁଏତ ରାତି ପାହିଗଲେ ଆମକୁ ଆହୁରି ଅସୁବିଧା ହୋଇପାରେ । ଖଚୁଆ ମିଛୁଆଙ୍କ ସଂଖ୍ୟା ଏ ଯୁଗରେ କମ୍ ନୁହେଁ । ବେଶୀ ଡେରି କରି ଆଉ ଲାଭ ନାହିଁ ।

ମାତ୍ର କେତୋଟି ମୁହୂର୍ତ୍ତ ଭିତରେ ମୀନାର ମୃତ ଦେହଟାକୁ ଶୋଇଥିବା ସେଇ ହେଁସ ମିଶା ବିଛଣାରେ ଗୁଡ଼ାଇ ବାନ୍ଧି ଦିଆଗଲା ।

ମୀନାର ମା' କାନ୍ଦି କାନ୍ଦି ଆକାଶ ଫଟାଉଥିଲେ ମୀନାର ଶବାଧାରରେ ମୁଣ୍ଡପିଟି । କେତେ ଥର ମୂର୍ଚ୍ଛା ଯାଇ ମୀନାର ଶବ ଉପରେ ଲୋଟି ପଡ଼ୁଥିଲେବି ଆଖିରୁ ତାଙ୍କର ଲୁହଧାର ବନ୍ଦ ହୋଇ ନଥିଲା । ବହୁ ଶାନ୍ତ୍ୱନା, ପ୍ରବୋଧନା ପରେ ଗ୍ରାମବାସୀ ମାନେ ମୀନାର ଶବକୁ ବୋହି ନେଇଗଲେ ଗାଁର ଦୂର ଟୋଟାମାଳ ତଳକୁ ।

ଲଣ୍ଠନଟା ଜଳୁଥିଲା ସେହିପରି । ମୀନାର ସାନ ଭଉଣୀ ତା ମା' ପାଖରେ ବସି ଅଶ୍ରୁସ୍ନାନ କରୁଥିଲା । କାହିଁକି କେଜାଣି, ହଠାତ୍ ଆଖି ତୋଳି ଟିକିଏ, ଆଗକୁ ଅନାଇଦେଲା । ଦେଖିଲା, ଖଣ୍ଡେ କାଗଜ ଭଙ୍ଗା ହୋଇ ପଡ଼ିଛି ସେଇଠି, ଯେଉଁଠି ଟିକିଏ ପୂର୍ବରୁ ତା ବଡ଼ ଭଉଣୀର ମୃତ ଦେହଟାକୁ ଆଲିଙ୍ଗନ କରି ଶୋଇଥିଲା ସେ ଅଶୁଭ ଶଯ୍ୟାଟା । ଅନ୍ୟ ମନସ୍କ ଭାବେ ସୀନା ସେଇଟାକୁ ଉଠାଇ ଆଣି ଖୋଲି ପକାଇଲା । ଆଶ୍ଚର୍ଯ୍ୟର

Digitized by srujanika@gmail.com

ସୀମା ରହିଲା ନାହିଁ ତାର । ସେଇଟି ସାଧାରଣ ଖଣ୍ଡିଏ କାଗଜ ନୁହେଁ-ତା ଭଉଣୀର ସ୍ୱହସ୍ତ ଲିଖିତ ଖଣ୍ଡେ ଚିଠି ।

ସେଥିରେ ଲେଖାଥିଲା,...

ବୋଉଲୋ...ମୋ ପାଇଁ କାନ୍ଦିବୁନି । କାନ୍ଦିଲେ ବି କିଛି ଲାଭ ହେବନି । ଅନ୍ୟବେଳେ, ତୁଏତ ମୋତେ ବିବାହ ଦେଇ ଶାଶୂ ଘରକୁ ବିଦାୟ ଦେଉଥିଲାବେଳେ ତୁ ଯେବେ କାନ୍ଦିଥାନ୍ତୁ, ମୁଁ କଦାପି ଧୈର୍ଯ୍ୟ ଧରି ପାରି ନଥାନ୍ତି । ନିଶ୍ଚୟ ଦୌଡ଼ି ଯାଇ 'ବୋଉ' 'ବୋଉ' କହି ତୋତେ କୁଣ୍ଢାଇ ପକାଇଥାନ୍ତି । ହେଲେ ଆଜି ଆଉ ତାହା ସମ୍ଭବ ନୁହେଁ । କାରଣ ମୁଁ ତୋ ଠାରୁ ବହୁ ଦୂରକୁ ଚାଲି ଯାଉଛି । ମୁଁ ଜାଣେ ବୋଉ ତୁ ନିଶ୍ଚୟ ମୋତେ ଦୋଷି କରିବୁ । ମୁଁ ଭୁଲ୍ କରିଛି ବୋଲି ଲୋକଙ୍କ ପାଖରେ କହି ବୁଲିବୁ । ହେଲେ ତା ପୂର୍ବରୁ ତୁ ଥରେ ଚିନ୍ତା କରିବୁ ବୋଉ, ତୁ ବି ଦିନେ ମୋ'ରି ପରି ଝିଅଟିଏ ଥିଲୁ । କେତେ ଆଶା, କେତେ କଳ୍ପନା, ଭବିଷ୍ୟତ ସୁଖ ସ୍ୱପ୍ନର କେତେ ଅସରନ୍ତି କାମନା ଭିତରେ ତୋର ଦିନ ବିତିଥିବ ।

ବୟସ ହୋଇଗଲେ ସବୁ ଝିଅ ବି ଏଇ ପଥରେ ପାଦ ଦିଅନ୍ତି । ମୁହଁ ଖୋଲି କିନ୍ତୁ କାହାକୁ କିଛି କହି ପାରନ୍ତିନି ।

ତୁ ତ ଦେଖିଥିବୁ ବୋଉ, ଆମରି ଗାଁରେ ମୋରି ଆଗରେ ଲଙ୍ଗଳା ହୋଇ ନାଚୁଥିବା ଝିଅ ଆଜି ଶାଶୁଘରେ ବୋହୂ ହେଲେଣି । ତାଙ୍କର ଅଝଟିଆ ପୁଅକୁ ଅସୁରୁଣୀ ଗପ କହି କୋଳରେ ଶୁଆଇ ପକାଇବାକୁ ଅଭ୍ୟାସ କଲେଣି । କିନ୍ତୁ ମୁଁ କ'ଣ ଏତେ ଅଭାଗିନୀ ? ସେ ଦିନଟା ମୋ ପାଇଁ ଏତେ ପଛରେ ରହି ଯାଇଛି ? ଝିଅ ସବୁ କଥା ତାର ମା' ଆଗରେ ହିଁ କହିଥାଏ । ତେଣୁ ମୁଁ ଲେଖୁଛି । ବୁଝିବାକୁ ଚେଷ୍ଟା କରିବୁ—କାନ୍ଦିବୁନି ।

ମୋ ମୁଣ୍ଡ ଉପର ଦେଇ ଆଜିକୁ ଛବିଶଟି ବସନ୍ତ ବିତିଗଲାଣି । କେତେ ମେଘ ଅନ୍ଧାର ରାତିର ନିସଙ୍ଗତା କେତେ ଶୀତଋତୁର ହିମଶୀତଳ

Digitized by srujanika@gmail.com

ଶଯ୍ୟାର ବୁକୁଥର ଏକାଗ୍ରତା କେତେ ସୁଖ ଦୁଃଖ, ହସ କାନ୍ଦ ଭିତରେ ଜୀବନକୁ ଗତି ଆଜ ପର୍ଯ୍ୟନ୍ତ ସବୁ ସହି ଆସିଥିଲି । ସହି ପାରିଲିନି କିନ୍ତୁ ଗୋଟିଏ କଥା । ସବୁ ଝିଅ ପ୍ରାୟ ଏହିପରି ହୋଇଥିବେ । ସମସ୍ତେ ହୁଏତ ସହି ପାରୁ ନଥିବେ ସେଇଟାକୁ । ଯେଉଁଟା ହେଉଛି ରକ୍ତର ଡାକ, ମାଂସର କ୍ଷୁଧା, ଆଉ ବୟସର ଚଞ୍ଚଳତା । ଝିଅକୁ ତୋର ଭୁଲ ବୁଝିବୁନି ଲୋ ବୋଉ ! ସେ ଯାହା କରିଛି ନିଜ ପାଇଁ ।

ବାପା ଅବଶ୍ୟ ମୋତେ ବିବାହ ଦେବା ପ୍ରସଙ୍ଗରେ କେତେକଙ୍କ ପାଖରେ ଫୁଟିକିଆ ଘର୍ଦ୍ଧ ପ୍ରସ୍ତର ଏକ ବିସ୍ତୃତ ତାଲିକା ଦେଇ ଆସିଛନ୍ତି । କିନ୍ତୁ ସେ କ'ଣ ଥରେ ହେଲେ ବୁଝିବାକୁ ଚେଷ୍ଟା କରିଛନ୍ତି ତାଙ୍କ ମୀନାର ମନ କଥା ? ମୋତେ ନହେଲେ ବି ତୋତେ କ'ଣ ଅନ୍ତତ ଦିନକ ପାଇଁ ପଚାରିଛନ୍ତି ମୋ ବିଷୟ ନେଇ ।

ମୁଁ ବାପାଙ୍କୁ ଦୋଷ ଦେଉନି ବୋଉ । ଏକଥା କହି ଅଯଥା ତାଙ୍କ ମନରେ ଦୁଃଖ ଦେବୁନି । ଆଜିର ଯୌତୁକ ପ୍ରଧାନ ଯୁଗରେ ମୋଟା ଅଙ୍କରେ ଗସ୍ତାଖର୍ଚ୍ଚ, ଆନୁସଙ୍ଗିକ ଆସୁଅଳଙ୍କାର ସଙ୍ଗାକୁ ଅନ୍ୟାନ୍ୟ ଉପକରଣ ସବୁ ନ ହେଲେ, କନ୍ୟାପିତାମାନେ ଝିଅକୁ ବିବାହ ଦେଇ ପାରିବେନି । ଆଉ ନିଜର ଅବସ୍ଥିତି ଠାରୁ କମ୍ ସ୍ୱଳ୍ପବିତ୍ତ ପରିବାରରେ ଝିଅକୁ ବିବାହ ଦେଲେ ଏ ଯୁଗର ବାପାମାନଙ୍କର କୁଆଡେ ସମ୍ମାନ ରହିବନି ।

ତୁ ନିଜେ ଚିନ୍ତା କରିବୁ ବୋଉ । ଏ ଦୁନିଆ ଗୃହିଁଲା ଧନ, ବାପା ଗୃହିଁଲେ ସମ୍ମାନ । ଆଉ ଝିଅର ବୟସ ବଢ଼ି ଚାଲିଲା ଆଗକୁ ।

ମୁଁ ଅନେକ ଥର ଲକ୍ଷ୍ୟ କରିଛି ବୋଉ, ମୋ ବିଷୟ ନେଇ ବାପାଙ୍କ ପାଖରେ ତୁ ବାରଂବାର ପଦ୍ ତୋଳା ଡାକିଛୁ । ବାପା କିନ୍ତୁ ସବୁଥିରେ ନିର୍ବିକାର । କାରଣ ସେ ଗରିବ । ଝିଅକୁ ବିବାହ ଦେଲାଭଳି ଆବଶ୍ୟକୀୟ ଅର୍ଥ ତାଙ୍କ ପାଖରେ ନାହିଁ । ଗରିବ ଘରେ ଜନ୍ମ ହେବା ତାହେଲେ କ'ଣ ଦୁନିଆରେ ଏତେ ବଡ଼ ପାପ ? ଅଉ ଗରିବ ଘରର ଲୋକ ବଡ଼ ଆଶା ରଖି ଏମିତି ହାହୁତାଶରେ ଜୀବନ କଟାଇବା କ'ଣ ପାପ ନୁହେଁ ? ?

Digitized by srujanika@gmail.com

ମଣିଷ ଚେଷ୍ଟା କଲେ ହୁଏତ ତାର ଦେହର ଭୋକକୁ କେତେକାଂଶରେ ପ୍ରଶମିତ କରିପାରେ । କିନ୍ତୁ ଯେତେ ଚେଷ୍ଟା କଲେ ବି ତାର ମନର ଭୋକକୁ ସେ ଆଦୌ ଅବସନ କରିପାରେନା । ଆଜିର ସ୍ୱାର୍ଥାନ୍ଧ ଅର୍ଥଲୋଭୀ ଦୁନିଆକୁ, ବାପାଙ୍କର ସମ୍ମାନକୁ ଓ ପରିବାରର ଭବିଷ୍ୟତକୁ ଡରି ଆଜିଯାଏ ମୁଁ ସବୁ ସହି ଆସିଥିଲି । ସେଦିନ କିନ୍ତୁ ସହି ପାରିନଥିଲି ।

ମୋତେ କ୍ଷମା କରିବୁ ବୋଉ ।. ତୋର ଝିଅ ମୀନା ହୁଏତ ସବୁକଥା ଭାବି ପାରୁଥିଲା । କିନ୍ତୁ ତା ଗୁଣ୍ଠିତଳେ ମୁଣ୍ଡ ପିଟୁଥିବା ଅନ୍ଧାର ଇଚ୍ଛାଗୁଡ଼ିକ ଆଦୌ କିଛି ଭାବି ପାରିନଥିଲା । ଫଳରେ ସେଦିନ ଶ୍ରାବଣର ଏକ ବର୍ଷଣ ମୁଖର ଅନ୍ଧାର ରାତି ମୋ ମନରେ କୋଟି କାମନାର ଧାସ୍ର ଜାଳି ମୋର ସର୍ବନାଶ କରି ବସିଲା । ଏକ ଅସହ୍ୟ ଯନ୍ତ୍ରଣାରେ ସେଦିନର ଶୀତୁଆ ଶଯ୍ୟାଟା ମୋତେ କଣ୍ଟକିତ ବୋଧ ହେଲା । ମୁଁ ଆଦୌ ସହିପାରିଲିନି । ବାଧ୍ୟହୋଇ ମୋ ଶଯ୍ୟାଉପରକୁ ଡାକି ଆଣିଥିଲି ଶଙ୍କର-ସନିଆକୁ ।

ଦୀର୍ଘ ଦିନର କାମନା, ଶୋଳିଏ ଉତ୍ତର ବର୍ଷୀୟା କୁମାରୀ ଝିଅର ଭୋକିଲା ମନ ସେଇ କେତୋଟି ମୁହୂର୍ତ୍ତ ଭିତରେ ପରମ ତୃପ୍ତି ଲଭିକଲା ସତ, କିନ୍ତୁ ଆଖି ଖୋଲି ଦେଖିଲି, ମୋର ଆଗାମୀ ଦିନଗୁଡ଼ାକୁ ମୁଠା ମୁଠା କଳା ଅନ୍ଧାର ଯେମିତି ତାର ହାତ ମୁଠାରେ ଜାବୁଡ଼ି ଧରିଛି ।

ମୋତେ ଭୁଲ୍ ବୁଝିବୁନି ବୋଉ ! ସବୁ ଝିଅ ହୁଏତ ଯୁବତୀ ବୟସରେ ଗୋଟିଏ ଯୁବକ ପାଖରେ ନିଜ ମନଟିକୁ ବନ୍ଧା ପକାଇଦିଅନ୍ତି । ଲୁଚି ଲୁଚି ବେଳେବେଳେ ଚିଠି ଲେଖନ୍ତି ଆଉ ସୁବିଧା ପାଇଲେ ଖୁବ୍ ସନ୍ତର୍ପଣରେ ନିର୍ଜନ ସ୍ଥାନରେ କେତେ କ'ଣ ଖୁସିଗପ କରନ୍ତି ।

ସେଇଟାକୁ ଲୋକେ କହନ୍ତି ଭଲପାଇବା ବା ପ୍ରେମ । ସେଥିରେ ମହତ୍ତ୍ୱ ଥାଏ । ଦୁନିଆ ମଧ୍ୟ ବେଳେବେଳେ ପୁରସ୍କୃତ କରେ ।

କିନ୍ତୁ ମୋପରି କାମନା-ଦଗ୍ଧ ଉତ୍ତର ବର୍ଷୀୟା ଝିଅମାନେ ବଡ଼ସାନ, ଜାତିଅଜାତି, ଶଙ୍କର ପୂଜାରୀର ବାଛ-ବିଚାର କରନ୍ତିନି । କାରଣ ଦେହର

Digitized by srujanika@gmail.com

ମିଳନ ଓ ମନର ଭଲପାଇବା କଦାପି ଏକା କଥା ନୁହେଁ । ଆମର ମନଟା ତ ବସ୍ତୁସର ଆଧିକ୍ୟ ହେତୁ ଏକରକମ ମରିଯାଇଥାଏ । ତେଣୁ ଦେହର ପ୍ରାଧାନ୍ୟତା ଆମ ପାଖରେ ବେଶୀ ।

ବୋଉଲୋ ! ମୋର ଏଇ କଳଙ୍କିତ କର୍ମର ପ୍ରାୟଶ୍ଚିତ ପାଇଁ ମୁଁ ଆଜ ଆତ୍ମହତ୍ୟା କରୁଛି । ଦୁନିଆ ଏତିକି ବୁଝୁ, ତା ଆଖିରେ କେଉଁଟା ବଡ । ଧନ, ସମ୍ମାନ ନା ଗୋଟିଏ ଆଶାୟୁଗ୍ମୀ କୁମାରୀ ଝିଅର ଅତୃପ୍ତ ମନ ।

ମୋ ପାଇଁ କାନ୍ଦିବୁନି ବୋଉ । ବାପାଙ୍କୁ ବୁଝାଇଦେବୁ ସେ ମୋପାଇଁ ମନ ଦୁଃଖ କରିବେନି । ମିନାକୁ କହିବୁ, ସେ ପାରିବତ ଭଲପାଇ ଶିଖିବ । କିନ୍ତୁ ମୋ ପରି ହୋଇ ଜୀବନକୁ ଅଯଥା ନଷ୍ଟ କରିବନି ।

ରହିଲି—ତୋର ହତଭାଗିନୀ ଝିଅ

ମୀନା ,

ଚିଠିଟିକୁ ସମ୍ପୂର୍ଣ୍ଣ କରିବାକୁ ମିନାର ହୃଏତ ଧୈର୍ଯ୍ୟ ନଥିଲା । ଆଖିରୁ ଗଙ୍ଗା ଯମୁନାର ବନ୍ୟାଧାର ଛୁଟାଇ ମା' ଡାର ଅନାଇଥିଲା ମିନାର ମୁହଁକୁ । ଦୁଇଟି ଚକିତ ବା ଭୟାର୍ତ୍ତ କାନ୍ଦୁରା ଆଖି ସତେଯେମିତି ଅଶ୍ରୁସ୍ନାନ କରି ଶୀତେଇ ଯାଉଥିଲା ।

ରାତି ପାହି ଆସୁଛି । କେଉଁଠି କେମିତି ଚଢେଇମାନେ ନିଜସ୍ୱ ସ୍ୱରରେ ଉଷା ବନ୍ଦନା ପଢିବାକୁ ଆରମ୍ଭ କରିଦେଲେଣି । ସେହି ଲୁହ ପଗଳା ଝାପସା ଆଖିରେ ବାହାରକୁ ଅନାଇଲା ମିନା । ଦେଖିଲା ଦରଜଳା ସିଗାରେଟର କୁହୁଳା ଧୂଆଁ ପରି ତା ଭଉଣୀର ଉପାସ୍ଥିତ ଜୁଇଆଉ କଳା ଧୂଆଁର କେଇଟି ଦରଭଙ୍ଗା କୁଣ୍ଡଳୀ ପବନରେ ଉଡିଆସି ତାଙ୍କ ଦାଣ୍ଡ ଆଗର ନଡିଆ ଗଛରେ ଆଶ୍ରୟ ନେଉଛନ୍ତି । ସେଠାରେ ଆଉ ସେ ବସିନପାରି ବାହାରକୁ ଉଠି ଆସିଲା ।

ମନେ ମନେ ଭାବୁଥିଲା ସେ, ପରିବାରରେ ଝିଅଟିଏ ହୋଇ ଜନ୍ମ ହୋଇଥିଲେ ବି ତା ଭଉଣୀ ପାଇଁ ଆଜ ସବୁକିଛି ଓଲଟ ପାଲଟ ହୋଇ-

Digitized by srujanika@gmail.com

ଯାଇଛି । ପ୍ରଭାତର ସୂର୍ଯ୍ୟ ଉଦୟ ନହେଉଣୁ ସେ ଯେମିତି ଫୁଲଟିଏ ହୋଇ-ଫୁଟିଥିଲା, ସେହିପରି ସୂର୍ଯ୍ୟ ଅସ୍ତ ନହେଉଣୁ ଅକାଳରେ ଝରି ପଡ଼ିଲା ବୃନ୍ତଚ୍ୟୁତ ହୋଇ ।

ପ୍ରଭାତର ଶିଶୁ ସୂର୍ଯ୍ୟ ସେତେବେଳକୁ ପୃଥିବୀର ବକ୍ଷ ଉପରେ ମୁହଁ ରଖି ଘାସ ଫଳକରୁ ଶିଶିର କଣା ଶୋଷଣ କରୁଥିଲେ । ଠିକ୍ ମା' ସ୍ତନରୁ କ୍ଷୀର ଶୋଷଣ କରୁଥିବା ଗୋଟିଏ ସ୍ତନନ୍ଧୟ ଶିଶୁ ପରି ।

ଶବବାହକମାନେ କିଛି ଗୋଟିଏ ଛାଡ଼ି ଆସିଲା ପରି ଅନୁଭବ କରି ଦୁଃଖ କରେ ଫେରି ଆସୁଥିଲେ ଗାଁ ଆଡ଼କୁ ।

ନଈପଠାର କାଶତଣ୍ଡି ପରି ଶୋଭିତ ବିଶାଳ ବଉଳଗଛର ଓହଳ ପତ୍ର ଶାଖାରେ ବସି ସନଆ ଅନାଇ ରହିଥିଲା ସେଇଆଡ଼େ, ଯେଉଁଠି ସର୍ବଗ୍ରାସୀ ଅଗ୍ନିର ଲେଲିହାନ ଶିଖା ନିମିଷକ ମଧ୍ୟରେ ତାର ଅତି ଆପଣାର ମୀନା ଦେଈର ଫୁଲ ପରି ସତେଜ ସୁନ୍ଦର ଦେହଟାକୁ ତାଠାରୁ ଛଡ଼ାଇ ନେଇ ନିଜ କୋଳରେ ଧୂଆଁ ଘୋଡ଼ାଇ ଶୁଆଇ ପକାଇଥିଲା ।

ସନଆର ଦୁଇ ଆଖିରୁ ଦୁଇଧାର ଲୁହ ଗଡ଼ି ଶୁଖି ଯାଇଥିଲା ତା' ଚକ୍କଣ କଳା ଗାଲ ଉପରେ ।

—୦—

Digitized by srujanika@gmail.com